

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 APRIL 2021

Vol.No. 32 ■ No. 101 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା

■ ହସ୍ପିଟାଲରେ ଅଧିକ ଶଯ୍ୟା ସହ ଅକ୍ସିଜେନ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ

■ ଫେରିବେ ପ୍ରବାସୀ, ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୦/୦୪ (ନି.ପ୍ର): କରୋନା ଯୋଗୁଁ ଦେଶର ବିଭିନ୍ନ ସହରରେ ଲକ୍ ଡାଉନ୍, ଶଟ୍ ଡାଉନ୍ ଲାଗୁ ହେଉଥିବାରୁ ପ୍ରବାସୀ ଶ୍ରମିକମାନେ ଘରକୁ ଫେରିପାରନ୍ତି। ସେଥିପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାସହ ଅମ୍ଳଯାନ ବ୍ୟବସ୍ଥା ଓ ଅଧିକ ସଂଖ୍ୟକ ଶଯ୍ୟାର ବନ୍ଦୋବସ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଦିନ କୋଭିଡ୍ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, କୋଭିଡର ଦ୍ୱିତୀୟ ଲହରରେ ବିଭିନ୍ନ ରାଜ୍ୟ ଓ ସହର ମାନଙ୍କରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗୁରୁତର ଚାପରେ ରହିଛି। ଓଡିଶାରେ ମଧ୍ୟ ଗତ କିଛି ଦିନ ଧରି କୋଭିଡ ସଂଖ୍ୟାରେ ବୃଦ୍ଧି ହେଉଛି। ଆମର ପୂର୍ବ ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ଯୋଗୁ ଆମେ ଅନେକ ମାତ୍ରାରେ ପରିସ୍ଥିତିକୁ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ପରିଚଳିତ କରିପାରିଛୁ। ତେବେ ଆମକୁ ସବୁଠାରୁ ଖରାପ ପରିସ୍ଥିତି ର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ ଏବଂ ସମସ୍ତ ରୋଗୀ ଯେପରି ସମ୍ମାନର ସହିତ ଚିକିତ୍ସା ପାଇବେ, ଏବଂ ପ୍ରତ୍ୟେକ ଜୀବନକୁ ଆମେ ଯେପରି ବଂଚାଇପାରିବା, ସେଥିପାଇଁ ▶▶ପୃଷ୍ଠା ୭

## ପରୀକ୍ଷା ସମ୍ପର୍କରେ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ନବୀନ ନିବାସ ସମ୍ମୁଖରେ ଛାତ୍ରଛାତ୍ରୀ



ଭୁବନେଶ୍ୱର,୨୦/୦୪ (ନି.ପ୍ର): ପରୀକ୍ଷା ସମ୍ପର୍କରେ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ନବୀନ ନିବାସ ସାମନାରେ ଧାରଣା ଦେଇଛନ୍ତି । ମନ୍ତ୍ରୀଙ୍କ ପାଖରୁ ସନ୍ତୋଷଜନକ ଉତର ନପାଇବାରୁ ସେମାନେ ଧାରଣା ଦେଇଥିବା ଜଣା ପଡିଛି । ଧାରଣା ଦେଇଥିବା ଏହି ସ୍କୁଲ ଛାତ୍ରଛାତ୍ରୀ କହିଛନ୍ତି ଯେ ଯଦି ସିବିଏସଇ ପିଲାଙ୍କ ପରୀକ୍ଷା ବାତିଲ କରାଯାଉଛି, ତାହେଲେ ଆମର ପରୀକ୍ଷା କାହିଁକି ବାତିଲ କରାଯିବନାହିଁ। ସରକାର ତାଙ୍କ ଭବିଷ୍ୟତ ସହିତ ସରକାର ଖେଳ ଖେଳୁଛନ୍ତି । ସେମାନେ କହିଛନ୍ତି ଯେ ଗଣଶିକ୍ଷା ମନ୍ତ୍ରୀଙ୍କ ପାଖକୁ ଦାବି ଜଣାଇବା ପାଇଁ ଯାଇଥିଲେ କିନ୍ତୁ କୌଣସି ସନ୍ତୋଷଜନକ ଉତର ମିଳିଲା ନାହିଁ । ଆସନ୍ତା ଦିନରେ ଯଦି ତାଙ୍କର ଦାବି ପୂରଣ ନହୁଏ, ତାହେଲେ ରାଜରାସ୍ତାରେ ଏମିତି ବସି ରହିବୁ ବୋଲି ଛାତ୍ରଛାତ୍ରୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଡିଏଲ ଓ ଲର୍ଣ୍ଣିଂ ଟେଷ୍ଟ ବାତିଲ

ଭୁବନେଶ୍ୱର,୨୦/୦୪ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ଡ୍ରାଇଭିଂ ଲାଇସେନ୍ସ ଓ ଲର୍ଣ୍ଣିଂ ଲାଇସେନ୍ସ ଟେଷ୍ଟକୁ ବାତିଲ କରିଛି ରାଜ୍ୟ ପରିବହନ ବିଭାଗ। ଆସନ୍ତା ୨୨ ତାରିଖରୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବିଭିନ୍ନ ଆରଟିଓରେ ହେବାକୁ ଥିବା ଡ୍ରାଇଭିଂ ଲାଇସେନ୍ସ ଓ ଲର୍ଣ୍ଣିଂ ଲାଇସେନ୍ସ ଟେଷ୍ଟକୁ ବାତିଲ କରାଯାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । ଏ ବାବଦରେ ସୋସିଆଲ ମିଡ଼ିଆରେ ଲୋକଙ୍କୁ ସୂଚିତ କରିବାକୁ ପରିବହନ ବିଭାଗ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ହସ୍ପିଟାଲ ପାଇଁ ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର,୨୦/୦୪ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ହସ୍ପିଟାଲ ପାଇଁ ଗାଇଡଲାଇନ ଜାରି କଲେ ରାଜ୍ୟ ସରକାର। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲ ପାଇଁ ଜାରି ହୋଇଛି ଏହି ଗାଇଡଲାଇନ। ମେଡିକାଲ ଯେମିତି ହଟସ୍ପଟ ନପାଲଟିବ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ପ୍ରତ୍ୟେକ ହସ୍ପିଟାଲରେ ଅଲଗା ଜ୍ୱର ଓ ଆଇସୋଲେସନ କ୍ଲିନିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ଆସୁଥିବା ସବୁ ଲୋକଙ୍କ ସ୍କ୍ରିନିଂ କରାଯିବାକୁ ନିର୍ଦ୍ଦେଶ। ଏହାଛଡ଼ା ପର୍ଯ୍ୟନ୍ତ ହାତଧୁଆ ବ୍ୟବସ୍ଥା ଓ ସାନିଟାଇଜର ରଖିବାକୁ ଗାଇଡ୍‌ଲାଇନ୍ ରେ ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି। ସେହିପରି ହସ୍ପିଟାଲର କୌଣସି ସେକ୍ସନରୁ ପଜିଟିଭ ବାହାରିଲେ ତୁରନ୍ତ ବନ୍ଦ କରାଯିବ। ଉକ୍ତ ସେକ୍ସନର ଅନ୍ୟ ରୋଗୀଙ୍କୁ ଅନ୍ୟତ୍ର ନିଆଯିବ, ରୁମ୍ ଖାଲି କରାଯିବ। ରୁମ୍ ସାନିଟାଇଜ କରାଯାଇ ୨୪ ଘଂଟା ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିନା ଭକ୍ତରେ ହେଲା ରୁକୁଣା ରଥଯାତ୍ରା

ଭୁବନେଶ୍ୱର,୨୦/୦୪ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ପ୍ରଭୁ ଶ୍ରୀଲିଙ୍ଗରାଜ ଯାତ୍ରା ଆରମ୍ଭ କରି ଗୋଷଗୋରେଶ୍ୱର ଛକରେ ଅଟକିଛନ୍ତି। ଆସନ୍ତାକାଲି ପୁଣି ଥରେ ରଥ ଟଣାଯିବ। ରଥରେ ପ୍ରଭୁ ଲିଙ୍ଗରାଜ, ଦେବୀ ରୁକ୍ମିଣୀ ଓ ପ୍ରଭୁ ବାସୁଦେବ (ଦୋଳଗୋବିନ୍ଦ) ବିରାଜମାନ କରିଛନ୍ତି। ରୁକୁଣା ରଥକୁ ସାଧାରଣ ଭକ୍ତମାନେ ଘର ଛାତ ଓ ବାଲକୋନିରେ ଥାଇ ଦେଖୁଥିବା ବେଳେ ସେବାୟତ ଓ କର୍ମଚାରୀମାନେ ରଥ ଟାଣିଥିଲେ। କୋଭିଡ-୧୯ କଟକଣା ଯୋଗୁଁ ଚଳିତ ଥର ମଧ୍ୟ ବିନା ଭକ୍ତରେ ରୁକୁଣା ରଥଯାତ୍ରା ଆୟୋଜନ ହୋଇଛି। କୋଭିଡ୍ ନେଗେଟିଭ୍ ଆସିଥିବା ସେବାୟତଙ୍କୁ ଏଥିରେ ▶▶ପୃଷ୍ଠା ୭

## ପୁରା ରାଜ୍ୟରେ ଲକଡାଉନ୍ ଘୋଷଣା କଲେ ଛତିଶଗଡ ମୁଖ୍ୟମନ୍ତ୍ରୀ

### ଜରୁରୀ ସେବା ବ୍ୟତୀତ ଅନ୍ୟ ସବୁ ସେବା ବନ୍ଦ



ଛତିଶଗଡ,୨୦/୦୪ (ନି.ପ୍ର): ଛତିଶଗଡରେ କରୋନା ସଂକ୍ରମଣ ଏବେ ଅନିୟନ୍ତ୍ରିତ ଅବସ୍ଥାରେ ପହଂଚିଯାଇଛି । ଏହାକୁ ନଜରରେ ରଖି ରାଜ୍ୟ ସରକାର ପୁରା ରାଜ୍ୟରେ ସମ୍ପୂର୍ଣ୍ଣ ଲକଡାଉନ ଘୋଷଣା କରିଛନ୍ତି । ହେଲେ ସବୁ ଜିଲ୍ଲାରେ ଅଲଗା ଅଲଗା ତାରିଖରେ ଲକଡାଉନ ଘୋଷଣା କରାଯାଇଛି । ଶେଷ ସୂଚନା ମୁତାବକ ସୁକମା ଜିଲ୍ଲାରେ ଲକଡାଉନ୍ ଘୋଷଣା କରାଯାଇଛି । ସୁକମାରେ ଆଜି ସନ୍ଧ୍ୟା ୬ ଟା ଠାରୁ ମେ ପହିଲା ସକାଳ ୭ ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକଡାଉନ୍ ଘୋଷଣା କରାଯାଉଛି । ଏହି ସମୟରେ ମେଡିକାଲ ଓ ଅନ୍ୟ ଅତ୍ୟାବଶ୍ୟକ ସେବା ଚାଲୁ ରହିବ । ଏହା ପୂର୍ବରୁ ଭିନ୍ନ ଭିନ୍ନ ତାରିଖରେ ରାଜ୍ୟରେ ଅନ୍ୟ ୨୭ ଟି ଜିଲ୍ଲାରେ ଲକଡାଉନ୍ ଘୋଷଣା ହୋଇସାରିଛି । କହିରଖୁ କି ଛତିଶଗଡରେ ଗତ ୨୪ ଘଂଟା ମଧ୍ୟରେ ୧୩,୮୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାସହ ୧୬୫ ଲୋକଙ୍କର ମୃତ୍ୟୁ ହୋଇଛି । ଏବେ ଛତିଶଗଡ ଆକ୍ଟିଭ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୨୯ ହଜାରରୁ ଅଧିକ ରହିଛି । ମୋଟ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ୫୮ ହଜାର ୬୭୪ କୁ ବୃଦ୍ଧି ପାଇଛି । କରୋନା ସଂକ୍ରମଣରେ ରାଜ୍ୟରେ ମୋଟ ୬୦୮୩ ଜଣଙ୍କର ମୃତ୍ୟୁ ହୋଇଛି ।

## ୧୨ ସହରର ତାପମାତ୍ରା ୪୦ ଡିଗ୍ରି ଉପରେ

ଭୁବନେଶ୍ୱର,୨୦/୦୪ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ଲେଉଟିଛି ତାତି ।ମଙ୍ଗଳବାର ଦିନ ରାଜ୍ୟର ୧୨ ସହରର ତାପମାତ୍ରା ୪୦ ଡିଗ୍ରି ଉପରେ ରହିଥିବା ବେଳେ ୪୨.୧ ଡିଗ୍ରି ସହ ସୋନପୁର ରାଜ୍ୟର ସବୁଠାରୁ ଉତପ୍ତ ସହରରେ ପରିଣତ ହୋଇଛି। ସେହିପରି ବୌଦ୍ଧରେ ୪୨, ଅନୁଗୁଳରେ ୪୧.୯, ସମ୍ବଲପୁର, ସୁନ୍ଦରଗଡଓ ଟିଟିଲାଗଡରେ ୪୧ ଡିଗ୍ରି, ଭବାନୀପାଟଣାରେ ୪୦.୬, ମାଲଗାନଗିରିରେ ୪୦. ୫, ଝାରସୁଗୁଡାରେ ୪୦.୪, ବାରିପଦା, ଫୁଲବାଣୀ, ନୟାଗଡରେ ୪୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାଲେଶ୍ୱର ୩୭.୦ , ଚାନ୍ଦବାଲି ୩୭.୫ , ପାରାଦୀପ ୩୨.୧, ଗୋପାଳପୁର ୩୨.୪ , ପୁରୀ ୩୩.୪, କେନ୍ଦୁଝର ୩୭.୮ ,ହୀରାକୁଦ ୩୯.୭ , କୋରାପୁଟ ୩୫.୬, ଦାରିଙ୍ଗିବାଡ଼ି ୩୫.୦ , ଛତ୍ରପୁର ୩୪.୫ , ପାରଳାଖେମୁଣ୍ଡି ୩୪.୫ , ରାୟଗଡ଼ା ୩୪.୨ ଡିଗ୍ରି ସେଲସିୟସ ରହିଛି। ଅନ୍ୟପକ୍ଷରେ ଆଜି ଭୁବନେଶ୍ୱରର ତାପମାତ୍ରା ୩୯.୭ ଡିଗ୍ରି ରହିଥିବା ବେଳେ ଓ କଟକ ସହରର ତାପମାତ୍ରା ୩୭.୪ ଡିଗ୍ରି ସେଲସିୟସ ରହିଥିଲା।

## ୧୦ ଜିଲ୍ଲାକୁ କାଳବୈଶାଖୀ ସମ୍ଭାବନା, ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୦/୦୪ (ନି.ପ୍ର): ରାଜ୍ୟର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଆଭ୍ୟନ୍ତରୀଣର ପ୍ରାୟ ୧୦ଟି ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି ବୋଲି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଏଥିସହ କାଳବୈଶାଖୀ ଭୟ ରହିଥିବା ଏହି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଜାରି ସତର୍କ ସୂଚନା ମୁତାବକ ଆସନ୍ତାକାଲି ସକାଳ ୮ଟା୩୦ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ ଗଜପତି ପ୍ରଭୃତି ୧୦ଟି ଜିଲ୍ଲାର ଅନେକ ସ୍ଥାନରେ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୪୭୬୧ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୭୭୪୬୪

ଭୁବନେଶ୍ୱର,୨୦/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୭୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୭୭୪୬୪କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୪୭୬୩୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୭୮୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୬୧ ଜଣଙ୍କ ମଧ୍ୟରୁ ୨୭୮୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୭୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୮୨୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୪ ଜଣ, ବରଗଡ଼ରୁ ୧୯୮ ଜଣ, ଭଦ୍ରକରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୩, କଟକରୁ ୧୭୬ ଜଣ, ଦେବଗଡ ଜିଲ୍ଲାରୁ ୩୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୦୬ ଜଣ, ଗଜପତି ଜିଲ୍ଲାରୁ ୩୧, ଗଞ୍ଜାମରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ▶▶ପୃଷ୍ଠା ୭

## ଟିଏଫଏଲରେ ୟୁରିଆ ଉତ୍ପାଦନ ପାଇଁ ସ୍ୱତନ୍ତ୍ର ସବ୍‌ସିଡି ପଲିସିକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

### ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର,୨୦/୦୪ (ନି.ପ୍ର): ଆତ୍ମନିର୍ଭର ଭାରତ ପୂରଣ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ତାଳଚେର ସାର କାରଖାନା(ଟିଏଫଏଲ)ରେ କୋଲ ଗ୍ୟାସିଫିକେସନ ମାଧ୍ୟମରେ ୟୁରିଆ ଉତ୍ପାଦନ କରିବା ପାଇଁ ସ୍ୱତନ୍ତ୍ର ସବସିଡ଼ି ପଲିସିକୁ ଅନୁମୋଦନ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଏହି ଐତିହାସିକ ନିଷ୍ପତି ଆମର ଘରୋଇ ୟୁରିଆ କ୍ଷେତ୍ରରେ ବୈଶ୍ୱିକ ପ୍ରତିଯୋଗିତାକୁ ଅଧିକ ପ୍ରୋତ୍ସାହନ ଦେବା ସହ ପରିବେଶ ସହଯୋଗୀ ସ୍ୱଦେଶୀ ୟୁରିଆ ଉତ୍ପାଦନକୁ ଗତି ଦେବ ଏବଂ ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ୟୁରିଆ ଆମଦାନୀକୁ ହ୍ରାସ କରିବ। ଆଜିର ଏହି ନିଷ୍ପତ୍ତି ଚାଷୀ ଭାଇ ମାନଙ୍କ ପାଇଁ ସାରର ଉପଲବ୍ଧିକୁ ବୃଦ୍ଧି କରିବାରେ ଗେମ-ଚେଞ୍ଜର ହେବ ସହିତ ପୂର୍ବ ଭାରତରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ବିହାର ଭଳି ରାଜ୍ୟ ମାନଙ୍କରେ ସାମାଜିକ-ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ।

## ପୂରଣ ହେଲାନି ଦାବି : ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କର୍ମଚାରୀଙ୍କ ଆତ୍ମାହୂତି ଉଦ୍ୟମ



ଭୁବନେଶ୍ୱର,୨୦/୦୪ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ବିଭାଗରେ କାର୍ଯ୍ୟରତ କିରାଣୀ ଦୀନବନ୍ଧୁ ମିଶ୍ର ଆତ୍ମାହୂତି ଉଦ୍ୟମ କରିଛନ୍ତି । ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଚାମ୍ବର ସମ୍ମୁଖରେ ଥିବା ସମ୍ମିଳନୀ କକ୍ଷ ପାଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତି କରାଯାଇଛି । ଏଥିପାଇଁ ବିଶ୍ୱ ବିଦ୍ୟାଳୟ କର୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦାୟୀ ବୋଲି ଅଭିଯୋଗ କରିଛନ୍ତି ଦିନବନ୍ଧୁଙ୍କ ପୁଅ । ଚାକିରୀ ନିୟମିତ କରିବା ସାଙ୍ଗକୁ ସର୍ବନିମ୍ନ ପାରିଶ୍ରମିକ ଦେବାକୁ ବାରମ୍ବାର ଦାବି କରୁଥିଲେ ଦିନବନ୍ଧୁ । ୩୫ ବର୍ଷର ଚାକିରି କାଳରେ ଚାକିରି ନିୟମିତ କରିବା ପାଇଁ ୩ ଥର କୋର୍ଟରୁ ଅର୍ଡର ମିଳିଛି । କୋର୍ଟଙ୍କ ନିର୍ଦ୍ଦେଶ ଥାଇ ବି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବାରୁ ଦିନବନ୍ଧୁ ନିଜକୁ ଶେଷ କରିଦେବା ପାଇଁ ଆତ୍ମାହୁତି ଉଦ୍ୟମ କରିଥିବା ତାଙ୍କ ପୁଅ ଅଭିଯୋଗ କରିଛନ୍ତି ।

## ରାହୁଲ ଗାନ୍ଧୀ କରୋନା ପଜିଟିଭ ; ଟ୍ୱିଟ୍ କରି ଦେଲେ ସୂଚନା



ନୂଆଦିଲ୍ଲୀ,୨୦/୦୪ (ନି.ପ୍ର): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କରୋନା ସଂକ୍ରମିତ ହୋଇଛନ୍ତି । ସେ ମଙ୍ଗଳବାର ଦ୍ୱିପହରକୁ ଟ୍ୱିଟ୍ କରି ଏହି ବିଷୟରେ ଜଣାଇଛନ୍ତି। ତାଙ୍କ ସହିତ ମିଶିଥିବା ବ୍ୟକ୍ତି ମାନଙ୍କୁ କରୋନା ସୁରକ୍ଷା ବଳୟରେ ରହିବାକୁ ଅପିଲ୍ କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଟ୍ୱିଟ୍ କରି ଲେଖିଛନ୍ତି ଯେ, ସ୍ୱଳ୍ପ ଲକ୍ଷଣ ଅନୁଭବ କରିବା ପରେ କୋଭିଡ଼ ପରୀକ୍ଷା କରିବା ପରେ ସେ ପଜିଟିଭ ଥିଲେ। ବହୁତ ଲୋକ ମୋ ସମ୍ପର୍କରେ ଆସିଛନ୍ତି, ଦୟାକରି ସମସ୍ତେ କୋଭିଡ଼ ସୁରକ୍ଷା ପ୍ରୋଟକଲ ପାଳନ କରି ସୁରକ୍ଷିତ ରହିବାକୁ ସେ କହିଛନ୍ତି ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରିଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟପୂଜା କାର୍ଯ୍ୟକ୍ରମ

କନ୍ଧମାଳ, ୨୦/୪ (ନି.ପ୍ର.): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରିଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ କୋଭିଡ୍ କଟକଣା ନିତିନିୟମ ଅନୁସାରେ ଫୁଲବାଣୀ ମାଷ୍ଟ୍ରପଡା ସ୍ଥିତ ପାରିଜାତ କଲ୍ୟାଣୀ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ଅଧ୍ୟକ୍ଷତା କରି ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଦିର୍ଘ ୨୯ ବର୍ଷ ମଧ୍ୟରେ କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରର ଲୋକଙ୍କ ନିକଟରେ ଏହାର ନିରବଛିନ୍ନ କାର୍ଯ୍ୟକ୍ରମ ଏବଂ ଲେଖକ ଓ କବି ମାନଙ୍କ ଠାରୁ ଆରମ୍ଭ କରି କୁନିକୁନି ପିଲାଙ୍କର ମନୋରଞ୍ଜନ ଓ ସାଂସ୍କୃତିକ ବ୍ୟକ୍ତି ଶିକ୍ଷା ଦିଗରେ ପାରଦର୍ଶୀତା ହାସଲ କରିଥିବା ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ରକ୍ତଦାତା ଓ ଅନୁଷ୍ଠାନକୁ ଲୋକଲୋଚନକୁ ଆଣିବା ଭଳି ବିଭିନ୍ନ ପଦକ୍ଷେପ ପାଇଁ ପ୍ରସିଦ୍ଧି ଲାଭ କରିବା ସହିତ ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ପରିଚାଳନା କରିଥିଲେ । ଏହି ସ୍ୱନକ୍ଷତ୍ର ଉତ୍ସବର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ସମ୍ମାନିତ ଅତିଥି ଭାବେ ବାଲିଗୁଡା ଶାନ୍ତିମୈତ୍ରୀ ଅନୁଷ୍ଠାନର ସମ୍ପାଦକ ସ୍ୱେଚ୍ଛାସେବୀ, ଭଗବାନ ଜେନା, ପ୍ରାଧ୍ୟାପକ ତୀର୍ଥ ଜାନି,ବରିଷ୍ଠନାଗରିକ ଡ. ଅନନ୍ତ ଚରଣ ମିଶ୍ର ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟା କଳ୍ପନା ରାଣୀ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭୈରବୀ ମହାବିଦ୍ୟାଳୟ ପୁରୁଣା କଟକର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଯୋଗ ଦେଇ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଇତିବୃତ୍ତ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ବନଜ୍ୟୋତ୍ସ୍ନା ବିଷୁବ ସଂଖ୍ୟାର ଉନ୍ମୋଚନ ହେବା ସହ ଡକ୍ଟର କାହ୍ନୁ ଚରଣ ଶତପଥୀ ଙ୍କ ଚତୁର୍ଥ ଗଳ୍ପ ପୁସ୍ତକ ଜହ୍ନ ରାତିର ବାଟୋଇ,ବସନ୍ତ ପଲେଇଙ୍କ କବିତା ପୁସ୍ତକ ସବ୍ୟସାଚୀ,ପ୍ରଦୀପ କହଁରଙ୍କ କବିତା ପୁସ୍ତକ ପକ୍ଷୀ ଓ ଚିତ୍ରପଟ୍ଟ ଉନ୍ମୋଚିତ ହୋଇଥିଲା । କବି ସୁବାସ ଚନ୍ଦ୍ର ପ୍ରଧାନ କାକଟପୁର, ପୁରୀ ଙ୍କୁ ବନଜ୍ୟୋତ୍ସ୍ନା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ସାଇ ପ୍ରଣିତା ମହନ୍ତି, ଶ୍ରୀ ଦିଲ୍ଲୀପ କୁମାର ସାହାଣୀ, ଡକ୍ଟର ରାଜକିଶୋର ବେହେରା,ସ୍ନେକ ହେଲ୍ପ ଲାଇନ୍-ଫୁଲବାଣୀ, ଚଳିତ ବର୍ଷର ଶେଷ୍ଠ ରକ୍ତଦାତା ଭାବରେ ବ୍ରହ୍ମାନନ୍ଦ କଟା, ଜିଲ୍ଲାରେ ବାଲ୍ୟ ବିବାହ ରୋକିବାରେ ଆଗ୍ରଣୀ ଭୂମିକା ରଖିଥିବା ସୁଶ୍ରୀ ତୃପ୍ତି ରାଣୀ ସାହୁ, ଲଙ୍କେଶ୍ୱର କହଁର, ଭିନ୍ନକ୍ଷମ ରକ୍ତଦାତା ଭାବରେ ତପନ କୁମାର ଭୋଳ, ମିନାକ୍ଷୀ କହଁର,ସିଗ୍ଧାରାଣୀ କହଁର, ଏ.ସନ୍ତୋଷ କୁମାର ପାତ୍ର , ଭାଗ୍ୟସ୍ମିତା ପାଢୀ ଏବଂ ରୀତା ଜାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଅନ ଲାଇନ୍ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ପ୍ରତିଯୋଗି ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉତ୍ସବ ପରିଚାଳନାରେ କମିଟି ସଦସ୍ୟ ଶରତଚନ୍ଦ୍ର ମହାନ୍ତି,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ,ଓମ୍ ପ୍ରକାଶ ପଣ୍ଡା,ସୁଜିତ୍ ବେହେରା, କୃପାସିନ୍ଧୁ ସାମଲ, ସନ୍ତୋଷ କୁମାର ଦାସ,ପ୍ରଣତି ତ୍ରିପାଠୀ, ଗୀତାଞ୍ଜଳୀ ପଟ୍ଟନାୟକ, ସରସ୍ୱତୀ ସାହୁ, ରୂପମ୍ବୀକା ତ୍ରିପାଠୀ, ମୁସ୍କାନ୍ ଓ ଅନ୍ୟମାନେ ସହଯୋଗ କରିଥିଲେ ।

# ମାସ୍କ ଓ ସାମାଜିକ ଦୂରତା କଟକଣାକୁ ବେଖାତିର: ହରିଚନ୍ଦନପୁରରେ ବଢୁଛି କରୋନା ଭୟ

ହରିଚନ୍ଦନପୁର, ୨୦/୪ (ନି.ପ୍ର.): କରୋନାର ଦ୍ୱିତୀୟ ଲହରର ମୁକାବିଲା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର କଡ଼ା ପଦକ୍ଷେପ ଗ୍ରହଣ କରିଛି । ଦିନକୁ ଦିନ କୋରୋନା କଡ଼ ଲେଉଟାଇଲାଣି । ଏହି କୋରୋନା ବୃଦ୍ଧିକୁ ନେଇ ଚିନ୍ତାରେ ଜିଲ୍ଲା ପ୍ରଶାସନ । ୨୦୨୦ ମସିହାରେ କରୋନାକୁ ସଫଳତାର ସହ ମୁକାବିଲା କରି ସାରିଥିବା ଜିଲ୍ଲା ପ୍ରଶାସନ ନୂତନ ଚ୍ୟାଲେଞ୍ଜକୁ ନେଇ ପୁରା ତୟାରି କରିଛି । ଅନ୍ୟପଟେ ହରିଚନ୍ଦନପୁର ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ହରିଚନ୍ଦନପୁର ମୁଖ୍ୟ ବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ଡାକ୍ତରଖାନା, ବସଷ୍ଟାଣ୍ଡ ଓ ମୁଖ୍ୟ ଦୋକାନ ବଜାରର ବିଭିନ୍ନ ସ୍ଥାନ ପରଖିଥିଲୁ । ଅଞ୍ଚଳରେ କେହି କରୋନା କଟକଣା ଗାଇଡ୍ ଲାଇନକୁ ପାଳନ କରୁଥିବା ବେଳେ ଆଉ କେହି ବେଫିକର ଭାବେ ବୁଲି ଭିଡ଼ ଜମାଉ ଥିବା ଚିତ୍ର ସାମ୍ନାକୁ ଆସିଛି । ଅନ୍ୟପଟେ ବସ୍ ଗୁଡିକ ସିଟ୍ ଅନୁଯାୟୀ ଯାତ୍ରୀ ନେବା ଆଣିବାର ନିୟମ ରହିଥିବା ସହ କରୋନାର ଭୟ ରହିଥିବା ବେଳେ ତାହା ମଧ ବସ୍ ମାଲିକ ଓ ପରିଚାଳକ ଭୁଲିଗଲେଣି । ଶୁଭମ୍ ନାମକ ଯାତ୍ରୀବାହୀ ବସରେ ଅଧିକ ଲାଭବାନ ଆଶାରେ ଆବଶ୍ୟକତା ଠାରୁ ଢ଼େର୍ ଅଧିକ ଯାତ୍ରୀ ନିଆଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏଭଳି ଖରାଦିନରେ ବସ୍ ମଧରେ ଯାତ୍ରୀମାନେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଖୁବ୍ କମ୍ ସଂଖ୍ୟାରେ ଯାତ୍ରୀ ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା କଟକଣାକୁ ଅନୁପାଳନ କରୁଛନ୍ତି । ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଓ ହରିଚନ୍ଦନପୁର ମୁଖ୍ୟ ବଜାରରେ କରୋନା କଟକଣାକୁ ବେଫିକର ଭାବେ ପାଳନ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏନେଇ ହରିଚନ୍ଦନପୁର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଯେଉଁମାନେ କରୋନା କଟକଣାକୁ ପାଳନ କରୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବାକୁ ସୂଚନା ଦେଇଛନ୍ତି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

ବାରିପଦା, ୨୦/୪ (ନି.ପ୍ର.): ରାଜର୍ଷି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଡ଼ଃ ମୋହିତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ ଏକ ମର୍ଜାଦାଜନକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାରାଜାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଡ଼ଃ ଷଡ଼ଙ୍ଗୀ ସ୍ମରଣିକା ପ୍ରସ୍ତୁତିର ଉଦ୍ଦେଶ୍ୟ ସହ ସମ୍ପାଦକଙ୍କ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଉପସ୍ଥାପନ କରାଇଥିଲେ । ଏହାପରେ ସ୍ମରଣିକାଟି ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀ ଚାଟାର୍ଜୀ ଗୀତାପାଠ, ପାଠାଗାରର ସମ୍ପାଦକ ବସନ୍ତ କୁମାର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ଅବସରପ୍ରାପ୍ତ ପ୍ରଧାପକ ତଥା କବି ସନତ୍ ଦାସ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କଟକରେ ରହଣି ସମୟରେ କଟକଠାରେ ମହାରାହାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ସ୍ମୃତିକୁ ସ୍ମରଣ କରିବା ସହିତ ମହାରାଜା, ମୟୂରଭଞ୍ଜ ଓ ବାରିପଦାର ସାଂସ୍କୃତିକ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଆଧାର କରି ବକ୍ତବ୍ୟ ଉପସ୍ଥାପନ କରିଥିବା ସମୟରେ ସଭାରେ କଳ୍ପନା ଷଡ଼ଙ୍ଗୀ, ସରୋଜ କୁମାର ପାଣିଗ୍ରାହୀ, ଅଜୟ କୁମାର ମହାପାତ୍ର, ଧନେଶ୍ୱର ପଣ୍ଡା, ନରସିଂହ ବାରିକ, ସତ୍ୟାନନ୍ଦ ଶେଜପଡ଼ା, ବୃନ୍ଦାବେନ ଦାଶ, ବଳଦେବ ଶତପଥୀ, ଜୟନ୍ତ ପାଲ, ଯୋଗେନ୍ଦ୍ର ନାଥ ପଣ୍ଡା, ସତ୍ୟବ୍ରତ ମହାନ୍ତି, ରଶ୍ମୀରେଖା ଷଡ଼ଙ୍ଗୀ, ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ରଞ୍ଜନ ବେନାର୍ଜୀ ପରିଚାଳନା କରିଥିବା ବେଳେ ଆଶିଷ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ପୁଣି ଖୋଲିବ କୋଭିଡ ହସପିଟାଲ

କନ୍ଧମାଳ, ୨୦/୪ (ନି.ପ୍ର.): କନ୍ଧମାଳ ଜିଲ୍ଲାରେ କରୋନାର ସଂକ୍ରମଣ ଥମିବାପରେ ଜିଲ୍ଲାର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋଲିଥିବା କୋଭିଡ ହସପିଟାଲକୁ ବନ୍ଦ କରାଯାଇଥିଲା । ତେବେ ବର୍ତମାନ ପୁଣି କରୋନାର ଦ୍ୱିତୀୟ ସଂକ୍ରମଣର ଲହରୀ ବୃଦ୍ଧି ପାଇବା ସହିତ ଏହା ଦୃତ ଗତିରେ ବଢିବାରେ ଲାଗିଛି । ବର୍ତମାନ ସୁଦ୍ଧା ଜିଲ୍ଲାରେ ୧୨୦ ଜଣ ସଂକ୍ରମିତ ଚିକିତ୍ସାଧିନ ଥିବାବେଳେ ଏହି ଲହରରେ ଜଣଙ୍କର ମୃତ୍ୟୁ ହୋଇଛି । ଆଗକୁ ଏହି ସଂକ୍ରମଣ ଉଗ୍ରରୂପ ନେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରସାସନ ପକ୍ଷରୁ ପୁଣି କୋଭିଡ ହସପିଟାଲ ଖୋଲିବାପାଇଁ ପ୍ରସ୍ତୁତି କରାଯାଇଥିଲା । ଆଜି ଏଥିପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କିମସ୍ କର୍ତୁପକ୍ଷଙ୍କ ସହିତ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହାପରେ ପୁର୍ବରୁ ଖୋଲାଯାଇଥିବା କୋଭିଡ ହସପିଟାଲରେ ପୁର୍ବପରି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ମଧ୍ୟରେ ଅଭିଜ୍ଞ ଡାକ୍ତର,ଷ୍ଟାଫନର୍ସ ଏବଂ କର୍ମଚାରୀ ମାନଙ୍କୁ ନେଇ ଏହି ହସପିଟାଲ ଖୋଲିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏଥିରେ ଆଇସିୟୁ ବ୍ୟବସ୍ଥା ସହିତ ଭେଣ୍ଟିଲେଟର ମଧ୍ୟ ରହିବ । ଏହି ଚୁକ୍ତି ସ୍ୱାକ୍ଷରିତ ହେବାପରେ କୋଭିଡ ହସପିଟାଲରେ ପହଂଚି କନ୍ଧମାଳ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ଏବଂ କିମସର କର୍ତୃପକ୍ଷଙ୍କ ସମେତ ଅନ୍ୟ ଅଧିକାରୀ ମାନେ କୋଭିଡ ହସପିଟାଲ ବୁଲି ଦେଖିଥିଲେ ।

## କ୍ରସର ନିକଟରେ ବିସ୍ଫୋରଣ : ଦୁଇ ମୃତ, ୩ ଗୁରୁତର

ଗଞ୍ଜାମ, ୨୦/୪ (ନି.ପ୍ର.): ଗଞ୍ଜାମ ଜିଲ୍ଲା ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମର ଏକ ଘରେ ବିସ୍ଫୋରଣ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଆଜି ପୂର୍ବାହ୍ନରେ ଏକ କ୍ରସର ନିକଟରେ ଘଟିଛି ଏହି ବିସ୍ଫୋରଣ । ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ବିସ୍ଫୋରଣରେ ଗୁରୁତର ଅନ୍ୟ ୩ ଜଣ ସମ୍ପ୍ରତି ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ତେବେ କିପରି ଓ କେଉଁ ପରିସ୍ଥିତିରେ ଏତେ ବଡ଼ ବିସ୍ଫୋରଣ ଘଟିଲା, ସଦର ଥାନା ପୋଲିସ ସେନେଇ ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ଖବର ନେବାରେ ଜଣାପଡିଛି, ବିସ୍ଫୋରଣ ଘଟିଥିବା ଏହି କ୍ରସର ଠାରୁ ପଥର କୁଆଁରୀର ଦୂରତା ପ୍ରାୟ ୨ କି.ମି. । ପଥର କୁଆଁରୀରେ ପଥର ଫଟାଯିବା ପାଇଁ ଏସବୁ ବିସ୍ଫୋରକ ସାମଗ୍ରୀ ଅଣାଯାଇଥିଲା । ଏବଂ ଏହି ବିସ୍ଫୋରକ ସାମଗ୍ରୀ ଗୁଡିକ କ୍ରସର ନିକଟରେ ଥିବା ଏକ ଘରେ ରଖାଯାଇଥିଲା । କୌଣସି କାରଣରୁ ଏହା ବିସ୍ଫୋରଣ ହୋଇଥିଲା । ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ମାମଲାରେ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ।

# ସମାଜସେବିକା ୰ କିରଣବାଳାଙ୍କ ସ୍ମୃତିରେ ବୈଶାଖୀ ଜଳଛତ୍ର ଉଦ୍‌ଘାଟିତ

ଭଦ୍ରକ, ୨୦/୪ (ହି.ସ.) - ସାଧାରଣତଃ ବୈଶାଖ ମାସରେ ସରକାରୀ ଓ ବେସରକାରୀ ଭାବେ ସହର ଓ ଗ୍ରାମା ଳର ବିଭିନ୍ନ ଛକ ଓ ଯାତାୟତ ରାସ୍ତା ପାର୍ଶ୍ୱରେ ତୃଷିତମାନଙ୍କ ଶୋଷ ମେ ।ଇବା ପାଇଁ ଜଳଛତ୍ରମାନ ଖୋଲାଯାଇଥାଏ । ତେବେ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ଭଦ୍ରକ ସହରର ବାଇପାସ୍‌ସ୍ଥିତ ଆରସି ବେହେରା ମେନସନ୍‌ରେ କୋବିଡ୍ କଟକଣା ମଧରେ ମହିୟସୀ ତଥା ଧର୍ମପରାୟଣା ଆଦର୍ଶ ମହିଳା '୰ କିରଣବାଳା ବେହେରା ସ୍ମୃତି ସଂସଦ' ପକ୍ଷରୁ ଏକ ବୈଶାଖୀ ଜଳଛତ୍ର ଖୋଲାଯାଇଛି । ଏହି ଜଳଛତ୍ରରେ ଯାତାୟତ କରୁଥିବା ଲୋକମାନଙ୍କୁ ଥଣ୍ଡା ପାନୀୟ, ଲେମ୍ବୁପାଣି, ଦହି ସରବତ, ବେଲପଣା, ଟଙ୍କତୋରାଣି ସହ ଘୋଳ ଦହି ସରବତ ପ୍ରଦାନ କରାଯାଇଛି । ଭଦ୍ରକର ସହରର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରାମଚନ୍ଦ୍ର ବେହେରା ତାଙ୍କ ପତ୍ନୀ ୰ କିରଣବାଳାଙ୍କ ସ୍ମୃତିରେ ପ୍ରତ୍ୟେକବର୍ଷ ପଣା ସଂକ୍ରାନ୍ତି ଠାରୁ ଏହି ବୈଶାଖୀ ଜଳଛତ୍ର ଖୋଲି ତୃଷିତମାନଙ୍କର ତୃଷା ମେ ।ଇଆସୁଛନ୍ତି । ଏଠାରେ ପାନୀୟ ଜଳ ସହ ଲୋକଙ୍କୁ ମାସ୍କ, ପଣା ଓ ଗରିବ ଲୋକଙ୍କୁ ଅନ୍ନ ଏବଂ ବସ୍ତ୍ରଦାନ କରାଯାଉଛି । ଏହି ଅବସରରେ ଶ୍ରୀ ବେହେରା ଜଳଛତ୍ରକୁ ଆସୁଥିବା ସାଧାରଣ ଲୋକଙ୍କୁ କୋଭିଡ୍‌ର ଦ୍ୱିତୀୟ ଲହରୀ ଆସିଥିବାରୁ ସରକାରଙ୍କ କରୋନା ନିୟମ ପାଳନ କରିବା ଦିଗରେ ସାମାଜିକ ଦୂରତା ରକ୍ଷା ପୂର୍ବକ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଯାହାକୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି ।

# ପଛୁଆ ବର୍ଗଙ୍କୁ ୫୦%ରୁ ଅଧିକ ସଂରକ୍ଷଣ ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୦/୪ (ନି.ପ୍ର.): ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା ବର୍ଗଙ୍କୁ ୫୦ ଭାଗରୁ ଅଧିକ ସଂରକ୍ଷଣ ସୁବିଧା ଦେବା ସହ ରାଜ୍ୟସଭା, ଲୋକସଭା ଓ ବିଧାନସଭାରେ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରେ ଦାବି କରାଯାଇଛି । ଆମ୍ବେଦକର ପଛୁଆ ବର୍ଗ ମହା ସଂଗ୍ରାମ ସମିତି ପକ୍ଷରୁ ଏକ ଦାବିପତ୍ର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉର୍ଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ସୋମବାର ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଜନ ସଂଖ୍ୟା ଅନୁପାତରେ ଲୋକ ସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ପ୍ରତିନିଧିତ୍ୱ ସୁଯୋଗ ସରକାରୀ ଚାକିରୀ ଓ ବେସରକାରୀ ଚାକିରୀରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ, ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗର ସମସ୍ତ ଛାତ୍ରଛାତ୍ରୀ ଙ୍କ ପାଇଁ ଶିକ୍ଷାବୃତି ପ୍ରଦାନ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଭଳି ପଛୁଆବର୍ଗଙ୍କୁ ଅଟ୍ରୋସିଟିଜ ପ୍ରଭେନସନ ଆକ୍ଟରେ ସାମିଲ କରିବା ପାଇଁ ଦାବି ରଖାଯାଇଛି । ସଂଘର୍ଷ ସମିତିର ନିରଞ୍ଜନ ପ୍ରଧାନ ଓ ଆନାଦି ଚରଣ ସାହୁ ଦାବିପତ୍ର ପ୍ରଦାନ କରିଥିଲେ ।

# ସୁନ୍ଦରଗଡ଼ ଜିଲ୍ଲାରେ ବଢୁଛି କରୋନା ସଂକ୍ରମଣ : କର୍ଫ୍ୟୁ ପାଇଁ ଫାଷ୍ଟ ଫୁଡ ଓ ଉଠା ଦୋକାନୀ ଚିନ୍ତାରେ

ରାଉରକେଲା, ୨୦/୪ (ନି.ପ୍ର.): ସୁନ୍ଦରଗଡ଼ ଜିଲ୍ଲାରେ କରୋନାର ମିଟର ଦିନକୁ ଦିନ ବଢିବା ସହ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ ଓ ବିଭିନ୍ନ ଅଂଚଳକୁ କଂଟେନମେଂଟ ଯୋନ କରାଯାଉଛି, ହେଲେ ରାଉରକେଲା ସମେତ ଜିଲ୍ଲାରେ ଏହାର ପ୍ରଭାବ କାହିଁକି ବଢି ଚାଲିଛି ସେନେଇ ଲୋକେ ନାନା ଚିନ୍ତାରେ ଥିବା ବେଳେ ଏଥିରେ ପେଶି ହେଉଛନ୍ତି ଜିଲ୍ଲାର ବିଭିନ୍ନ ସହର, କଲୋନୀରେ ଫାଷ୍ଟ ଫୁଡ ଓ ରାସ୍ତା କଡରେ ନାନା ପ୍ରକାର ଖାଦ୍ୟ ବିକି ଚଳୁଥିବା ଲୋକେ । ତେବେ ଆଜିର କରୋନା ସଂକ୍ରମଣ ଜିଲ୍ଲାରେ ଯାହା ରହିଛି ତାହା ନିଷ୍ଚୟ ଚିନ୍ତାର ବିଷୟ । ମାତ୍ର ୧୧ ଦିନ ତଳେ ସୁନ୍ଦରଗଡ ଜିଲ୍ଲାରେ ୧୪୭ ଥିବା ବେଳେ ରାଜ୍ୟରେ ଏହାର ସଂଖ୍ୟା ଥିଲା ମାତ୍ର ୭୩୧ । ୧୧ଦିନ ଭିତରେ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବା ସତ୍ୱେ ସଂକ୍ରମଣ ମାଡି ଚାଲିଛି । ତେବେ ଡାକ୍ତର ମାନଙ୍କ କହିବା ଅନୁଶାରେ ହାତ ଧୁଆ ସହ ମାସ୍କ ଓ ସାମାଜିକ ଦୂରତାକୁ ମାନି ଚାଲିଲେ ଆମେ ଏଥିରୁ ରକ୍ଷା ପାଇବା । ତେବେ ଜିଲ୍ଲା ସମେତ ରାଉରକେଲାରେ ଲୋକେ ସଚେତନ ହେଉଥିବା ବେଳେ କିଛି ଅମାନିଆଙ୍କୁ କିଛି ଫରକ ପଡୁନି । ବିଭିନ୍ନ ସହରରେ ସଂଧ୍ୟା ସମୟରେ ଫାଷ୍ଟ ଫୁଡ ବିକି ନିଜ ପରିବାର ଚଳାଉଥିବା ଓ ବରା ପିଆଜି ସହ ନାନା ରକମର ଖାଦ୍ୟ ବିକି ସଂଧ୍ୟାରେ ଦୁଇପଇସା ରୋଜଗାର କରୁଥିବା ଲୋକଙ୍କ ଲାଗି ଏହି ସଟଡାଉନ ଓ ସଂଧ୍ୟାର କର୍ଫ୍ୟୁ ମହଙ୍ଗା ପଡିଛି । ସେମାନେ ଆଉ ଦୋକାନ ଖୋଲି ପାରୁ ନାହାନ୍ତି । ବିଗତ ବର୍ଷ ଏଭଳି ସମସ୍ୟା ଲାଗି ରହିବାରୁ ବ୍ୟବସାୟ କରୁଥିବା କିଛି ଲୋକ ଏରିଆ ଛାଡି ଚାଲିଜିବା ସହ ଆଉ କିଛି ଲୋକ ଆର୍ଥିକ ସମସ୍ୟା ଭିତରକୁ ଠେଲି ହୋଇଗଲେ । ସେହିଭଳି ସଟଡାଉନ ଓ କର୍ଫ୍ୟୁ ବେଳେ ହୋଟେଲ ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ଲାଗି ବ୍ୟବସ୍ଥା ପ୍ରଶାସନ କରିବାକୁ ଦାବି ହେଉଛି । ବଡ କଥା ଏଭଳି ନିଷ୍ପତି ସବୁ ନେବା ପୂର୍ବରୁ ଲୋକ ପ୍ରତିନିଧି ତଥା ସହରର ବୁଦ୍ଧିଜିବୀ ମାନଙ୍କ ସହ ଆଲୋଚନା କରାଜିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । କରୋନା ଭଳି ସ୍ଥିତିରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି, ତେଣୁ ଖାଲି ନିୟମକୁ ଲୋକଙ୍କ ଉପରେ ଲଦି ଦେଲେ ହେବ ନାହିଁ, ଲୋକ ପ୍ରତିନିଧି ଓ ସଚେତନ ନାଗରିକ ମାନଙ୍କ ସହ ଏନେଇ ଆଲୋଚାନା ପରେ କ'ଣ କଲେ ଭଲ ହେବ ତାହା କରାଯାଉ ବୋଲି ମତ ପ୍ରକାଶ ପାଇଛି ।

# କ୍ରମାଗତ ସରକାରୀ ଅବହେଳା ପ୍ରତିବାଦରେ ପ୍ରାଣୀ ଚିକିତ୍ସକମାନଙ୍କ ଆନ୍ଦୋଳନ ଡାକରା

କନ୍ଧମାଳ, ୨୦/୪ (ନି.ପ୍ର.): ଓଡ଼ିଶା ଭଳି କୃଷି ପ୍ରଧାନ ରାଜ୍ୟରେ ପ୍ରାଣୀପାଳନ ଗ୍ରାମ୍ୟ ଅର୍ଥନୀତିରେ ଅନ୍ୟତମ ପ୍ରମୁଖ ଅଶିଂଦାରର ଭୂମିକା ନିର୍ବାହ କରେ । ମୁଖ୍ୟତଃ ଆତ୍ମନିଯୁକ୍ତି, ମହିଳା ସଂଶକ୍ତିକରଣ,ଅପପୁଷ୍ଟି ନିବାରଣ ଇତ୍ୟାଦିରେ ଏହି କ୍ଷେତ୍ରରେ ପ୍ରଭୁତ ଅବଦାନ ରହିଛି ।ରାଜ୍ୟ ସରକାରଙ୍କ ଅଧିନସ୍ଥ ପ୍ରାଣୀ ସମ୍ପଳ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରାଣିଚିକିତ୍ସକମାନେ ମୁକ ନିରୀହ ପଶୁପକ୍ଷୀଙ୍କ ସେବା ଓ ଚିକିତ୍ସା କରିବା ସହିତ ଗରିବ ଶ୍ରେଣୀର ଚାଷୀ ମାନଙ୍କ ପାଇଁ ଜିବୀକାସୃଷ୍ଟି ଜନସ୍ୱାସ୍ଥ୍ୟ,ଉତ୍କୃଷ୍ଟ ମାନର ପୃଷ୍ଟିସାର ଯୁକ୍ତ ଖାଦ୍ୟ ଉତ୍ପାଦନ ଦ୍ୱାରା ଅପପୃଷ୍ଟି ନିବାରଣ ଦିଗରେ ସର୍ବଦା ଚେଷ୍ଟାରତ ।ବାର୍ଷିକ ଶତକଡା ୧ପ୍ରତିଶତରୁ କମ ବଜେଟ ଅନୁଦାନ ସତ୍ୱେ ସେମାନଙ୍କର ନିଷ୍ଠାପର ଓ ନିରବଛନ୍ନ ଉଦ୍ୟମ ଯୋଗୁଁ ରାଜ୍ୟ ପ୍ରାଣୀଚିକିତ୍ସକମାନଙ୍କ ଆପ୍ରାଣ ପ୍ରଚେଷ୍ଟା ଯୋଗୁଁ ଆମ ରାଜ୍ୟ ବଭିନ୍ନ ଜାତୀୟ ଯୋଜନାର କାର୍ଯ୍ୟନ୍ୱୟନରେ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ଆବଶ୍ୟକ ଭିତିଭୂମି,ଉପକରଣ ଇତ୍ୟାଦିର ଘୋର ଅଭାବ ସତ୍ୱେ ଏମାନେ ସମାଜକୁ ନିଷ୍ଠାପର ସେବା ଯୋଗାଇ ଆସିଛନ୍ତି । ସେହିପରି ବିଗତ ୨୦ପର୍ଷ ମଧରେ ମାନବ ସମ୍ବଳ ୩୦ପ୍ରତିଷତକୁ ହ୍ରାସ ପାଇଥିଲେହେଁ ବିଭାଗୀୟ କାର୍ଯ୍ୟ୩୦୦ପ୍ରତିଶତକୁ ବୃଦ୍ଧି ପାଇଛି । ଏସବୁ ଅଭାବ ପୁରଣ କରିବାକୁ ଯାଇ ପ୍ରାଣି ଚିକିତ୍ସକ ମାନେ ନିଜର ବ୍ୟକ୍ତିଗତ ସମ୍ପତି ଓ ସମୟକୁ ଉପଯୋଗ କରିବାକୁ ମଧ ପଶ୍ଚାତପଦ ହୋଇନାହାନ୍ତି । ନକଟ ଅତୀତରେ 'କରୋନା ଯୋଦ୍ଧା'ର ମାନ୍ୟତା ମିଳିନଥିଲେ ହେଁ ଲକ୍‌ଡାଉନ ଓ ସଟଡାଉନ୍ ସମୟରେ ମଧ ନିଜର ଓ ନିଜ ପରିବାରର ଜୀବନକୁ ବାଜି ଲଗାଇ ୨୪ଘଂଟା ସେବା ଯୋଗାଇ ଆସିଛନ୍ତି ।୧୪ଗୁଣନ ୭ସେବା ଯୋଗାଇ ଆସିଛନ୍ତି । ତେବେ ପ୍ରାଣୀଚିକିତ୍ସକ ମାନଙ୍କ ଏପରି କର୍ତବ୍ୟନିଷ୍ଠା ସତ୍ୱେ ସେମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ପରିତାପର ବିଷୟ । ବିଗତ ଦିନରେ ସାଧାରଣ ଡାକ୍ତରଙ୍କ ସହ ସମାନ ପଦମର୍ଯ୍ୟଦାରେ କାର୍ଯ୍ୟ କରୁଥିବା ପ୍ରାଣିଚିକିତ୍ସକମାନଙ୍କୁ ସରକାର ଦୀର୍ଘ ୧୫ବର୍ଷ ହେବ ଏହି ସାମାଜିକ ସମ୍ମାନରୁ ବଂଚିତ କରିଛନ୍ତି । ପ୍ରାଣୀଚିକିତ୍ସକ ମାନେ ସାଧାରଣ ଡାକ୍ତରଙ୍କ ପରି ୫ବର୍ଷ ୬ମାସର ପାଠ୍ୟକ୍ରମ ମଧ୍ୟରେ ସମାନ ବିଷୟମାନ ପାଠ କରିଥାନ୍ତି ।କାର୍ଯ୍ୟକ୍ଷେତ୍ରରେ ମଧ ସମାନ ପ୍ରକାରର ସେବା ଯୋଗାଇଥାନ୍ତ । ଉଭୟ ଡାକ୍ତର ଏଲୋପାଥିକ ଚିକିତ୍ସା କରିଥାନ୍ତି । ଏହିସବୁ ବିଷୟକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଓ ଦେଶର ୨୦ରୁ ଉର୍ଦ୍ଧ ରାଜ୍ୟ ସରକାର ଉମୟ ଡାକ୍ତରଙ୍କୁ ସମାନ ପଦମର୍ଯ୍ୟଦା ଦେଇ ଆସୁଛନ୍ତି । କିନ୍ତୁ ବିଗତ ୧୫ବର୍ଷ ମଧରେ ସାଧାରଣ ଡାକ୍ତରଙ୍କ ପରି କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ନିଯୁକ୍ତି ପାଇଁ ପ୍ରାଣୀ ଚିକିତ୍ସକମାନେ ବାରମ୍ବାର ଦାବୀ ଉପସ୍ଥାପନ କରିଆସୁଥିଲେ ମଧ ଓଡ଼ିଶା ସରକାର ଭିତିହୀନ କାରଣମାନ ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।ଏନେଇ ପ୍ରାଣୀ ଚିକିତ୍ସକମାନେ ବହୁବାର ଆନ୍ଦୋଳନ କରିବାକୁ ଚିନ୍ତା କରିଥିଲେ ମଧ ବିଭିନ୍ନ ପ୍ରକାର ସାମୟୀକ ସମସ୍ୟା ଯଥା ବନ୍ୟା,ବାତ୍ୟା,ବାର୍ଡ ଫ୍ଲୁ, କୋଭିଡ୍-୧୯ ଇତ୍ୟାଦି କାରଣରୁ ସମାଜିକ ଦାୟିତ୍ୱ ନିର୍ବାହ କରି ବାରମ୍ବାର ଏଥିରୁ ବିରତ ହୋଇଛନ୍ତି । ବର୍ତମାନ ପରସ୍ଥିତିରେ ଚରମ ସରକାରୀ ଉଦାସୀନତାର ଶିକାର ଓଡ଼ିଶାର ପ୍ରାଣୀଚିକିତ୍ସକମାନେ ସରକାରଙ୍କର ଏହି ବୈମାତୃକ ମନୋଭାବ ଯୋଗୁଁ ଅତିଷ୍ଠ ହୋଇ ପଡିଲେଣି । ପୁର୍ବପରି ନିଷ୍ଠାପର ଭାବେ ସେବା କରିବାର ମନୋବୃତି ହରାଇ ବସିଛନ୍ତି । ଏସବୁ ଅସୁବିଧାକୁ ଆଧାରରେ ପ୍ରାଣିଚିକିତ୍ସକମାନେ କଳବ୍ୟଚ ପରିଧାନ ପୁର୍ବକ,ଆସନ୍ତା ଏପ୍ରିଲ ୨୫ତାରିଖରୁ ଡିଜିଟାଲ ସେବା ବର୍ଜନ କରିବା ପାଇଁ ନିଷ୍ପତି ନେଇଛି ସଂଘ ଏଥିସହିତ ଆସାନ୍ତା ମେ ମାସ ୧ତାରିଖରୁ କଲମ ଛାଡ,ଚିକିତ୍ସାଳୟ ପରିସର କାର୍ଯ୍ୟ ନିର୍ଘଂଟ ଓ କାର୍ଯ୍ୟ ଦିବସ ବାହାରେ ସେବା ବିରତି । ମେ ୧୫ତାରିଖରୁ ସମୁହ ଛୁଟି ସହିତ ୨୦୨୧ ମେ ୨୫ତାରିଖରୁ ସମୁହ ଇସ୍ତଫା ଦେବେ ବୋଲି ସଂଘ ତରଫରୁ ନିଷ୍ପତି ନିଆଯାଇଛି । ଏଥିଯୋଗୁଁ ଆଗାମୀ ଦିନରେ ଜନସାଧାରଣଙ୍କ ପାଇଁ ଉପୁଜିବାକୁଥିବା ଅସୁବିଧା ପାଇଁ ଓଡ଼ିଶା ପ୍ରାଣିଚିକିତ୍ସା ସେବା ସଂଘ ଦୁଃଖ ପ୍ରକାଶ କରିବା ସହିତ ଏଥି ସହିତ ଓଡ଼ିଶା ସରକାରଙ୍କୁ ଦାୟୀ କରିଛି । ତେବେ ଜନସାଧାରଣଙ୍କ ଦୃଷ୍ଟିରେ ରଖି ଆନ୍ଦୋଳନ ପୁର୍ବରୁ ସେମାନଙ୍କ କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ପଦକ୍ଷେପ ସ୍ତରରେ ହୋଇଆସୁଥିବା ଦାବୀକୁ ସରକାର ମାନିନେବା ଉଚିତ ବୋଲି ଜନମତ ପ୍ରକାଶ ପାଇଛି । କନ୍ଧମାଳ ଜିଲ୍ଲା ସଭାପତି ଡ.ମନୋଜ ସାହୁଙ୍କ ସମେତ ଜିଲ୍ଲା ସଂଯୋଜକ ଡ.ରଞ୍ଜିତ ସାମାନ୍ତ ସିଂଘାର,ମହିଳା ସଂଯୋଜିକା ଡ.ଅଳକା ପଟ୍ଟନାୟକ,ସିଡିଭିଓ ଡ.ଜୀବନ କୃଷ୍ଣ ସାହୁ,ଏଡିଭିଓ ଡ.ସନ୍ତୋଷ ପଟ୍ଟନାୟକ, ଫାର୍ମା ପରିଚାଳକ ଡ.ପିକେ ମହାଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ବେଧଡକରେ ବିକ୍ରୀ ଚାଲିଛି ନକଲି ସାର ଓ କୀଟନାଶକ ଔଷଧ : ଚିନ୍ତାରେ ପରିବା ଚାଷୀ

ଧର୍ମଶାଳା, ୨୦/୪ (ନି.ପ୍ର.): ରାଜ୍ୟରେ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଚାଷୀକୂଳ ହତାସ ହେବା ସହ ବହୁ ଅଂଚଳରେ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ ସମ୍ପ୍ରତି ପରିସ୍ଥିତିରେ ଲୋଭଖୋର ବେଆଇନ ଭାବେ ସାର ଦୋକାନ କରି ଚାଷୀମାନଙ୍କୁ ନକଲି ସାର ଓ କୀଟନାଶକ ଔଷଧ ଦେଇ ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିବା ନେଇ ଅଭିଯୋଗ ହୋଇଛି । ଏପରିକି ବିନା ପଞ୍ଜିକୃତରେ ଚାଲିଛି ସାର ଓ କୀଟନାଶକ ଔଷଧ ଦୋକାନ । ଛକ ବଜାରରେ ଦୋକାନ ନ କରି ବାସଗୃହରେ ନକଲି ସାର ଓ ଔଷଧ ବିକ୍ରୀ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଅଭିଯୋଗ ହୋଇଛି ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ କୋଠିଡିହ ଗ୍ରାମରେ । ଏହି ଗ୍ରାମରେ ଜଣେ ଜନୈକ ବ୍ୟକ୍ତି ତାଙ୍କ ବାସଗୃହରେ ଶହଶହ ବସ୍ତା ନକଲି ସାର ଓ କୀଟନାଶକ ଔଷଧ ମହଜୁଦ ରଖିଛନ୍ତି , ତାହା ପୁଣି ବିନା ପଞ୍ଜିକୃତରେ ଚାଲିଛି ସାର ଦୋକାନ । ସାର ଓ ଔଷଧ ବିକ୍ରୀ ନିମନ୍ତେ ସରକାରୀ ନିୟମ ଅନୁଯାୟୀ ପଞ୍ଜିକୃତ ହେବା ଦରକାର । ହେଲେ ବିନା ପଞ୍ଜିକୃତରେ କିପରିଭାବେ ବ୍ୟବସାୟ ଚାଲିଛି ତାହା କୃଷି ବିଭାଗର ନଜର ପଡୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଏହି ପଂଚାୟତର ଶତାଧିକ ଚାଷୀ କୃଷି ଉପରେ ନିର୍ଭର କରିଥାନ୍ତି । ଚାଷୀ ଚିନା ଚିନା ବାଦାମ, ଧାନ ଓ ପରିବା ଚାଷ କରିବା ନିମନ୍ତେ କ୍ଷେତରେ ସାର ଓ ଔଷଧ ପ୍ରୟୋଗ କରିଥାନ୍ତି । ସେମାନେ ନିକଟସ୍ଥ ବ୍ରହ୍ମବରଦା ବଜାର ଉପରେ ନିର୍ଭର କରନ୍ତି । କିନ୍ତୁ ଜନୈକ ବ୍ୟକ୍ତି ଭଲ ଓ କମ୍ ଦାମରେ ଏହି ସବୁ ସାମଗ୍ରୀ ଯୋଗାଇ ଦେବା ଆଦି ଚାଷୀମାନଙ୍କୁ ମିଛ ପ୍ରତିଶୃତି ଦେଇ ସେମାନଙ୍କୁ ନିମ୍ନମାନର ସାର ଓ ଔଷଧ ଦେଇଥାନ୍ତି । ଏବଂ ବିକ୍ରୀ ସମୟରେ ଚାଷୀମାନଙ୍କର ଆଧାରକାର୍ଡ଼ ଓ ଫିଙ୍ଗରପ୍ରିଂଟର ଆବାୟକତା ରହିଥାଏ । ହେଲେ କିପରି ଏହି ସବୁ ନ କରି ଚାଷୀମାନଙ୍କୁ ସାର ଓ ଔଷଧ ଦିଆଯାଉଛି ତାହା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଚାଷୀ ସାର ଓ ଔଷଧ ପ୍ରୟୋଗ କରିଥିଲେ ମଧ୍ୟ ଫସଲ ଅମଳରେ ସେପରି କିଛି ସଫଳତା ନ ପାଇବାରୁ ଚାଷୀଙ୍କ ସନ୍ଦେହ ଆହୁରୀ ବଢିଯାଇଛି । ଏନେଇ ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଯିବା ସହ ବ୍ୟବସାୟୀଙ୍କ ବିରୋଧର ଦୃଢ କାର୍ଯ୍ୟନୁଷ୍ଠାନ ନିଆଯିବାକୁ ଅଂଚଳର ଅଗ୍ରଣୀଚାଷୀ ଦାବି କରିଛନ୍ତି । ଯାଜପୁର ଜିଲାପାଳ ଓ କୃଷି ବିଭାଗର ବରିଷ୍ଠ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦୃଢ ଦାବି ହେଉଛି । ସୂଚନା ଥାଉକି ଗଲା କିଛି ଦିନ ପୂର୍ବେ କିଛି ଚାଷୀ ବ୍ରହ୍ମବରଦାରୁ ସାର ବସ୍ତା ସମେତ ଅଣୁସାର କିଣି ଘରକୁ ନେଇଥିଲେ ।ଦୋକାନୀ ଅତ୍ୟଧିକ ଲାଭବାନ ଆଶାରେ ଚାଷୀମାନଙ୍କୁ ଭଲ ସାର କହି ଏକ ନିର୍ଦ୍ଦିଷ୍ଟ କମ୍ପାନୀର ସାର ଦେଇଥିଲେ । ବିଲରେ ଅଣୁସାର ବାଲଟି ଖୋଲିବା ହାତକୁ ଏହି ସାର ଓଜନିଆ ଲାଗିବାରୁ ଚାଷୀଙ୍କ ସନ୍ଦେହ ହେବାରୁ ଏହି ସାରକୁ ପାଣିରେ ପକାଇଥିଲେ । ମାତ୍ର କିଛି କ୍ଷଣପରେ ରଂଗ ପାଣିରେ ଭାସିବା ସହ ଏହା ବାଜୁରୀ ପଥର ବାହାରିଥିବା ନେଇ ଜଣାପଡିବା ପରେ ଅଂଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ସଂଗେ ସଂଗେ ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଚାଷୀ ଦୋକାନୀମାନଙ୍କୁ ଏ ସମ୍ପର୍କ ଜଣାଇଥିଲେ, ହେଲେ ଦୋକାନୀ କିଛି କରିପାରିବେ ନାହିଁ ବୋଲି ରୋକଠୋକ ବାଣୀ ଶୁଣାଇଥିଲେ । ଶେଷରେ ଚାଷୀମାନେ ସ୍ଥାନୀୟ କୃଷି ଅଧିକାରୀଙ୍କ ଜଣାଇଥିଲେ ମଧ୍ୟ କିଛି ଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ବ୍ରହ୍ମବରଦା ସମେତ ଆଖପାଖ ଅଂଚଳରେ ୨୦ରୁ ଉର୍ଦ୍ଧରେ ବେଆଇନ ସାର ଦୋକାନ ଉପରେ ଦୋକାନ ଖୋଲାଯାଉଥିଲେ ମଧ୍ୟ ସେମାନଙ୍କ ବିରୋଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଗୋଟିଏ ଦୁଇଟି ଦୋକନରେ ଲାଇସେନ୍ସ ଥିବା ବେଳେ ବେଆଇନ ସାର ଦୋକାନୀମାନେ ନିମ୍ନମାନର ସାର ଆଣି ଚାଷୀମାନଙ୍କୁ ବିକ୍ରୀକରି ବେଶ ଦୁଇପଇସା ଲାଭ କରିଥାଆନ୍ତି ।

## ସୁସ୍ଥ ରହିବା ପାଇଁ ସକାଳୁ ପିଅନ୍ତୁ ଏହି ସବୁ ସରବତ



ଏକ ଭଲ ଦିନର ଆରମ୍ଭ ଏକ ଭଲ ସକାଳରୁ ହିଁ ହୋଇଥାଏ। ଆପଣ ସକାଳ ସମୟରେ କ'ଣ ଖାଉଛନ୍ତି ଓ କ'ଣ ପିଉଛନ୍ତି ତାହା ଆପଣଙ୍କ ଶରୀର ଉପରେ ବିଶେଷ ଭାବେ ପ୍ରଭାବ ପକାଇଥାଏ। ରାତିରେ ଆମେ ଦୀର୍ଘ ସମୟ ଧରି ଶୋଇ ରହୁଥିବା କାରଣରୁ ଶରୀରକୁ ଖାଦ୍ୟ, ପାନୀୟ ଠିକ୍ ଭାବେ ମିଳିପାରେ ନାହିଁ। ସକାଳୁ ଉଠିବା ପରେ ଆମ ଦେହ ଶୁଷ୍କ ହୋଇ ଯାଇଥାଏ। ଶରୀରରେ ଜଳୀୟ ଅଂଶ କମ୍ ହୋଇଥାଏ। ଏହି କାରଣରୁ ଆମକୁ ସକାଳ ପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ, ଚାଲନ୍ତୁ ଜାଣିବା ନିଜକୁ ସୁସ୍ଥ ରଖିବା ପାଇଁ ଆମକୁ କ'ଣ କ'ଣ କରିବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ଆଖୁ ରସ ବିକ୍ରି ହେଉଥାଏ। ସକାଳ ସମୟରେ ଯଦି ପାରୁଛନ୍ତି ଆଖୁ ରସରୁ ଗୋଟାଏ ଗ୍ଲାସ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ଆଖୁ ରସ ନୁହେଁ, ଆପଣ ପଇଡ଼ ମଧ ପିଇପାରିବେ। ଆପଣ ଭାବିପାରନ୍ତି ଯେ ପଇଡ଼ ହେଉଛି ସକାଳ ସମୟର ସବୁଠାରୁ ଭଲ ପାନୀୟ।

ସକାଳ ସମୟରେ ଲେମ୍ବୁ ପାଣି ପିଇବା ଖୁବ୍ ଉପକାରୀ ହୋଇଥାଏ। ମାତ୍ର ମନେ ରଖନ୍ତୁ କେବେ ବି ଲେମ୍ବୁ ପାଣି ଖାଲି ପେଟରେ ପିଇବେ ନାହିଁ। ଲେମ୍ବୁ ପାଣି ପିଇବା ପୂର୍ବରୁ ଆପଣ ସକାଳ ଜଳଖିଆ କରି ସାରିଥିବା ଆବଶ୍ୟକ। ଏହାବ୍ୟତୀତ ବିଟ୍, ଗାଜର, ପୋଦିନା ଓ କଲରା ଆଦିର ରସ ମଧ ସକାଳୁ ପିଇବା ଅତ୍ୟନ୍ତ ଭଲ ହୋଇଥାଏ।

## ଭଲ ନିଦ ପାଇଁ କ'ଣ କରିବେ ?

ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନକୌଶଳର ଯୁଗ । ପ୍ରତି କ୍ଷେତ୍ରରେ ମନୁଷ୍ୟ ଆଗେଇବାରେ ଲାଗିଛି । ଏଭିତରେ କିନ୍ତୁ ସେ ନିଜ ସ୍ୱାସ୍ଥ୍ୟ ପ୍ରତି କ୍ଷେତ୍ରରେ ମନୁଷ୍ୟ ଆଗେଇବାରେ ଲାଗିଛି । ଏଭିତରେ କିନ୍ତୁ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ଖୁବ ଅବହେଳା କରୁଛି ।



ନାମୀ କମପାନୀରଉଚ୍ଚ ପଦରେ କାର୍ଯ୍ୟରତ କେତେଜଣ ବ୍ୟକ୍ତିଙ୍କୁ ନେଇ କାନାଡାର ବିଶେଷଜ୍ଞ ଦଳ ଏକ ପରୀକ୍ଷା କରିଥିଲେ । ସେମାନେ ସମସ୍ତେ ବିଳାସମୟ ଜୀବନ ଅତିବାହିତ କରୁଥିବାବେଳେ ଜୀବନର ମୁଖ୍ୟ ସମସ୍ୟା ହେଲା ନିଦ୍ରାହୀନତା । କାମର ଚାପରେ ସେମାନଙ୍କ ନିଦ ଧୀରେଧୀରେ କମ ହେବା ସହ କିଛି ବର୍ଷ ପରେ ୩-୪ ଘଣ୍ଟା ଶୋଇବା ଅଭ୍ୟାସରେ ପରିଣତ ହୋଇଗଲା । ଏବେ କେବଳ ଔଷଧର ସାହାରାରେ ସେମାନେ ଶୋଉଥିବାର ପ୍ରକାଶ କରିଛନ୍ତି ।

ପ୍ରଥମକଥା ହେଲା, କାମର ଚାପ ଯେତେ ଥିଲେ ମଧ୍ୟ ଘରକୁ ଫେରିବା ପରେ ସେସବୁକୁ ମୁଣ୍ଡରୁ ବାହାର କରିବାକୁ ଚେଷ୍ଟା କରନ୍ତୁ । ନିଜ ମନପସନ୍ଦର ଗୀତ ଶୁଣନ୍ତୁ, ଭଲ ନିଦ ପାଇଁ ଏହା ଏକ ସର୍ବୋତ୍ତମ ଚିକିତ୍ସା ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ।

ନିଜ କକ୍ଷର ବତୀକୁ ଲିଭାଇ ଡିମ୍ ଲାଇଟ୍ ଲଗାନ୍ତୁ । ବତି ଲଗାଇ ଶୋଇବା ଦ୍ୱାରା ତାହା ଆମ ମସ୍ତିଷ୍କ ଉପରେ କୁ ପ୍ରଭାବ ପକାଇଥାଏ । କ୍ୱଚିତ ବତି ଲଗାଇ ଶୋଇବା ସେଭଳି ହାନିକାରକ ନୁହେଁ । ନିଦ ନ ହେଉନଥିଲେ ପ୍ରତ୍ୟହ ଶେଯକୁ ଯିବା ପୂର୍ବରୁ ଗପ ବହି ପଢ଼ନ୍ତୁ । ଦେଖିବେ ଦିନ କେଇଟାରେ ଆପଣ ଫରକ ଜାଣିପାରିବେ । ରାତିବେଳା ଆଦୌ ଚା କିମ୍ବା କଫି ପିଅନ୍ତୁ ନାହିଁ । ଏହା ନିଦ୍ରାହୀନତା ବୃଦ୍ଧି କରେ ବୋଲି ବିଶେଷଜ୍ଞଙ୍କ ମତ ।

## ୟଙ୍ଗ ଫର୍ ଏଭର୍



**ମଲାଇକାଙ୍କ ଡାଏଟ୍ ଚାଟ୍:** ନିଜକୁ ଫିଟ୍ ରଖିବା ପାଇଁ ମଲାଇକା ଡାଏଟ୍ ପ୍ରତି ବି ଖୁବ ଧ୍ୟାନ ଦିଅନ୍ତି । ସକାଳୁ ବ୍ୟାୟାମ ସାରି ମଲାଇକା ଜଳଖିଆରେ ସତେଜ ଫଳ ଖାଇଥାନ୍ତି । ପ୍ରତିଦିନ ରୁଟିନ ହିସାବରେ ହିଁ ସେ ଖାଆନ୍ତି । ଜଳଖିଆରେ କେତେବେଳେ ସ୍ମୁଦି, କ୍ଷୀର, ମହୁ ପାଣି ନିଅନ୍ତି ତ ଆଉ କେତେବେଳେ ଇଡଲି, ପୋହା, ଉପମା, ଦଲିଆ ଏବଂ ଓଟ୍ସ ପରି ହେଲଦି ଫୁଡ୍ ଖାଇଥାନ୍ତି । ସେହିପରି ମଧ୍ୟାହ୍ନରେ ମଲାଇବା ସବୁଜ ପନିପରିବା ଏବଂ ଆଣ୍ଟିଅକ୍ସିଆଣ୍ଟ ଯୁକ୍ତ ଫୁଡ୍ ଖାଇଥାନ୍ତି । ଅଧିକାଂଶ ସମୟ ମଲାଇବା ପରିବାଜୁସ୍, ଟମାଟୋ, ବିଟ୍, କାକୁଡ଼ି ଏବଂ ଗାଜର ଆଦିକୁ କଞ୍ଚା ଚୋବାଇ ଖାଆନ୍ତି । ସେହିପରି ନିୟମିତ ଖାଦ୍ୟରେ ଘିଅ ଏବଂ ମହୁକୁ ସାମିଲ କରିବାକୁ ଭୁଲନ୍ତି ନାହିଁ । ଖାଦ୍ୟରେ ଘିଅର ବ୍ୟବହାର ଏବଂ ପାଣିରେ ମହୁ ଗୋଳାଇ ପିଅନ୍ତି ଯାହା ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗଢ଼ିବାରେ ସାହାଯ୍ୟ କରେ । ମଲାଇକା କୁହନ୍ତି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୋଇବାର ଦୁଇଘଣ୍ଟା ପୂର୍ବରୁ ରାତ୍ରୀ ଭୋଜନ କରିବା ଉଚିତ୍ । ତେଣୁ ସେ ସର୍ବଦା ରାତ୍ରୀ ଭୋଜନ ସନ୍ଧ୍ୟା ୮ଟା ପୂର୍ବରୁ ସାରି ଦିଅନ୍ତି ।

**ବ୍ୟାୟାମ:** ଏହି ବୟସରେ ମଲାଇକା କିପରି ନିଜକୁ ଫିଟ୍ ରଖିଛନ୍ତି ତାହା ଜାଣିବାକୁ ସମସ୍ତେ ଆଗ୍ରହୀ । ମଲାଇକା ଡାଏଟ୍, ଫିଟ୍‌ନେସ ଓ ଏକ୍ସରସାଇଜକୁ ନେଇ ଖୁବ ଷ୍ଟ୍ରିକ୍ଟ୍ । ପରଫେକ୍ଟ ଫିଗର ପାଇଁ ସର୍ବଦା ଲାଇମଲାଇଟରେ ରହିଥିବା ମଲାଇକା ସକାଳୁ ବ୍ୟାୟାମ ସହିତ ଯୋଗ କରିଥାନ୍ତି । କିଛି ଘଣ୍ଟା ଜିମରେ ବିତାଇବା ପରେ ଯୋଗ ଆରମ୍ଭ କରିଦିଅନ୍ତି । ଏକ୍ସରସାଇଜ ବ୍ୟତୀତ ମଲାଇକା ସକାଳୁ ଜଗିଙ୍ଗ, ସାଇକେଲିଂ ଏବଂ ସୁଇମିଂ ବି କରନ୍ତି । ମୁମ୍ବାଇରେ ମଲାଇବା ଏକ ଯୋଗ ସେଣ୍ଟର ବି ଖୋଲିଛନ୍ତି । ହୁଏତ ମଲାଇକା ୪୫ବର୍ଷର ହୋଇ ସାରିଛନ୍ତି କିନ୍ତୁ ତାଙ୍କର ଫିଟ୍‌ନେସରୁ ସେ ଏବେ ବି ୩୦ବର୍ଷର ଭଳି ମନେ ହୁଅନ୍ତି ।



## କେଶକୁ ମଜଭୂତ କରିବାର ତତ୍ତ୍ୱ




କଦଳୀ ପରି ଫଳକୁ ଉତ୍ତମ ପୋଷକତତ୍ତ୍ୱର ଗନ୍ତାଘର ଭାବେ ଜଣାଯାଏ । ନିୟମିତ ଭାବେ ଜଳଖିଆରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏଇ ଫଳକୁ ସୌନ୍ଦର୍ଯ୍ୟ ଓ କେଶ ଚର୍ଚ୍ଚାରେ ମଧ ଉପଯୋଗ କରିହେବ । ପୋଟାସିୟମ ମ୍ୟାଗ୍ନେସିୟମ ଆମିନୋ ଏସିଡ୍ ଏ, ବି, ଇ ଭରପୂର କଦଳୀ କେଶର ଘନତ୍ୱ ବଢ଼ାଇବା ସହ ରୂପିରୁ ମଧ ରକ୍ଷା କରେ । କେଶ ପାଇଁ କଦଳୀ ପ୍ୟାକ ସବୁଠୁ ଉତ୍ତମ କଣ୍ଡିସନର ଭାବେ ଜଣାଯାଇଥାଏ । ସପ୍ତାହକୁ ୨-୩ ଥର ଏଇ ପ୍ୟାକ ଲଗାଇଲେ କେଶ ଝଡ଼ା କମିବା ସହ ଘନତ୍ୱ ବଢ଼ିଥାଏ । ୨ବଡ଼ ଚାମଚ ନଡ଼ିଆ ପାଣିରେ ଗୋଟିଏ କଦଳୀକୁ ଭଲଭାବେ ଚକଟିନେବେ । ସେଥିରେ ଅଳ୍ପ ମହୁ ଓ ଗୋଲାପ ଜଳ ମିଶଶଇ କେଶମୂଳରେ ଲଗାନ୍ତୁ । ପ୍ୟାକ୍ ଲଗାଇବା ପରେ କେଶକୁ ଭଲଭାବେ ମାଲିସ କରିବେ । ୧୫ ମିନିଟ୍ ପରେ କେଶକୁ ଭଲଭାବେ ଧୋଇ ଶ୍ୟାମ୍ପୁ କରିନିଅନ୍ତୁ । କଦଳୀ ପ୍ୟାକ ଲଗାଇଲେ ଅନ୍ୟ କୌଣସି ସେରମ ବା ପ୍ୟାକ କେଶରେ ନ ଲଗାଇବା ଉଚିତ । ନଚେତ କେଶ ଅଧିକ ଝଡ଼ିବାର ଭୟ ରହିଛି ।

## ନଦୀର ଲମ୍ବ ୨୦୦ଫୁଟ୍ !

ବିଶ୍ୱର କ୍ଷୁଦ୍ରତମ ନାଦୀଟି ଯୁକ୍ତରାଷ୍ଟ୍ର ଆମେରିକାର ମୋନଟାନାରେ ପ୍ରବାହିତ । ଲମ୍ବ ମାତ୍ର ଦୁଇ ଶହ ଫୁଟ; ନାମ ରୋ । ରୋ' ର ଅର୍ଥ- 'ମାଛ ବିହନ' । ରୋ ନଦୀର ଉତ୍ସ ହେଉଛି, ଜାଲଷ୍ଟସ୍ପ୍ରିଂ ନାମକ ଝରଣା । ରୋ ନଦୀ ନିଜ ଉତ୍ସରୁ ବାହାରି, ମାତ୍ର ଦୁଇ ଶହ ଫୁଟ ପ୍ରବାହିତ ହେବା ପରେ ମିସୋରି ନଦୀରେ ମିଶଇଛି । ମୁହାଣ ନିକଟରେ ତାହାର ଗଭୀରତା ମାତ୍ର ଛଅ ଫୁଟ୍ । ରୋ ଏକ ଚିରସ୍ରୋତା ଶାଖା ନଦୀ । ୧୮୦୫ରେ ପ୍ରଥମ ଶ୍ୱେତାଙ୍ଗ ଭାବେ ନଦୀଟିକୁ ଚିହ୍ନଟ କରିଥିଲେ ଲୁଇସ ଓ କ୍ଲାର୍କ ।

## ୩୪ଇଞ୍ଚର ପିଜ୍ଜା ମୂଲ୍ୟ ୫୬୦୦ଟଙ୍କା !



ଇଟାଲୀର ଲୋକପ୍ରିୟ ସ୍ଥାନୀୟ ଖାଦ୍ୟ 'ପିଜ୍ଜା'ର ଆଦର ଏବେ ପୂରା ବିଶ୍ୱସ୍ତରରେ। ସେଠାରେ ଗଳିକନ୍ଦିର ଖାଇବା ଦୋକାନରୁ ଆରମ୍ଭ କରି ପଞ୍ଚତାରକା ହୋଟେଲ ପର୍ଯ୍ୟନ୍ତ ସବୁଠାରେ ସୁଆଦିଆ ପିଜ୍ଜା ମିଳିଥାଏ । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଇଟାଲୀ ଆସି ସେଠା ପିଜ୍ଜାର ସବୁଠୁ ଅଧିକ ପ୍ରଶଂସା କରନ୍ତି । ବଡ଼ଦିନ, ନୂଆ ବର୍ଷ ଅବସରରେ ସେଠାରେ ବିଶେଷ ପିଜ୍ଜା ତିଆରି କରାଯାଏ । ଏଥରକ ସେଠାରେ ସ୍ଥାନୀୟ ଉତ୍ସବ ନିମନ୍ତେ ୩୪ ଇଞ୍ଚର ପିଜ୍ଜା ତିଆରି କରାଯାଇଥିଲା । ସେଠାକାର ସବୁଠୁ ନାମୀ ପଞ୍ଚାତାରକା ରେସ୍ତୋରାଁ 'ହାପିୟୁ'ର ୨ଜଣ ରୋଷେୟା ମାତ୍ର ୪୫ ମିନିଟରେ ପିଜ୍ଜା ପ୍ରସ୍ତୁତ କରିଥିଲେ । ବୃହତ୍ ଆକାରର ଏଇ ପିଜ୍ଜାକୁ ୪-୫ ଜଣ ଖାଇପାରିବା ସହ ଏହାର ମୂଲ୍ୟ ୫, ୬୦୦ ଯଙ୍କା ଧାର୍ଯ୍ୟ ହୋଇଥିଲା । ସ୍ଥାନୀୟ ଖାଇବାକୁ ପସନ୍ଦ କରୁଛନ୍ତି ବୋଲି ତଥ୍ୟ ମିଳିଛି ।

## ରୋଷେଇ ଘର ଟିପ୍ସ:

ଆଜିର ସମୟରେ କେବଳ ମହିଳାମାନେ ନୁହେଁ, ବରଂ ପୁରୁଷମାନେ ମଧ ରୋଷେଇ କରିବାରେ ରୁଚି ରଖୁଛନ୍ତି । ଏ ବାବଦରେ ନାମୀ ସେଫ ସଞ୍ଜୀବ କପୁରଙ୍କ ମତ ଏଭଳି କୌଣସି ନିୟମ ନାହିଁ । ଯେ ମହିଳା ହିଁ ରୋଷେଇ କରିବେ । ଏଣୁ ଏ କ୍ଷେତ୍ରରେ ବର୍ତ୍ତମାନ ଉଭୟ ପୁରୁଷ ଓ ମହିଳା ଆଗୋଉଥିବାର ଦେଖାଯାଉଛି । ଭଲ ରାନ୍ଧଣା ନିମନ୍ତେ ସେଫ୍ କେତୋଟି ଟିପ୍ସ ଦେଇଛନ୍ତି ।



- ପରଟାକୁ ଅଧିକ ସୁଆଦିଆ କରିବାକୁ ଚାହୁଁଥିଲେ ଅଟା ଚକଟିବା ସମୟରେ ଅଳ୍ପ ସିଝା ଆଳୁ ମିଶାଇ ଦିଅନ୍ତୁ। ଗରମଗରମ ଏଇ ପରଟା ଖାଇଲେ ତାର ସ୍ୱାଦ ଭଲ ହୋଇଥାଏ ।
- କୌଣସି ଏକ ତରକାରିକୁ ଗାଢ଼ା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବେସନ ମିଶା ପାଣି ମିଶାଇ ରାନ୍ଧନ୍ତୁ । ତରକାରି ସ୍ୱାଦିଷ୍ଟ ଲାଗିବା ସହ ଗାଢ଼ା ହୁଏ ।
- ପକୁଡ଼ି ତିଆରି କରିବା ପୂର୍ବରୁ ସାମାନ୍ୟ ଉଷୁମ ତେଲ ବେସନ ଘୋଳରେ ମିଶାଇ ପ୍ରସ୍ତୁତ କଲେ, ପକୁଡ଼ି କୁରୁକୁରିଆ ହୋଇଥାଏ ।
- ଭେଣ୍ଡି ଭଜାକୁ ଅଧିକ ସମୟତାଜା ରଖିବାକୁ ଚାହୁଥିଲେ, ରୋଷେଇ ପୂର୍ବରୁ ଭେଣ୍ଡିରେ ଅଳ୍ପ ସୋରିଷ ତଲେ ଲଗାଇଥ ରଖନ୍ତୁ ।
- ଦହିରେ ଜିରା- ହେଙ୍ଗୁ ଗୁର୍ଡ ଭଜା ମିଶାଇ ଖାଇବା ପରିବର୍ତ୍ତେ ଜିରା-ଗୁଣ୍ଡର ଛୁଙ୍କ ଲଗାଇ ଖାଆନ୍ତୁ। ସ୍ୱାଦ ଖୁବ ଭଲ ଆସିଥାଏ ।
- ରାଜମା କିମ୍ବା ହରଡ଼ ଡାଲି ସିଝାଉଥିବା ସମୟରେ ଲୁଣ ମିଶାନ୍ତୁ ନାହିଁ । ବରଂ ସିଝିଗଲା ପରେ ଲୁଣ ମିଶାନ୍ତୁ । ଏଇ ଉପାୟ କରିଲେ ଜାଣିପାରିବେ ଯେ ଡାଲି କେତେ ଶୀଘ୍ର ସିଝୁଛି ?
- ଅଟା ପୁରି ତିଆରି କରୁଥିଲେ ଚକଟିବା ସମୟରେ ଅଳ୍ପ ଚିନି ମିଶାନ୍ତୁ । ପୁରି ଭଲ ଭାବେ ଫୁଲିଥାଏ ।
- ଛେନା ଟାଣ ହୋଇଯାଇଥିଲେ ଏକ ସରଳ ଉପାୟ କରନ୍ତୁ । ନଖ ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ ସେଥିରେ ଛେନା ୧୦-୧୨ ମିନିଟ ରଖନ୍ତୁ । ଦେଖିବେ ଛେନା ନରମ ହୋଇଯିବ ।
- ବିରିୟାନୀ କିମ୍ବା ପଲାଉ ପ୍ରସ୍ତୁତ କରୁଥିଲେ ଫୁଟା ପାଣିରେ ଲେମ୍ବୁ ଫାଳେ ଚିପୁଡ଼ି ଦିଅନ୍ତୁ । ଏଇ ଉପାୟରେ ପ୍ରସ୍ତୁତ ଭାତର ସ୍ୱାଦ ଖୁବ ଭଲଲାଗେ ।

## ଅନ୍ୟର ସ୍ୱର ନକଲ କରୁଥିବା ଚଢ଼େଇ



ପଶ୍ଚିମ ଓ କେନ୍ଦ୍ର ଭାରତର ବୁଦା-ଜଙ୍ଗଲ ଓ ଘାସ-ଭୂମିରେ ବହୁ ସମ୍ବଖ୍ୟାରେ ଦେଖିବାକୁ ମିଳୁଥିବା ଟନି ଲାର୍କର ପକ୍ଷୀ, ଚଉତିରିଶ ପ୍ରକାରର ଚଢ଼େଇଙ୍କ ସ୍ୱର ନକଲ କରିପାରେ। ଏହା ଏପରିକି ମେଷପାଳକମାନଙ୍କର ଶୁଷୁରି ମଧ ଅନୁକରଣ କରିଥାଏ। ଏହାର ରଙ୍ଗ ଫିକା ବାଦାମୀ। ଏହାର ଆକାର ଅତି ଛୋଟ; ମଣିଷର ପାପୁଲି ଭିତରେ ରହିଯିବ। ଏ ଭଳି ଅନେକ ପ୍ରଜାତିର ପକ୍ଷୀ ଅଛନ୍ତି, ଯେଉଁମାନେ ଅନ୍ୟର ସ୍ୱର ନକଲ କରିପାରନ୍ତି। ତେବେ, ଟନି ଲାର୍କର ସବୁଠାରୁ ଅଧିକ ପାରଙ୍ଗମ। ଏହା, ଗୁଣ୍ଡୁଚି ମୂଷା ଭଳି ବିକଟ ଶବ୍ଦ ମଧ କରିପାରେ। ଏହା ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ଏ ପରି କରେ, ଅଜଣା। 'ବମ୍ବେ ନାଚୁରାଲ୍ ହିଷ୍ଟ୍ରି ସୋସାଇଟି' ଓ 'କର୍ନେଲ୍ ବିଶ୍ୱବିଦ୍ୟାଳୟ'ର ପକ୍ଷୀ ବିଶେଷଜ୍ଞମାନେ ଏ ବାବଦରେ ଅଧିକ ଜାଣିବା ପାଇଁ ଗୁଜରାତ ଓ ମହାରାଷ୍ଟ୍ରରେ ଗବେଷଣା କରୁଛନ୍ତି।

## ଜିମ୍ ଯାଉଥିଲେ....



ନୂଆ କରି ଜିମ୍ ଯାଉଥିବା ଲୋକ ସବୁଠୁ ଅଧିକ ନିଜ ଖାଦ୍ୟପାନୀୟ ପ୍ରତି ସତର୍କତା ଅବଲମ୍ବନ କରିଥାନ୍ତି । ଆଜିକାଲିର ଏକ ନୂଆ ଷ୍ଟାଇଲ ହେଉଛି ଜିମ୍ ଗଲେ, ବିଭିନ୍ନ ନାମୀ କମ୍ପାନୀର ସ୍ପୋର୍ଟସ ଡ୍ରିଙ୍କ ପାଇବା ଏହା ଶରୀରକୁ ଶକ୍ତି ଯୋଗାଇବା ସହ ଦେହ ପାଇଁ ଭଲ ବୋଲି ଅଧିକାଂଶଙ୍କ ଯୁକ୍ତି । ଏ ବାବଦରେ ବିଶେଷଜ୍ଞଙ୍କ ମତ କିନ୍ତୁ ଭିନ୍ନ ।

ବ୍ୟାୟାମ କରିବା ସମୟରେ ଶରୀରରୁ ଖୁବ ଝାଳ ବାହାରିଥାଏ । ଏଣୁ ଏଇ ସମୟରେ ପାଣି ପିଇବା ସବୁଠୁ ଉପକାରୀ । ଯୁବପିଢ଼ିଙ୍କ ଧାରଣା ଯେ ବ୍ୟାୟାମ କରିବା ସମୟରେ ଏନର୍ଜି ବା ସ୍ପୋର୍ଟସ ଡ୍ରିଙ୍କ ପିଇବା ହିତକାରୀ । ପରୀକ୍ଷାରୁ ଜଣାପଡ଼ିଛି ଯେ ବ୍ୟାୟାମ କରିବା ପରେ ଅବା କରୁଥିବାବେଳେ ଏଇ ପାନୀୟ ପିଇଲେ ରକ୍ତ ଚାପ ବଢ଼ି ତୁରନ୍ତ ହୃଦଘାତ ହେବାର ଆଶଙ୍କା ସର୍ବାଧିକ ଏଣୁ ବିଭିନ୍ନ ପ୍ରକାର ପାନୀୟ ପିଇବା ପରିବର୍ତ୍ତେ ପାଣି ପିଇବା ସବୁଠୁ ଭଲ ବୋଲି ବିଶେଷଜ୍ଞଙ୍କ ମତ ।

କସରତ କରୁଥିବାବେଳେ ପାଣି ପିଇଲେ ତାହା ଶରୀରର ଗଣ୍ଠିକୁ ଭଲଭାବେ ଶକ୍ତି ଯୋଗାଇଥାଏ । ଏହା ସହ ଶରୀରର ତାପମାତ୍ରାକୁ ମଧ ଠିକ୍ ରଖେ । ବ୍ୟାୟାମ ପରେ ପାଣି ପିଉଥିଲେ, ଧ୍ୟାନରେ ରଖନ୍ତୁ ଯେପରି ବସି କରି ହିଁ ପିଇବେ ।

## ଗାଈଙ୍କ ପାଇଁ ପାଇଖାନା

ଗୋ-ମୂତ୍ର, ଆମୋନିଆ ପ୍ରଦୂଷଣ କରାଉଥିବା ଜଣାଶୁଣା କଥା । ଏହାକୁ ରୋକିବା ପାଇଁ ଗାଈ-ଗୋରୁଙ୍କ ନିମନ୍ତେ ଏକ ପ୍ରକାରର ଅଭିନବ ପାଇଖାନା ବିକଶିତ କରିଛନ୍ତି, ଡଚ୍ ଉଦ୍ଭାବକ ହେଂକ୍ ହାନସକ୍ୟାଂପ୍ । ଏହି ପାଇଖାନା ସହ ଗାଈକୁ ଅଭ୍ୟସ୍ତ କରାଇପାରିଲେ, ପ୍ରତ୍ୟେକ ଗାଈଠାରୁ ପନ୍ଦରରୁ କୋଡ଼ିଏ ଲିଟର ମୂତ୍ର ସୁରକ୍ଷିତ ଭାବେ ସଂଗ୍ରହ କରାଯାଇପାରିବ ଏହା ଦ୍ୱାରା ଆମୋନିଆ ପ୍ରଦୂଷଣ ନିୟନ୍ତ୍ରିତ ହେବା ସହ ଗୋ-ମୂତ୍ରକୁ ଅନ୍ୟକାର୍ଯ୍ୟରେ ଲଗାଯାଇପାରିବ । ଗାଈ ଏକ ଚତୁର ପ୍ରାଣୀ ନୁହେଁ । ତଥାପି, ତାଲିମ ଦେଲେ, ଗାଈ ଏହି ପାଇଖାନାରେ ପରିସ୍ରା କରିପାରିବ । ନେଦରଲାଣ୍ଡର ଏକ ଗାଈ ଫାର୍ମରେ ଏହି ପାଇଖାନା ବସାଯାଇ, ଗାଈଙ୍କୁ ତାଲିମ ଦିଆଯାଉଛି । ସେଠାରେ ଅଛନ୍ତି ମୋଟ ଅଠାବନଟି ଗାଈ । ତନ୍ମଧ୍ୟରୁ ସାତଟି ଏହି ପାଇଖାନାରେ ପରିସ୍ରା କରିବା ଶିଖିଯାଇଥିବା ପ୍ରକାଶ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନେଡ଼ିଗୁଡ଼ କହୁଣିକୁ ବୋହିଯାଉଛି....

କରୋନା ସଂକ୍ରମଣର ଦ୍ୱିତୀୟ ଲହର ବିଶ୍ୱବାସୀଙ୍କୁ ଅସ୍ତବ୍ୟସ୍ତ କରି ରଖିଥିବା ସମୟରେ ଏହାର ପ୍ରତିଷେଧକ କିମ୍ବା ପ୍ରତିକାର ନେଇ କିଛି ପନ୍ଥା ନିରୂପଣ କରାଯାଇଛି ବୋଲି ସାମାନ୍ୟ ଆଶା ସଂଚାରିତ ହୋଇଥିବା ଭିତରେ ଏବେ ତାହା ନିରାଶାରେ ପରିଣତ ହୋଇସାରିଛି । ସ୍ଥିତି ଅସମ୍ଭାଳ ହୋଇଯିବାକୁ ବସିଲାଣି । ଆମ ଦେଶରେ ଦିନକରେ ପାଖାପାଖି ଅଢ଼େଇ ଲକ୍ଷକୁ ସଂକ୍ରମଣ ଛୁଇଁଲାଣି ଏବଂ ମୃତ୍ୟୁ ସଂଖ୍ୟା ଚଉଦ-ପନ୍ଦର ଶହ ହୋଇସାରିଲାଣି । କୋଭିଡ୍-୧୯ର ପ୍ରଥମ ଲହର ପାଇଁ ବିଶ୍ୱ ତଥା ଦେଶରେ ଆଦୌ ପ୍ରସ୍ତୁତି ବୋଲି କିଛି ନଥିଲା କହିଲେ ଚଳେ । ସଂକ୍ରମଣ କେମିତି ସଙ୍କଟ ସୃଷ୍ଟି କରେ ତାହା ସମସ୍ତେ ଅଙ୍ଗେ ନିଭେଇଛନ୍ତି । ତାହାରି ଭିତରେ ସାମାଜିକ ଦୂରତା ରକ୍ଷା, ମାସ୍କ ବ୍ୟବହାର, ହାତଧୁଆ ପରି ଉପଚାର ଆପଣାଇଥିବାରୁ ସଂକ୍ରମଣ ଆଶଙ୍କାକୁ ପ୍ରାୟତଃ ଦୂରେଇ ଦେବାରେ କିଛି ସଫଳତା ପାଇଥିବାର ଦାବି କରାଗଲା । ପୂର୍ବଦିନର ହାଡ଼ଫୁଟି, ହଇଜା ପରି ସଂକ୍ରାମକକୁ ରୋକିବା ସକାଶେ ପ୍ରତିଷେଧକ ଟିକା ବାହାର କରାଯିବା ପାଇଁ ବର୍ଷ ନୁହେଁ, ଦଶନ୍ଧିବ୍ୟାପୀ ଗବେଷଣା ପରେ ଯେଉଁ ସଫଳତା ମାନବ ଜାତି ପାଇଥିଲା, ତାହା କୋଭିଡ କ୍ଷେତ୍ରରେ ଅନ୍ତତଃ ହୋଇନାହିଁ । ଦ୍ୱିତୀୟ ଲହର ମାଡ଼ି ଯାଉଥିବା ସମୟରେ ଅନେକ ପ୍ରକାର ଟିକାର ବିକାଶ ଓ ପ୍ରୟୋଗ ହୋଇଛି । କିନ୍ତୁ ସମୂହ ଟିକାଦାନ ପ୍ରକ୍ରିୟା ଯେମିତି ବିଭିନ୍ନ ଭାବରେ ବାଟବଣା ହେଇଯିବାର ଦେଖାଯାଉଛି । କେଉଁଠି ଚାହିଦା ମୁତାବକ ଟିକା ପହଂଚୁନାହିଁ ତ ଆଉ କେଉଁଠି ଭିନ୍ନ ରକମର ଛୋଟ ବଡ଼ ବିଭ୍ରାଟ ମୁଣ୍ଡ ଟେକୁଛି । ଗତଥର ସଂଗଠିତ ଉପାୟରେ ସାମାଜିକ ଉପଚାର ମାନି ଲୋକମାନେ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ତାହା ଲକ୍‌ଡାଉନ୍ ହେଉ କି ସଟ୍ ଡାଉନ୍, କଂଟେନମେଂଟ, ସେହି କଟକଣା ପ୍ରତି ସମସ୍ତଙ୍କ ଭିତରେ ସମର୍ଥନ ଥିଲା । ଏଥର କିନ୍ତୁ ସ୍ଥିତି ଅସମ୍ଭାଳ ହୋଇସାରିବା ସମୟରେ ବିପରୀତ ଆଚରଣ ଦେଖିବାକୁ ହେଉଛି । ଏହା ସମସ୍ତଙ୍କ ପାଇଁ ଦୁର୍ଭାଗ୍ୟ ଓ ବିପଦକୁ ଡାକି ଆଣିଛି । ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଦୂରର କଥା, ଭୋଟ୍ ପ୍ରଚାର ପାଇଁ ସଭା, ଧାର୍ମିକ ବୁଡ଼ ପାଇଁ ହଜାର ହଜାର ପୁରୁଷ-ସ୍ତ୍ରୀମାନଙ୍କ ଭିଡ଼ କଥିତ କଟକଣାକୁ ଫୁ' କରିସାରିଛି । ଦେଖାଯାଉଛି, ଯେଉଁମାନେ କଟକଣା ପାଇଁ ଉଚ୍ଚସ୍ୱରରେ ଲୋକମାନଙ୍କୁ ବୁଝାଇ ଆସିଥିଲେ, ସେମାନେ ନିୟମ ଭାଙ୍ଗିବାରେ ଅଗ୍ରଣୀ ସାଜିଛନ୍ତି । ପରିଣତି କେତେ ଭୟାବହ, ତାହା ଭାଷାରେ କୁହାଯାଇନପାରେ । ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ, ରାଜସ୍ଥାନ ସମେତ ସାରା ଦେଶରେ ଦ୍ୱିତୀୟ ଲହର ମାଡ଼ିଚାଲିଛି । କରୋନା ପୀଡ଼ିତଙ୍କ ପାଇଁ ଗତଥର ପରି ଏଥର ସ୍ୱତନ୍ତ୍ର ଡାକ୍ତରଖାନା ଖୋଲାଯିବା ତ୍ୱରିତ୍ ବେଗରେ ସମ୍ଭବ ହୋଇପାରିନାହିଁ । ଗତବର୍ଷ ଓଡ଼ିଶାରେ ଆଗତୁରା ବ୍ୟାପକ ପଦକ୍ଷେପ, ଜାତୀୟ ତଥା ପ୍ରାନ୍ତୀୟ ନେତୃବୃନ୍ଦ ହାତଯୋଡ଼ି ଜନସାଧାରଣଙ୍କୁ ଅସତର୍କତା ପୂର୍ବଠାରୁ ଅଧିକ ମହଙ୍ଗା ପଡ଼ିବ, ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା ଭଳି ଉପଚାରକୁ ସମ୍ପୂର୍ଣ୍ଣ ନମାନିଲେ ତାଲାବନ୍ଦ ଓ କର୍ଫ୍ୟୁ କଠୋର ବ୍ୟବସ୍ଥା ହେବ ବୋଲି ଜଣାଇଦେବା ପରେ ସୁଦ୍ଧା, ଅମାନିଆମାନେ ବେଫିକର ବିଚରଣ କରୁଛନ୍ତି । ଏହାର ପରିଣତି ଯାହା ହେବ, ତାହା ସମସ୍ତେ ଜାଣନ୍ତି । ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ଟିକାକରଣ ଅଭିଯାନର ପରିଚାଳନାରେ ଅବ୍ୟବସ୍ଥା । ଏଥିପାଇଁ କିଏ ଦାୟୀ, ତାହା ବିଚାରର କ୍ଷେତ୍ର ଭିନ୍ନ । ସେହିପରି କୁମ୍ଭମେଳା, ନିର୍ବାଚନ ସଭା ମାଧ୍ୟମରେ ସୁପରସ୍ପ୍ରେଡରକୁ ଡାକି ଅଣାଯିବା ପରି ଅବିବେକୀ କାର୍ଯ୍ୟ ଗଣମୃତ୍ୟୁ ପାଇଁ କରୋନା ଭୂତାଣୁକୁ ଆମନ୍ତ୍ରଣ ହେଲା ବୋଲି ତଦବିଦ୍ ମହଲର ମତ । ମହାସଙ୍କଟ ଏମିତିରେ ଭୂତାଣୁଜନିତ, ହେଲେ ସ୍ଥିତିର ଠିକ୍ ମୁକାବିଲାରେ ବେପରୁଆ ଭାବକୁ ମଧ୍ୟ ଦାୟୀ କରାଯିବ । ନେଡ଼ିଗୁଡ କହୁଣିକୁ ବୋହିଯିବା ସମୟକୁ ପରାମର୍ଶ ଦେବାକୁ କେହି ନଥିବେ । ସ୍ଥିତି ଅତ୍ୟଧିକ ଗମ୍ଭୀର ହୋଇ ସାରିଲାଣି, ବିସ୍ଫୋରକ ମହାମାରୀ ପାଇଁ ନା ଚିକିତ୍ସକ, ନା ପ୍ରଶାସକ ବାଟ ପାଉଛନ୍ତି । ତ୍ରାହି ତ୍ରାହି ଚିତ୍କାର ଛଡ଼ା କାହାରି ହାତରେ କିଛି ଉପାୟ କି ସାଧନ ନାହିଁ । ଯେଉଁ ଟିକା, ବେଡ୍, କି ଡାକ୍ତରଖାନା କଥା ନେଇ ବିବାଦ ଦେଖାଯାଉଛି, ସେଥିରେ ସମାଧାନ ସୂତ୍ର ରହିଥିବା ପରି ଜଣାଯାଉନାହିଁ ।




## ଦୁଃଖ ...

**ଶରତ କୁମାର ଦାସ**

ହାତ ଗୋଡ ଛାଟି ଆକାଶକୁ ଚାହିଁ
କଣ୍ଠ ଫଟେଇ କୁଆଁ କୁଆଁ ଡାକରେ ହିଁ
ଗଜରୁଥାଏ ଦୁଃଖ ।

କ୍ରମଶଃ ଶାଖା ପ୍ରଶାଖା ମେଲି
ବଳିଷ୍ଠ ହୁଏ
ଭୂମିରୁ ଭୂମାକୁ ଛୁଏଁ ପ୍ରତିକ୍ଷଣେ ସେ
ଖିଲି ଖିଲି ହସେ ନାଚେ ଗାଏ
ମନ ଖୁସିରେ ବୁଲୁଥାଏ ଦୁଃଖ
ପୃଥିବୀର ଏଇ ସବୁଜ ପ୍ରାନ୍ତରେ ।

ବୟସ ବଢିଗଲେ ଦୁଃଖ ବି
ବୟସ୍କ ହୁଏ
ତେଲ ଲୁଣ ଦୁନିଆରେ
ସଂସାରକୁ ଚଳାଇ ନେବାପାଇଁ
କାହା ନିକଟରେ ମୁଣ୍ଡ ପାତିବାରେ
ଅବା ଦାଦନ ହୋଇ
ଭିଟାମାଟି ଛାଡିବାରେ
ଦାନାବାନ୍ଧୁଥାଏ ଦୁଃଖ
ଆଖିର ଲୁହରେ ।

ସାତସିଆଁ ଦରବାର ମସୃଣ ଛାତିରେ
ହାଇ ମାରେ ଦୁଃଖ
ଝାଟିମାଟି ଘରର ମଥାନକୁ ଡେଇଁ
ଧସେଇ ପଶୁଥାଏ ଦୁଃଖ
ଏକ ପରିଚିତ ମୁହଁ ପରି
ଅତି ସନ୍ତର୍ପଣେ
ବିଚରା ଫଟା କପାଳ ଲେଖୁଥାଏ
ଦୁଃଖର ଇତିବୃତ୍ତ ଲହୁ ଓ ଲୁହରେ ।

କେବେ ଦୁଃଖ ଚାଲୁଥାଏ
ଅମଡା ବାଟରେ
ପୁଣି କେବେ ପାଦ ଘଷୁଥାଏ
ଗାଧୁଆ ତୁଠର
ଆବଡାଖାବଡା ପଥର ମଥାରେ,
ଆଉ କେବେ ଦୁଃଖ ମୁହଁ ଦେଖୁଥାଏ
ଶୋଇବା ଘରର ସ୍ୱଚ୍ଛ ଆଇନାରେ
ସ୍ୱପ୍ନ ଦେଖୁଥାଏ ଗଜଦନ୍ତ
ସୁରମ୍ୟ ଶଯ୍ୟାରେ ।

ଶୈଶବରୁ ବାର୍ଦ୍ଧକ୍ୟ
ଏନ୍ତୁଡିରୁ ଶ୍ମଶାନ ପ୍ରଲମ୍ବିତ
ଦୁଃଖର ଛାଇ
ସକାଳରୁ ସଂଜ ପୁଣି ରାତିର
ଗାଢ ଅନ୍ଧାରରେ
ଗୁରୁଣ୍ଡି ଗୁରୁଣ୍ଡି ଖୋଜୁଥାଏ ବାଟ ।

ଦୁଃଖର କ'ଣ ଗୋଟାଏ
ନିର୍ଦ୍ଦିଷ୍ଟ ସଜ୍ଞା ଅଛି..... ?
ଦୁଃଖ ହିଁ ଜାଣେ ନିଜର
ସବୁତକ ସଜ୍ଞା
କେତେ କଷ୍ଟ ଓ ଯନ୍ତ୍ରଣା
ତା' ନାଆଁରେ
ଖୁନ୍ଦିହୋଇ ଚିତ୍କାର କରୁଥାଏ
ମୁଖାପିନ୍ଧା ମଣିଷଟି ଭଳି
ବଦଳୁଥାଏ ବେଶ
ଭିନ୍ନ ରୂପ ଆଉ ଭିନ୍ନ ଢଙ୍ଗରେ
ପୁଣି ପ୍ରତି ମୁହୂର୍ତ୍ତରେ ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ବ୍ୟକ୍ତିତ୍ୱର ବିବିଧ ବର୍ଣ୍ଣାଳୀରେ ଜାନକୀ ବଲ୍ଲଭ



**ବିପିନ ବିହାରୀ ରାଉତ**

ଗୋଟିଏ ବ୍ୟକ୍ତି ଅଥଚ ଅନେକ ବିଶେଷଣ । ବ୍ୟକ୍ତିତ୍ୱର ବିବିଧ ବର୍ଣ୍ଣାଳୀରେ ପରିପୂର୍ଣ୍ଣ ଜୀବନ । ପୂର୍ବତନ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପିସିସି ସଭାପତି, ବିରୋଧୀଦଳ ନେତା, ବିଚକ୍ଷଣ ରାଜନୀତିଜ୍ଞ, ଏ ସମସ୍ତ ରାଜନୈତିକ ଉପଲବ୍ଧ ସହ ସେ ଥିଲେ ପ୍ରବୀଣ ସାହିତ୍ୟିକ, ଯଶସ୍ୱୀ, ସଂସ୍କୃତଜ୍ଞ, ଆଗଧାଡ଼ିର ବାଗ୍ମୀ, ଧୁରୀଣ ସାମ୍ବାଦିକ । ଏ ସବୁର ସମାହାର ସେଇ ଗୋଟିଏ ଲୋକ ଜାନକୀ ବଲ୍ଲଭ ପଟ୍ଟନାୟକ । ଏକ ଦୀର୍ଘ ସଫଳ ପରିପୂର୍ଣ୍ଣ ଜୀବନ । ଜାନକୀବାବୁ ବିଜୁବାବୁଙ୍କ ଭଳି ଝଡ଼ର ଇଗଲ କିମ୍ବା ଧରଣୀର କୃଷ୍ଣସାର ନଥିଲେ ରାଜନୀତିରେ ସାରଙ୍ଗ ସାଜିବାକୁ ତାଙ୍କ ପାଖରେ ନଥିଲା ମହତାବସମ ପ୍ରତ୍ୟୁତ୍ପନ୍ନମତିତା କିମ୍ବା ନନ୍ଦିନୀଙ୍କ ଭଳି ଅଗ୍ନିକନ୍ୟାର ତେଜ । ତଥାପି ସେ ଥିଲେ ଓଡ଼ିଶା ରାଜନୀତିର ସ୍ଥିତପ୍ରଜ୍ଞ ସାରଣିକ । ଧୈର୍ଯ୍ୟ, ଅନୁଶାସନ, ଆନୁଗତ୍ୟକୁ ପାଥେୟ କରି ସୁଯୋଗର ସଦୁପଯୋଗ ପୂର୍ବକ ସେ ହୋଇପାରିଥିଲେ ଓଡ଼ିଶା ରାଜନୀତିର ସାରସ, ଚନ୍ଦ୍ରହାର । ଜୀବନରେ ଅନେକ ଉତ୍‌ଥାନ ପତନ ଦେଖିଥିବା ଜାନକୀବାବୁ ତାଙ୍କ ନିଜସ୍ୱ ଶୈଳୀରେ ସର୍ବଦା ନିଜକୁ ରାଜନୀତିରେ ପ୍ରାସଙ୍ଗିକ ଓ ଅପରିହାର୍ଯ୍ୟ ରଖି ଆସିଥିଲେ । ସମସ୍ତଙ୍କୁ ନେଇ କାମ କରିବା ଏବଂ ସମସ୍ତଙ୍କସହ ବ୍ୟକ୍ତିଗତ ସମ୍ପର୍କ ରଖି ଦଳକୁ ସଂଗଠିତ କରି ସେ ନିଜ ପାଇଁ କଂଗ୍ରେସଦଳ ଓ ରାଜ୍ୟ ରାଜନୀତିରେ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିନେଇଥିଲେ । ହାଇକମାଣ୍ଡ ସଂସ୍କୃତିର ଗଣ୍ଡି ମଧ୍ୟରେ ସେ ନିଜର ଏକ ସ୍ୱତନ୍ତ୍ର ହସ୍ତମୁଦି ମାହାଲ ପ୍ରସ୍ତୁତି କରିଥିଲେ ହେଁ ଶୃଙ୍ଖଳିତ ରହି କେବେ ବିଦ୍ରୋହ ବା ବିରୋଧ ପଥକୁ ଆଦରି ନଥିଲେ । ସେଥିପାଇଁ ତାଙ୍କୁ ଅବଶ୍ୟ ମିଳିଛି ପୁରସ୍କାର । ତାଙ୍କର ସାମଗ୍ରିକ ଜୀବନକାଳର ବୃହତ୍ତର ଅଂଶଟି କଟିଛି ରାଜନୀତିରେ । ବାକି ସମୟତକ ସଂପାଦନା, ସାମ୍ବାଦିକତା, ସାହିତ୍ୟସୃଷ୍ଟି ଓ ସଂସ୍କୃତି ବିକାଶରେ । ଓଡ଼ିଶାରେ ରାଜନୈତିକ ଅସ୍ଥିରତା ଯେତେବେଳେ ସବୁଠୁ ବଡ଼ ସମସ୍ୟା ଥିଲା ଏବଂ କୌଣସି ସରକାର ଏକାଦିକ୍ରମେ ପାଞ୍ଚବର୍ଷ କ୍ଷମତାରେ ରହିପାରୁନଥିଲେ, ସେତେବେଳେ ସେ ହିଁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଏ ଧାରା ଭାଙ୍ଗିବାରେ ସଫଳ ହୋଇଥିଲେ । ସମୟକ୍ରମେ ରାଜ୍ୟ ଓ ଜାତୀୟ ରାଜନୀତିରେ ସେ ନିଜକୁ ଅବଶ୍ୟମ୍ଭାବୀ କରି ତିନିଥର ମୁଖ୍ୟମନ୍ତ୍ରୀ ହେବାସହ ସାଧାରଣ ଜୀବନରେ ନିଜକୁ ଜାହିର କରାଇଥିଲେ । ଦଳ ସମ୍ପତ୍ତି ଏବଂ ଦଳ ମଧ୍ୟ ବିପତ୍ତି ଏହି ତତ୍ତ୍ୱକୁ ବେଶ୍ ଭଲଭାବେ ବୁଝିଥିବା ଜାନକୀବାବୁ ରାଜନୀତିର ବିଷୟ ପ୍ରବେଶରେ ବ୍ୟୁତ୍ପତ୍ତିଲାଭ କରିଥିଲେ । ନିଜର ଦୃଢ଼ ଇଚ୍ଛାଶକ୍ତିରୁ ସେ ବଳ ପାଉଥିଲେ । ପ୍ରଶାସନ ଉପରେ ତାଙ୍କର ଦୃଢ଼ ନିୟନ୍ତ୍ରଣ ଥିଲା । ତାଙ୍କର ସ୍ୱୀକାରୋକ୍ତି ଥିଲା, ଯେଉଁମାନେ ତୁମ ଉପରେ ବିଶ୍ୱାସ ରଖୁଛନ୍ତି ସେମାନଙ୍କ ଉପରେ ବିଶ୍ୱାସ ରଖିବାକୁ ପଡ଼ିବ । ତାଙ୍କର ଦୀର୍ଘ ୧୫ ବର୍ଷକାଳର ଶାସନକୁ ତାଙ୍କର ସମର୍ଥକମାନେ ଓଡ଼ିଶା ଇତିହାସର ସୁବର୍ଣ୍ଣଯୁଗ ବୋଲି ଦାବି କରିବା ଅଯୌକ୍ତିକ ନୁହେଁ । ରାଜନୀତିରେ ଦ୍ୱନ୍ଦ୍ୱ, ବିବାଦ, ଦୋଷଲୋପ ସାଧାରଣ କଥା । ଜଣେ



ତୁଙ୍ଗନେତାଙ୍କ ପ୍ରଭାବ, ପ୍ରତିଷ୍ଠା ଓ କାର୍ଯ୍ୟକୁ ବିରୋଧୀ ଭିନ୍ନ ଦୃଷ୍ଟିରେ ଦେଖିବା ଓ କହିବା ନୂଆ ନୁହେଁ । ପ୍ରଭାବ ଓ ପ୍ରତିଷ୍ଠା ଈର୍ଷା ସୃଷ୍ଟି କରେ, ଏହାକୁ ନେଇ ବିବାଦ ମୁଣ୍ଡ ଟେକେ । ଆକ୍ଷେପ ଓ ଦୁର୍ନାମର କାଳିମା ବୋଳିବାକୁ ବିରୋଧୀ ଚେଷ୍ଟା କରନ୍ତି । ଏ ସବୁ ବିତର୍କିତ ହେଲେ ହେଁ ଜାନକୀବାବୁଙ୍କ ଭାଗରେ ଏହାର କିଛି ଅଂଶ ପଡ଼ିଥିଲା । ଏସବୁ ସତ୍ତ୍ୱେ ସେ ନିର୍ବିକାରଭାବେ ନିଜ ଲକ୍ଷ୍ୟପଥରେ ଚାଲିଥିଲେ । ଯାହା ମାମୁଲି ତାହା ଗ୍ରହଣୀୟ ନୁହେଁ, ଏହି ନୀତିରେ ସେ ବିଶ୍ୱାସ କରୁଥିଲେ ।


+ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,


## ଶ୍ରୀରାମ ନବମୀ ବ୍ରତ



**ବିଦ୍ୟୁତ ଲତା ପଣ୍ଡା**

ସ୍କନ୍ଦପୁରାଣରେ ଶ୍ରୀବିଗ୍ରହରେ ଆରତ୍ରିକ ଦର୍ଶନ ଫଳ ସମ୍ପର୍କରେ ନିମ୍ନ ଲିଖିତ ବର୍ଣ୍ଣନା ଦେଖିବାକୁ ମିଳେ,"ଆରତ୍ରିକ ଚାଲୁଥିବା ସମୟରେ ଯେଉଁବ୍ୟକ୍ତି ଭଗବାନଙ୍କ ମୁଖାରବିନ୍ଦ ସଦର୍ଶନ କରେ,ସେ ଲକ୍ଷଲକ୍ଷ ବର୍ଷର ସଞ୍ଚିତ ପାପକର୍ମର ଫଳ ଭୋଗରୁ ମୁକ୍ତ ହୋଇଯାଏ । ଏପରିକି ଗୋହତ୍ୟା ଏବଂ ସେହି ପ୍ରକାର ନିଷିଦ୍ଧ ଜଘନ୍ୟ ପାପରୁ କ୍ଷମା ପାଇଥାଏ ।"ଭବିଷ୍ୟ ପୁରାଣରେ କୁହାଯାଇଛି,"ଭଗବାନଙ୍କର ଏପରି ଏକ ଉତ୍ସବ ଯଦି କେହି ଅନିଚ୍ଛା ବଶତଃ ମଧ୍ୟ ଦର୍ଶନ କରେ,ସେ ମଧ୍ୟ ବିଷ୍ଣୁଙ୍କ ପାର୍ଷଦ ଭାବରେ ଗଣାଯାଏ ।" ଗରୁଡ଼ ପୁରାଣରେ ଦେଖିବାକୁ ମିଳେ, ଯେଉଁବ୍ୟକ୍ତି ଭଗବାନଙ୍କ ପୂଜା ମନ୍ଦିରରେ ଦର୍ଶନ କରେ,ସେ ପଞ୍ଚରାତ୍ର ଶାସ୍ତ୍ର ବର୍ଣ୍ଣିତ କ୍ରିୟା ଯୋଗ ଫଳ ଲାଭ କରେ ।" ଅନ୍ୟକଥାରେ କହିଲେ ଅଷ୍ଟାଙ୍ଗ ଯୋଗ ସାଧନ କରୁଥିବା ଯୋଗୀମାନଙ୍କ ଠାରୁ ମଧ ଅଧିକ ଫଳ ମିଳିଥାଏ । ଏଇଥି ପାଇଁ ଭଗବାନ କୃପାକରି ବହୁ ଲୀଳା କରି ଯାଇଛନ୍ତି,ଯେଉଁସବୁ ଦର୍ଶନ ଏବଂ ମନନ କରି ମନୁଷ୍ୟ ଜନ୍ମମୃତ୍ୟୁ ଚକ୍ରରୁ ନିଜକୁ ପାର କରି ନେଇପାରିବ । ସେଥି ମଧ୍ୟରୁ ଭଗବାନଙ୍କ ଆବିର୍ଭାବ ତିଥି, ଦୋଳଯାତ୍ରା ଓ ରଥଯାତ୍ରା ଇତ୍ୟାଦି ପ୍ରଧାନ । ଏହିସବୁ ତିଥିରେ ଶାସ୍ତ୍ର ନିର୍ଦ୍ଦେଶିତ ପଥରେ ଭଗବାନଙ୍କୁ ଅର୍ଚ୍ଚନା କଲେ ବହୁ ଫଳ ମିଳିଥାଏ । ଭଗବାନଙ୍କ ଅନେକ ପର୍ବ ଦିବସ ମଧ୍ୟରୁ ରାମନବମୀ ଅନ୍ୟତମ,ଏହି ତିଥିରେ ବିଧିବିଧାନ ଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

ଚୈତ୍ର ମାସର ଶୁକ୍ଳନବମୀ ତିଥିରେ ପୁନର୍ବସୁ ନକ୍ଷତ୍ରରେ ଶ୍ରୀ ରାମଚନ୍ଦ୍ରଙ୍କର ଜନ୍ମହୁଏ । ଏହି ହେତୁ ସେହିଦିନ ରାମନବମୀ ବ୍ରତ କରାଯାଏ । ଏହିବ୍ରତ ଆଚରଣ କରୁଥିବା ବ୍ରତୀର ମନୋରଥ ପୂର୍ଣ୍ଣହୁଏ । ବିଷ୍ଣୁଭକ୍ତଗଣ ଏଥି ନିମନ୍ତେ ଅଷ୍ଟମୀବିଦ୍ଧା ନବମୀରେ ଉପବାସ ନକରି ଅଷ୍ଟମୀବିଦ୍ଧା ନବମୀରେ ପୁନର୍ବସୁ ନକ୍ଷତ୍ର ଯୋଗ ହେଲେ ମଧ ଉପବାସ ନରହି କେବଳ ନବମୀରେ ଉପବାସ ବ୍ୟବସ୍ଥା ଅଛି । ଏହି ବ୍ରତରେ ସାଧାରଣ ଦ୍ରବ୍ୟ ଛଡ଼ା ଅଶୋକ ଫୁଲ, ତୁଳସୀ, କୁଶ ଓ ନୈବେଦ୍ୟରେ ନାନାବିଧ ଘୃତପକ୍ୱ ଦ୍ରବ୍ୟ ଓ ଫଳମୁଳ ବ୍ୟବହୃତ ହୋଇଥାଏ । ଏହି ବ୍ରତରେ ଦେବତା ଶ୍ରୀରାମ ଓ ସୀତା । ମନ୍ତ୍ର- ଓଁ ରାଂ ରାମାୟ ନମଃ, ଓଁ ସୀତାୟୈ ନମଃ ।

ଏହିବ୍ରତରେ ବ୍ରତୀ ପ୍ରଥମେ ସ୍ୱସ୍ତିବାଚନାଦି ସମାପନ ପରେ ସଙ୍କଳ୍ପ କରିବା ବିଧି । ସଙ୍କଳ୍ପ କରିବା ପରେ ସାମାନ୍ୟ ଅର୍ଘ୍ୟସ୍ଥାପନ, ଆସନଶୁଦ୍ଧି, ଭୂତଶୁଦ୍ଧି, ପ୍ରାଣାୟାମ ଓ ମାତୃକାନ୍ୟାସ କରି କଳସରେ ଗଣେଶାଦି ପଞ୍ଚ ଦେବତା ପୂଜା କରାଯାଏ । ଏହାପରେ ଶ୍ରୀରାମଚନ୍ଦ୍ରଙ୍କୁ ଧ୍ୟାନ କରିବା ନିୟମ । ଧ୍ୟାନ କରିବା ସହିତ ଯଥାଶକ୍ତି ଉପଚାରରେ ରାମଚନ୍ଦ୍ରଙ୍କର ପୂଜା କରି ନିମ୍ନ ଲିଖିତ ମନ୍ତ୍ର କହି ପ୍ରଣାମ କରିବା ଉଚିତ୍

ଓଁ ରାମାୟ ରାମଚନ୍ଦ୍ରାୟ
ରାମଭଦ୍ରାୟ ବେଧସେ ।
ରଘୁନାଥାୟ ନାଥାୟ
ସୀତାୟାଃ ପତୟେ ନମଃ ॥

ଏହାପରେ ସୀତାଙ୍କର ଧ୍ୟାନ କରିବା ସହିତ ଯଥାଶକ୍ତି ଉପଚାରରେ ପୂଜା କରି ନିମ୍ନମନ୍ତ୍ର କହି ପ୍ରଣାମ କରିବା ଉଚିତ-

ବନ୍ଦେ ରାମହୃଦମ୍ଭୋଜ
ପ୍ରକାଶାଂ ଜନକାଂତ୍ମଜାଂ ।
ସତ୍ରିବର୍ଗପରା
ନନ୍ଦଦାୟିନୀଂ ବ୍ରହ୍ମରୂପିଣୀଂ ॥

ଏହାପରେ ଦଶରଥଙ୍କର ଅର୍ଚ୍ଚନା କରି ପ୍ରଣାମ କରି, କୌଶଲ୍ୟାଙ୍କୁ ଅର୍ଚ୍ଚନା କରି ପ୍ରଣାମ କରାଯାଏ । ଏହାପରେ-ଅନନ୍ତର ଭଗବନ୍ ରାମଚନ୍ଦ୍ର ଆବରଣଂ ତେ ପୂଜୟାମି । ବାକ୍ୟରେ ଅନୁଜ୍ଞା ଗ୍ରହଣ କରି ଆବରଣ ପୂଜା କରାଯାଏ । ତାହାପରେ ଯଥାଶକ୍ତି ଉପଚାର ଯୋଗେ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ, ହନୁମାନ, ସୁଗ୍ରୀବ, ବିଭୀଷଣ, ଅଙ୍ଗଦ, ଜାମ୍ବବାନ ଏବଂ ଧୃମ, ଜୟନ୍ତ, ବିଜୟ, ସୁରାଷ୍ଟ୍ର, ରାଷ୍ଟ୍ରବର୍ଦ୍ଧନ, ଅଶୋକ, ଧର୍ମପାଳ ଓ ସୁମନ୍ତ ପୂଜା କରାଯାଏ । ପୁନର୍ବସୁ ନକ୍ଷତ୍ର ଯୁକ୍ତ ନବମୀ ତିଥିରେ କର୍କଟ ଲଗ୍ନରେ ମଧ୍ୟାହ୍ନ ସମୟରେ ରାକ୍ଷସ କୁଳ ବିନାଶାର୍ଥ ପ୍ରାଦୁର୍ଭୁତ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମ ଚିନ୍ତାକରି ବାଦ୍ୟଧ୍ୱନି କରାଯାଏ । ପରେ ଶଙ୍ଖରେ ଗୋଟିଏ ଫଳ ଅଶୋକପୁଷ୍ପ, ତୁଳସୀ, କୁଶ ଓ ଚନ୍ଦନାଦି-ଯୁକ୍ତ ଅର୍ଘ୍ୟ ଘେନି ରାମଚନ୍ଦ୍ରଙ୍କୁ ନିମ୍ନୋକ୍ତ ମନ୍ତ୍ରରେ ନିବେଦନ କରାଯାଏ ।

ଓଁ ଦଶାନନବଧାର୍ଥାୟ
ଧର୍ମ ସଂସ୍ଥାପନାୟ ଚ ।
ଦାନବାନାଂ ବିନାଶାୟ
ଦୈତ୍ୟାନାଂ ନିଧନାୟ ଚ ।
ପରିତ୍ରାଣାୟ ସାଧୁନାଂ
ରାମୋଜାତଃ ସ୍ୱୟଂ ହରିଃ ।
ଗୃହାଣାର୍ଘ୍ୟଂ ମୟା ଦତ୍ତଂ
ଭ୍ରାତୃଭିଃ ସହିତୋ ମମ ॥

ଏହାପରେ ପ୍ରହରେ ପ୍ରହରେ ପୁଷ୍ପାଞ୍ଜଳି ଦାନ, ରାମଗୀତାଦି ପାଠ ଓ ମନ୍ତ୍ରାଦି ଜପ କରିବା କର୍ତ୍ତବ୍ୟ । ତା ପରଦିନ କଥା ଶ୍ରବଣ କରାଯିବା ଉଚିତ । ଯଥାଶକ୍ତି ଉପଚାରରେ ପୂଜା କରି ତଦ୍‌ବିଷ୍ଣୋ ପରମଂ ପଦଂ ଇତ୍ୟାଦି ମନ୍ତ୍ରରେ ହୋମ କରି କଥା ଶ୍ରବଣ କରାଯାଏ ।

ଶ୍ରୀମନ୍ଦିରରେ ଏହି ଉତ୍ସବ ମହାଡ଼ମ୍ବରରେ ପାଳିତ ହୋଇଥାଏ । ଏହି ନବମୀତିଥିରେ ପୂର୍ବଦିନ ସନ୍ଧ୍ୟାଧୂପ ସରିଲେ ଭିତରେ ପାଣିପଡ଼ି ଧୋପଖାଳ ହୁଏ । ଭୋଗ ନିମନ୍ତେ ଥାଳିପଡ଼ି ଟେରା ବନ୍ଧାଗଲେ ରୋଷକୁ ଭୋଗ ଡକାଯାଏ । ଏହି ଭୋଗ ଠାକୁରଙ୍କ ସମ୍ମୁଖକୁ ଆସିଲେ ନିର୍ଦ୍ଦିଷ୍ଟ ସେବକଙ୍କ ଦ୍ୱାରା ପ୍ରସାଦ ଲାଗି ବଢେ । ପଞ୍ଚୋପଚାର ବିଧିରେ ପୂଜା ଶେଷ ହେଲେ ନିର୍ଦ୍ଦିଷ୍ଟ ସେବକମାନେ ତିନି ବାଡ଼ର ବନ୍ଦାପନା କରନ୍ତି । ଗର୍ଭୋଦକ ନିମନ୍ତେ ଶ୍ରୀଜିଉଙ୍କର ବାଡ଼ରେ ଅଧିକ ବନ୍ଦାପନା ବଢିଲେ ମନ୍ଦିରର ଅନ୍ୟାନ ଦୈନିକ ନୀତିମାନ ପାଳିତ ହୋଇଥାଏ ।

ରାମନବମୀ ତିଥିର ସକାଳ ଧୂପ ପରେ ମହାସ୍ନାନ ଓ ବେଶଲାଗି ବଢି ଛେକ ଉଠିଲେ ଜୟବିଜୟ ଦ୍ୱାର ବନ୍ଦ କରାଯାଏ । ଭଣ୍ଡାରଘର ଦୁଆର ଆଗ



ପୋଛାପୋଛି ସରିଲେ ପଞ୍ଚବର୍ଣ୍ଣ ମୁରୁଜରେ ନିର୍ଦ୍ଦିଷ୍ଟ ସେବକ ଜନ୍ମମଣ୍ଡଳ କାଟନ୍ତି । ମଧ୍ୟାହ୍ନ ଧୂପ ଶେଷରେ ଦକ୍ଷିଣଘର ଠାକୁରମାନଙ୍କର ଭୋଗ ବଢିଲେ ରାମବିଗ୍ରହଙ୍କୁ ଭିତର ସିଂହାସନକୁ ବିଜେ କରାଯାଏ । ସେଠାରେ ନିର୍ଦ୍ଦିଷ୍ଟ ସେବକ ଧଣ୍ଡିପ୍ରସାଦ ଲାଗିକରି ପ୍ରସାଦ ଉଲାଗି କଲା ଉତ୍ତାରେ ରାମବିଗ୍ରହଙ୍କୁ ଆଜ୍ଞାମାଳ ଦିଆଯାଇ ମଣ୍ଡଳ ଉପରକୁ ଅଣାଯାଏ । ଏଠାରେ ନିର୍ଦ୍ଦିଷ୍ଟ ସେବକ ଦୁଇଜଣ ଦଶରଥ ଓ କୌଶଲ୍ୟା ରୂପରେ ଉପସ୍ଥିତ ରହି ଖଣ୍ଟୁଆ ଘୋଡ଼ାଇ ଜନ୍ମବିଧି ପାଳନ କରନ୍ତି । କର୍ପୂର ଆଳତି ବନ୍ଦାପନା ସରିବା ପରେ ଗଣ୍ଡୁଷମସଲା ଓ କ୍ଷୀର ମଣୋହି ବଢେ । ପୂଜକ ଜନ୍ମବିଧି ବଢାଇ ପଇତାଲାଗି କଲାପରେ ଶୀତଳ ଭୋଗ ମଣୋହି କରାନ୍ତି । ଅନ୍ୟ ନିର୍ଦ୍ଦିଷ୍ଟ ସେବକ ଜୟବିଜୟ ଦ୍ୱାରଠାରେ ଚରୁଅନ୍ନ ମଣୋହି କରାଇବା ଉତ୍ତାରେ ଦେବ ବିଗ୍ରହ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରନ୍ତି । ଏହାପରେ ମନ୍ଦିରର ଦୈନନ୍ଦିନ ନୀତି ବଢିଥାଏ ।

ରାମନବମୀ ଦିନ ଶ୍ରୀରାମଙ୍କର ଜନ୍ମୋତ୍ସବ ପରେ ଏହି ଲୀଳା ବନ୍ଦ ନହୋଇ ପରବର୍ତ୍ତୀ ଦଶମୀ, ଏକାଦଶୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ବୈଶାଖ କୃଷ୍ଣ ପ୍ରତିପଦ୍ ଓ ଦ୍ୱିତୀୟା ତିଥି ମାନଙ୍କରେ ଯଥାକ୍ରମେ ଯଜ୍ଞରକ୍ଷା, ସୀତାବିବାହ, ବନବାସ, ମାୟାମୃଗ ବଧ, ଲଙ୍କା ପୋଡ଼ି, ସେତୁବନ୍ଧ ଓ ରାବଣ ବଧର ସ୍ମାରକୀ ଉତ୍ସବ ପାଳନ ନିମନ୍ତେ ଶ୍ରୀଜୀଉଙ୍କର ସନ୍ଧ୍ୟା ଧୂପ ବଢି ଦକ୍ଷିଣଘର ଭୋଗ ଶେଷରେ ଚଳନ୍ତି ପ୍ରତିମା ହାତରେ ରତ୍ନ ସିଂହାସନକୁ ବିଜେ ହୋଇଯାଇ ଆଜ୍ଞାମାଳ ପାଆନ୍ତି ଓ ପରେ ହାତରେ ବିଜେ ହୋଇ ଆସି ବଟ ମୂଳରେ ଥିବା ପାଲିଙ୍କିରେ ବିଜେ କରନ୍ତି । ଘଣ୍ଟ, ଛତା, କାହାଳି ସହ ପାଲିଙ୍କି ଜଗନ୍ନାଥବଲ୍ଲଭ ମଠକୁ ନିଆଯାଏ । ସେଠାରେ ସାହିର ଯାନିଯାତ୍ରା ଓ ଶୀତଳ ଭୋଗପରେ ଠାକୁର ବାହୁଡ଼ି ଦକ୍ଷିଣଘରେ ବିଜେ କରନ୍ତି । ଏହି ଯାତ୍ରା ନିମନ୍ତେ ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ଚଳନ୍ତି ପ୍ରତିମାମାନ ବିଜେ କରିଥାନ୍ତି ।

ସର୍ବଶେଷରେ ରାମାଭିଷେକ ପରେ ଏହି ଯାତ୍ରା ପରି ସମାପ୍ତି ହୋଇଥାଏ । ଏହି ଉତ୍ସବ ପୁଷ୍ୟାନକ୍ଷତ୍ର ଓ କର୍କଟରାଶି ଥାଇ ଶ୍ରୀଜୀଉଙ୍କର ତାରାଶୁଦ୍ଧି ଥିବା ଦିବସରେ ଅନୁଷ୍ଠିତ ହୁଏ । ଏହିଦିନ ସନ୍ଧ୍ୟା ଆଳତି ସରି ଦକ୍ଷିଣଘର ଭୋଗ ସରିଲେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ସିଂହାସନକୁ ବିଜେହୋଇ ଆଜ୍ଞାମାଳ ପାଇଲେ ବଟମୂଳେ ଥିବା ରଥରେ ବିଜେ ହୁଅନ୍ତି । ରଥକୁ ସେଠାରୁ ଜଗନ୍ନାଥବଲ୍ଲଭ ମଠକୁ ନିଆଯାଇଥାଏ । ସନ୍ଧ୍ୟାଧୂପ ପୂଜା ବସିଥିବା ବେଳେ ଗୌଡ଼ବାଡ଼ ସାହିରୁ ଦୁଇଜଣ ବ୍ୟକ୍ତି ଭରତ ଓ ଶତ୍ରୁଘ୍ନ ବେଶରେ ମନ୍ଦିରକୁ ଆସି ମନ୍ଦିର ଭଣ୍ଡାରରୁ ପାଦୁକା ନେଇ ଘଣ୍ଟ, ଛତା, କାହାଳି ସହ ଅଭିଷେକ ନିମନ୍ତେ ଜଗନ୍ନାଥବଲ୍ଲଭ ମଠରେ ପହଞ୍ଚନ୍ତି ଓ ସେଠାରୁ ଘଣ୍ଟ, ଛତା ଓ କାହାଳାଦି ସହ ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଓ ହନୁମାନ ରଥରେ ଆସି ଲକ୍ଷ୍ମୀ ମନ୍ଦିର ଜଗମୋହନ ଖଟ ଉପରେ ଭଦ୍ରାସନରେ ବିଜେ କରନ୍ତି । ଏହାପରେ ମହାସ୍ନାନ ବଢି ମାଳଫୁଲ ଲାଗିହୋଇ ବେଶ ସରିଲେ ପାଣିପଡ଼ି ରୋଷକୁ ଭୋଗ ଡକରା ଯାଏ । ଭୋଗ ଆସିଲେ ନିର୍ଦ୍ଦିଷ୍ଟ ସେବକ ଦ୍ୱାରା ପ୍ରସାଦଲାଗି ବଢେ । ପୂଜକ ପଞ୍ଚୋପଚାରରେ ପୂଜା ସାରିଲେ ବନ୍ଦାପନା ହୁଏ । ଏହାପରେ ଚାରିଠାକୁର ହାତରେ ବିଜେହୋଇ ଆସି ଦକ୍ଷିଣଘରକୁ ଗଲେ ମନ୍ଦିରର ଅବଶିଷ୍ଟ ଦୈନିକ ନୀତି ଗୁଡ଼ିକ ସମାପ୍ତ ହୋଇଥାଏ । ଏହିଯାତ୍ରା କାଳରେ ଦେବଦର୍ଶନ ଅତୀବ ପୁଣ୍ୟପ୍ରଦ । ବାମଦେବ ସଂହିତାରେ ଉଲ୍ଲେଖ ଅଛି-

"ଯଃ ପଶ୍ୟେତ୍ ରାମଜନନଂ
ସତୁ ପାପାତ୍ ବିଶୁଦ୍ଧ୍ୟତି ।"

ସର୍ବପାପ ବିନାଶକ ଭଗବାନ ଶ୍ରୀରାମଙ୍କର ଜନ୍ମୋତ୍ସବ ଦର୍ଶନ କରି ନିଜକୁ ଧନ୍ୟ କରିବା ଉଚିତ । ଶ୍ରୀକ୍ଷେତ୍ରରେ ବାରମାସରେ ତେର ଯାତରା ଅନୁଷ୍ଠିତ ହୋଇଥାଏ । 'ଯାତ୍ରା ଭାଗବତ' ଅନୁସାରେ ଶ୍ରୀମନ୍ଦିରରେ ଦ୍ୱାଦଶ ଯାତ୍ରା ପ୍ରଧାନ । ଏହି ଦ୍ୱାଦଶ ଯାତ୍ରା ବ୍ୟତୀତ ଆଉ କିଛି ଉପଯାତ୍ରା ମଧ ଏଠାରେ ପାଳିତ ହୋଇଥାଏ । ଶ୍ରୀମନ୍ଦିର ପଞ୍ଚ ଦେବତା ପୂଜାର ଏକ ସମନ୍ୱୟ ପୀଠ ହୋଇଥିବାରୁ ଭାରତବର୍ଷର ପୂଜିତ ହେଉଥିବା ପଞ୍ଚ ଦେବତା ପୂଜାର ସମସ୍ତ ଯାନିଯାତ୍ରା ଶ୍ରୀମନ୍ଦିରରେ ପ୍ରଚଳିତ । ସମସ୍ତ ମତକୁ ଶ୍ରୀମନ୍ଦିର ସମାନ ଭାବରେ ଗ୍ରହଣ କରି ଉପଯୁକ୍ତ ମର୍ଯ୍ୟାଦା ଦେଉଥିବାରୁ ଶ୍ରୀମନ୍ଦିର ବିଶ୍ୱର ଏକ ଆଦର୍ଶ ସ୍ଥାନ ଲାଭ କରିଛି ।


+ମୟୂରଭଞ୍ଜ,
ମୋ:୯୯୩୮୧୨୨୮୨୬





## 'ବୋଝ'ଟିଏ ଅଛି ବୋଲି ସିନା ...

**ଦିଲିପ୍ କୁମାର ତ୍ରିପାଠୀ**

'ବୋଝ' ଟିଏ ଅଛି ବୋଲି ସିନା
ଜୀବନଟା ବୋଝ ଲାଗୁନି...
ନହେଲେ ଝଡି ସାରନ୍ତିଣି
ଶୁଖିଲା ପତ୍ରଟେ ପରି,
ଆଉ ଉଡି ସାରନ୍ତିଣି
କେଉଁଦିନୁ... କେଉଁଆଡେ...

ବୋଝଟେ ନଥିଲେ,
କଉ ଆଉ ଭଲ ଲାଗୁଛି ଯେ...
ଖାଲି ହାଲ୍କା ହେବା ଭୟ
ବଢୁଛି ଯାହା
ସେଇଥିପାଇଁ ତ' ଭାବୁଛି
ଥାଉ..ଥାଉ ସେ ବୋଝ
ହଉ ... ହଉ ଯେତେ ଭାରି
ସହିଗଲେ ଗଲା !!

ବରଂ ଜାକିଜୁକି ଦେଲେ
ସାଇତିବି ହଉଛି
ଡହଳ ବିକଳ ରେ ଛିଟ୍କି ପଡୁଥିବା
ପ୍ରେମ ଛେଉଣ୍ଡ ସ୍ମୃତି ମାନଙ୍କୁ,
ନିଷ୍କପଟ ମୁହୂର୍ତ୍ତ ମାନଙ୍କୁ,
ଆତ୍ମୀୟଙ୍କର ଅଭିପ୍ସିତ
ଅରମାନ୍ ମାନଙ୍କୁ,
ତ' କେବେ କେବେ ବିଶ୍ୱାସର
ଢ଼ାଙ୍କୁଣୀରେ ନିବୁଜ୍
ମୋ ପ୍ରେମିକା ଦେଇଥିବା
ଖାଲି କୁଡୁଆ ଗୁଡିଙ୍କୁ ।

କିଛି ସାଇତିବାର ଲୋଭ ଅପେକ୍ଷା
ଦାରିଦ୍ର୍ୟତାର ଅକାଳକାଣ୍ଡ ବେଶୀ
ବାଧ କରିଛି ମୋତେ
ମୁଣ୍ଡେଇ ଧରିବାକୁ ଏଇ 'ବୋଝ' ।

ବେଳେବେଳେ ଭାରି ଲାଗେ ,
ଇଚ୍ଛାହୁଏ କାଢ଼ି ରଖିଦେବାକୁ
କିଛି କିନ୍ତୁ, ପାରେନି !
ବର୍ଷ ବର୍ଷର ଏଇ ବୋଝ ଗୁଡାକ
ବେଶୀ ନିଜର ଲାଗନ୍ତି !

ଆଉ ମୁଁ ପୁଣି ଆଣି ମୁଣ୍ଡେଇ
ଧରେ ସେମାନଙ୍କୁ,
ଅପେକ୍ଷା କରି ସେଇ ଦିନକୁ
ଯେଉଁଦିନ ମୋର ହାଲ୍କା
ହବାର ଭୟ ନଥିବ,
ନଥିବ ବି 'ବୋଝ'
ମୁଣ୍ଡେଇବାର ଦାୟିତ୍ୱ ।


+ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ଦୂରଭାଷ:୯୭୭୮୧୦୬୧୦୫/
୯୯୧୬୦୬୫୮୬୬


## ସଂନ୍ଧ୍ୟା ଦର୍ଶନ ...

**ଶରତ ଚନ୍ଦ୍ର ଜାଲି**

ରଥକୁ ଆସହେ ଗୋସାଇଁ
ଦେବି ଭକତିରସ
ରଖିଛି ଅତିଯତନରେ
ତୁମ୍ଭପାଇଁ ଏ ଦାସ ?

ରଂଗଅଧରରେ ଦେଖିଲେ
ନାଲିହସରୁ ଟିକେ
ରହିବନାହିଁ ମୋ ଯାତନା
ଯିବି ଅମର ଲୋକେ ?

ରୂପରେ ଦିଶୁଛ ବାମନ
ମନ ନେଉଛ ଟାଣି
ରୁଧ ମୋ ହୋଇଲା ନିଶ୍ୱାସ
ଆହେ ମୁରଲୀପାଣି ?

ରବିଠାରୁ ଜିଣି ଜ୍ୟୋତିହେ
ତବ ମୁଖମଣ୍ଡଳେ
ରୂପାସୁନା ହୀରାମୋତିରେ
ଚାରୁ ଚନ୍ଦ୍ରମା ଢାଳେ ?

ରଣି ମୁଁ ତୁମ୍ଭର ଚରଣେ
ସବୁ ଜନମେ ହରି
ରଖବା ନରଖ ବସିଛି
ତତେ ଭରସା କରି ?

ରସହୀନ ହୁଏ ହୃଦୟ
ତୁମ୍ଭ କରୁଣା ବିନା
ରସିକ ଭକତମେଳରେ
ମୋର କାଳିଆସୁନା ?

ରହିରହି ଯିବ
ମାଉସୀଘର ଜନମପୀଠେ
ରମ୍ଭାଫଳ ଆଉ ଶ୍ରୀଫଳ
ମାଉସୀ ଦେବ କେତେ ?

ରଖିବ ନଅଦିନ ମାଉସୀ
କାନିପଣତ ତଳେ
ରୁଣ୍ଡ ହୋଇ ଦେବତାବୃନ୍ଦ
ନାଚିବେ ଭାବବୋଳେ ?

ରଂଗାଅଧରହେ ନବମୀସଂନ୍ଧ୍ୟା
ଦର୍ଶନ ଦେବ
ରୌରବ ନର୍କରୁ ଭଗତ
ତେବେ ଉଦ୍ଧାର ହେବ ?


ପଥରା,ଖଲ୍ଲିକୋଟ,ଗଂଜାମ
ମୋ-୭୮୭୩୯୧୭୬୫୧

# ଧର୍ମଧାରାରେ ଶ୍ରୀ ହନୁମାନଙ୍କ ଉପାସନା



ବିପିନ ବିହାରୀ ମହାନ୍ତି

'ସ୍କନ୍ଦ ପୁରାଣ' ଓ 'ରାମାୟଣ' ମତେ କପିରାଜ କେଶରୀଙ୍କ ପତ୍ନୀ ଅଂଜନାଙ୍କ ଔରସରୁ ହନୁମାନଙ୍କ ଜନ୍ମ । ମତଙ୍ଗ ଋଷିଙ୍କ ପରାମର୍ଶକ୍ରମେ ଅଞ୍ଜନା ଆକାଶ ଗଙ୍ଗାତୀର୍ଥରେ ସ୍ନାନକରି ପବନକୁ ଉପାସନା ଓ ସନ୍ତୁଷ୍ଟ କରି ହନୁମାନଙ୍କୁ ପାଇଥିଲେ । ଏ ହନୁମାନ ହେଉଛନ୍ତି ପବନଙ୍କ ପୁତ୍ର ।

ହନୁମାନଙ୍କ ଜନ୍ମ ନେଇ ଏକ ସୁନ୍ଦର କାହାଣୀ ଅଛି । 'ଆନନ୍ଦ ରାମାୟଣ'ର ବର୍ଣ୍ଣନାନୁଯାୟୀ ମହାରାଜା ଦଶରଥ ବଶିଷ୍ଠଙ୍କ ନିର୍ଦ୍ଦେଶକ୍ରମେ ପୁତ୍ରେଷ୍ଟି ଯଜ୍ଞ କରିଥିଲେ । ଯଜ୍ଞପରେ ଅଗ୍ନିଦେବ ସନ୍ତୁଷ୍ଟ ହୋଇ ଦଶରଥଙ୍କୁ ଯଜ୍ଞଚରୁ ଦାନ କଲେ । ଏଥିରେ ଅଧେ ଦଶରଥ କୌଶଲ୍ୟାଙ୍କୁ ଦେଲେ । ବାକି ଅଧେକକୁ ଅଧା ଅଧା କରି କୈକେୟୀ ଓ ସୁମିତ୍ରାଙ୍କୁ ଦେଲେ । ଏ ଚରୁକୁ ସେମାନେ ଆମୃସ୍ଥ କରିବା ପୂର୍ବରୁ ଆକାଶ ମାର୍ଗରୁ ଏକ ଗୃଧ୍ରୀ ଆସି କୈକେୟୀଙ୍କ ଚରୁକୁ ଝାମ୍ପିନେଲା । ଏଣୁ କୌଶଲ୍ୟା ଓ ସୁମିତ୍ରା ତାଙ୍କ ଅଂଶରୁ କିଛି କିଛି କୈକେୟୀଙ୍କୁ ଦେଲେ । ଏମିତି କୌଶଲ୍ୟାଙ୍କ ଔରସରୁ ରାମ, କୈକେୟୀଙ୍କ ଔରସରୁ ଭରତ ଓ ସୁମିତ୍ରାଙ୍କ ଔରସରୁ ଲକ୍ଷ୍ମଣ, ଶତ୍ରୁଘ୍ନ ଜନ୍ମ ନେଲେ । ଗୃଧ୍ରୀ ନେଇଥିବା ଚରୁ ଆକାଶମାର୍ଗରୁ ତା' ଥଣ୍ଟରୁ ଖସି ପଡ଼ିଲା । ତାହାକୁ ପବନ ଦେବତା ଉଡ଼ାଇ ନେଇ ସୂର୍ଯ୍ୟଙ୍କୁ ଅର୍ପଣ ବେଳେ ଅଞ୍ଜନାଙ୍କୁ ମୁକ୍ତହସ୍ତରେ ଅର୍ପଣ କଲେ । ତାହାକୁ ଅଞ୍ଜନା ପ୍ରସାଦ ରୂପେ ପାଇଲେ । ସେ ଚରୁରୁ ଜନ୍ମ ନେଲେ ହନୁମାନ । ଏହା ଥିଲା ଚୈତ୍ର ପୂର୍ଣ୍ଣିମା ଦିବସ। ତେବେ ସୂର୍ଯ୍ୟଦେବତାଙ୍କ ସହିତ ହନୁମାନଙ୍କର ଦାର୍ଶନିକ ସଂପର୍କ କାରଣରୁ ମହାବିଷବ ସଂକ୍ରାନ୍ତିକୁ ତାଙ୍କ ଜନ୍ମଜୟନ୍ତୀ ବୋଲି ଧରାଯାଏ । ତୁଳସୀ ଦୁଇପତ୍ରରୁ ବାସିଲା ପରି ହନୁମାନଙ୍କ ମହାତ୍ମ୍ୟ ତାଙ୍କ ଶୈଶବରୁ ଜଣାପଡ଼ିଥିଲା । ସେ ଜନ୍ମ ନେଉ ନେଉ ପ୍ରବଳ କ୍ଷୁଧାର୍ତ୍ତ ଥିଲେ । ଏଣୁ ବାଳସୂର୍ଯ୍ୟଙ୍କୁ ଗିଳି ଦେବା ପାଇଁ ସୂର୍ଯ୍ୟଙ୍କ ନିକଟରେ ଖୁବ୍ ଜୋର୍‌ରେ ଦୌଡ଼ି ପହଞ୍ଚିଥିଲେ । ଏଥିକୁ ଇନ୍ଦ୍ର ତାଙ୍କୁ ବଜ୍ର ପ୍ରହାର ପ୍ରୟୋଗକରି ବେହୋସ କରିଦେଲେ । ଏଥିରେ ବାୟୁଦେବତା କ୍ଷୁବ୍ଧ ହୋଇ ପବନ ଚଳାଚଳ ବନ୍ଦ କରିଦେଲେ । ଏବେ ସୃଷ୍ଟି ପ୍ରଳୟ ବେଳ । ଏଣୁ ଦେବତାମାନେ ସେଠି ପହଞ୍ଚି ବାୟୁଦେବତାଙ୍କୁ କ୍ଷମାମାଗିଲେ ଏବଂ ହନୁମାନଙ୍କ ଚେତା ଫେରାଇ ଆଣିଲେ । ଇନ୍ଦ୍ର ତାଙ୍କୁ ବଜ୍ର ଦାନ କରି ତାଙ୍କ ଶରୀରକୁ ବଜ୍ର ପରି କଠିନ କରିଦେଲେ । ଯମ ତାଙ୍କୁ 'ଚିରଞ୍ଜିବୀ ବଳ ପ୍ରଦାନ କରିଥିଲେ । ଏହି କାରଣରୁ ସେ 'ବଜରଙ୍ଗ ବାଲେ' ଓ 'ଚିରଞ୍ଜିବୀ ବା ମୃତ୍ୟୁଞ୍ଜୟୀ'। ଇଏ ହେଉଛନ୍ତି ସେହି ହନୁମାନ ଯିଏ ସୁଗ୍ରୀବ ଓ ରାମଙ୍କ ମଧ୍ୟରେ ମିତ୍ରତା ସ୍ଥାପନ କରିଥିଲେ । ଇଏ ସେହି ଯିଏ ଅଶୋକ ବନରେ ସୀତାଙ୍କୁ ଠାବ କରିଥିଲେ; ଇଏ ସେହି ଯିଏ ସ୍ୱର୍ଣ୍ଣଲଙ୍କାରେ ଅଗ୍ନି ସଂଯୋଗ କରିଥିଲେ ଏବଂ ଲକ୍ଷ୍ମଣଙ୍କୁ ଶକ୍ତିଭେଦ କାରଣରୁ ଗନ୍ଧମାର୍ଦନ ପର୍ବତକୁ ଶୂନ୍ୟେ ଶୂନ୍ୟେ ଟେକି ଆଣିଥିଲେ । ରାମାୟଣରେ ତାଙ୍କ ବୃତ୍ତାନ୍ତ ଜାଣିଲେ ଜଣାଯାଏ ଯେ ସେ ଜଣେ ପରମବୀର, ପ୍ରଭୁଭକ୍ତ ସେବକ ତଥା ପବିତ୍ର ବ୍ରହ୍ମଚାରୀର ପ୍ରତୀକ। ତାଙ୍କ ଉପାସନା ମୁକ୍ତିର ମାର୍ଗ ବୋଲି ବିଶ୍ୱାସ କରାଯାଏ । ଓଡ଼ିଶାରେ ହନୁମାନ ଉପାସନା ପ୍ରାୟ ୨ୟ ଶତାବ୍ଦୀରୁ ପ୍ରଚଳନ ହୋଇଆସୁଛି ଯାହାର ନିଦର୍ଶନ ମଠ, ମନ୍ଦିର ଏବଂ ଗୁମ୍ଫା ଚିତ୍ରକଳାରେ ଏବଂ ପ୍ରତିମା ପୂଜାରେ ସୁସ୍ପଷ୍ଟ । ଓଡ଼ିଶା କାହିଁକି ଭାରତରେ ପ୍ରଚଳିତ ସମସ୍ତ ରାମାୟଣରେ ରାମଚନ୍ଦ୍ରଙ୍କ ସହ ହନୁମାନଙ୍କ ମହାତ୍ମ୍ୟର ପ୍ରକଟ କରାଯାଇଛି । ଏପରିକି ଅବତାର ଭେଦରେ ହନୁମାନଙ୍କୁ ବିଷ୍ଣୁଙ୍କ ସହିତ ରଖାଯାଇଛି । ସନ୍ଥ ତୁଳସୀ ଦାସ ତାଙ୍କ ଭାଷାରେ ହନୁମାନଙ୍କୁ ଜଗନ୍ନାଥଙ୍କ ସୁଦର୍ଶନ ଚକ୍ର ବୋଲି ବର୍ଣ୍ଣନା କରିଛନ୍ତି । କହିବା ବାହୁଲ୍ୟ ଯେ ହନୁମାନଙ୍କର ଏବେ ସହସ୍ର ସହସ୍ର ମନ୍ଦିର ଗଢ଼ିଉଠିଛି ଏବଂ ଯେଉଁଠି ହିନ୍ଦୁ ମନ୍ଦିରଟିଏ ଅଛି, ସେଠି ଭିତରେ ବାହାରେ ବା କାନ୍ଥରେ ହନୁମାନ ନିଶ୍ଚୟ ଅଛନ୍ତି । ଏବେତ ରାସ୍ତାକଡ଼ରେ ସୁଉଚ୍ଚ ଏବଂ ବିରାଟକାୟ ହନୁମାନ ମୂର୍ତ୍ତିମାନ ଛିଡ଼ା ହୋଇ ପୂଜା ପାଉଛନ୍ତି । ଏହି ହନୁମାନଙ୍କ ମଧ୍ୟରେ ଅଛନ୍ତି ଭୁବନେଶ୍ୱରର କେଦାରଗୌରୀ ମନ୍ଦିରସ୍ଥ ହନୁମାନ ମୂର୍ତ୍ତି, କଟକର କାଠଯୋଡ଼ି କୂଳସ୍ଥ ହନୁମାନ ମୂର୍ତ୍ତି, ପଞ୍ଚମୁଖୀ ହନୁମାନ, ରାଉରକେଲା ଓ କୋରାଟପୁଟର ଡୁମୁଡ଼ିବନ୍ଧ, ହନୁମାନ ମୂର୍ତ୍ତି, ବ୍ରହ୍ମପୁରର ହନୁମାନ ବଜାରର ହନୁମାନ ମୂର୍ତ୍ତି, ଭୁବନେଶ୍ୱରର ଗଣ୍ଡମୁଣ୍ଡାର ହନୁମାନ ମୂର୍ତ୍ତି ଇତ୍ୟାଦି ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛନ୍ତି । ଏମିତିରେ ତ ପ୍ରତି ଗାଁ, ପଡ଼ା, ସହର ବା ପଥ ପ୍ରାନ୍ତରେ ଏବଂ ବିଶେଷକରି ରାମମନ୍ଦିରମାନଙ୍କରେ ତାଙ୍କ ମୂର୍ତ୍ତି ଅଛି। ତାଙ୍କ ନିକଟରେ ଚାଲିଛି ହନୁମାନ ଚାଳିଶା, ରାମଚରିତ ମାନସ । ଶୁଣାଯାଏ ତାଙ୍କ କୃପାରୁ ତୁଳସୀ ଦାସ ରାମଚରିତ ମାନସ ରଚନା କରିଥିଲେ ।

ହନୁମାନଙ୍କ ମୂର୍ତ୍ତି ଗଠନରେ ହାତରେ ତାଙ୍କର ଗଦା ଅଥବା



ବୋହିନେଉଥିବା ଗନ୍ଧମାର୍ଦ୍ଦନ ପର୍ବତ ଯାହାକି ତାଙ୍କର ଅମାପ ଶକ୍ତିକୁ ପ୍ରତିବିମ୍ବିତ କରାଏ । ସେ ହେଉଛନ୍ତି ପ୍ରେମ, ଭକ୍ତି ଓ ଶକ୍ତିର ପ୍ରତୀକ । ଏବେ ହନୁମାନଙ୍କୁ ନେଇ ନାଟକ ଓ ଚଳଚ୍ଚିତ୍ର 'ଜୟହନୁମାନ' ଗଢ଼ି ଉଠିଲାଣି । ଭାରତୀୟ ଧର୍ମଦର୍ଶନ ଓ ଧର୍ମଧାରଣାରେ ହନୁମାନଙ୍କ ସ୍ଥାନ ସ୍ୱତନ୍ତ୍ର । ଏକ ସ୍ୱତନ୍ତ୍ର ଶ୍ରେଣୀର ହନୁମାନ ପନ୍ଥୀ ବା ବୈଷ୍ଣବ ଗୋଷ୍ଠୀ ଏହି ଭାରତ ଭୂଖଣ୍ଡରେ ଛିଡ଼ା ହୋଇଛନ୍ତି । ଏହା ହିଁ ତାଙ୍କ ଗୁରୁତ୍ୱ ଓ ମହାତ୍ମ୍ୟଙ୍କୁ ବୁଝାଏ । ସେ ହିଁ ସଙ୍କଟମୋଚନ, ମୃତ୍ୟୁର ପଥ ଏବଂ ସେ ହିଁ କେବଳ ଜୟ ଜୟକାରର କାରଣ- ଜୟ ହନୁମାନ ।

+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ : ବିପିନ ବିହାରୀ ପାଠାଗାର, ବିକାଶନଗର, ଜଟଣୀ
ମୋ-୯୯୩୭୬୩୪୪୧୩୮

# ବିରକ୍ତିକର ପେଟ ରୋଗ ସମସ୍ୟା



ପେଟରୋଗରେ ପେଟରେ ବାୟୁ ଭିଡ଼ାଥଇବା ଏକ ସାଧାରଣ ଲକ୍ଷଣ କିନ୍ତୁ ଯେତେବେଳେ ଏହା ବିରକ୍ତିକର ରୂପ ଧରେ ଚଳିବାରେ ଜୀବନ ଶୈଳୀରେ ବହୁ ସମସ୍ୟା ସୃଷ୍ଟି କରେ । ଏହାକୁ ଡାକ୍ତରୀ ଭାଷାରେ କହନ୍ତି ଇରିଟେବଲ ବାଓ୍ୱେଲ ସିଣ୍ଡ୍ରୋମ । ଏହା ଠାରୁ ଆଇ ବି. ଏମ୍ । ଏହି ରୋଗରେ ମୁଖ୍ୟତଃ ବୃହଦନ୍ତ୍ ଆକ୍ରାନ୍ତ ହୁଏ । ଚାଳିଶବର୍ଷ; ବୟସ ପରେ ଶତକଡ଼ା ତିରିଶ ଏହି ପ୍ରକାର ରୋଗ ଭୋଗ କରନ୍ତି । କୋଡ଼ିଏ ବର୍ଷରୁ ଚାଳିଶ ବର୍ଷ ମଧ୍ୟରେ ଶତକଡ଼ା ଦଶ ଲୋକ ଏହି ରୋଗ ଭୋଗକରନ୍ତି । ଭାରତରେ ପ୍ରତିବର୍ଷ ଦଶଲକ୍ଷ ଲୋକ ନୂତନ ଭାବେରେ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ମୁଖ୍ୟତଃ ଏହି ରୋଗରେ ପେଟରେ ଯନ୍ତ୍ରଣା ହୁଏ । ପେଟ ପୋଡ଼େ । ପେଟ ଭିତରେ ବାୟୁ ଭିଡ଼ି ଧରେ । ହାକୁଡ଼ି ହୁଏ ।ବାନ୍ତି ଲାଗେ କିନ୍ତୁ ବାନ୍ତି ହୁଏ ହୁଏ ନାହିଁ । କେତେକଙ୍କର ଝାଡ଼ା ସଫା ହୁଏ ନାହିଁ । ଆଉ କେତେକଙ୍କର ଓଲଟ । ପ୍ରତିଦିନ ଦଶ ବାର ଥର ପତଳା ଝାଡ଼ା, ସ୍ୱାଭାବିକ ଝାଡ଼ା ସହିତ ନାଳ ପଡ଼େ । ଯେଉଁମାନଙ୍କର କୋଷ୍ଠବଦ୍ଧତା ହୁଏ ସେମାନଙ୍କର କୁନ୍ଥାଇ କୁନ୍ଥାଇ ମଳଦ୍ୱାର ଫାଟି କିମ୍ବା ଅର୍ଶ୍ୱ ବାହାରି ରକ୍ତ ସ୍ରାବ ହୁଏ । ଝାଡ଼ାରେ ସବୁବେଳେ ନାଳ ଲାଗି ରହିବା ଏହି ରୋଗର ପ୍ରମୁଖ ଲକ୍ଷଣ । ଏହି ପ୍ରକାର ଲକ୍ଷଣ ମଧ ବୃହଉନ୍ତ କର୍କଟରୋଗ ରେ ଦେଖାଯାଏ । ଲକ୍ଷଣରେ ଜଟିଳତା ପ୍ରକାଶ ପାଇଲେ, ଓଜନ କମିଗଲେ । ରାତ୍ରିରେ ଝାଡ଼ା ବାରମ୍ବାର ହେଲେ, ମଳଦ୍ୱାରରେ ରକ୍ତ ପଡ଼ିଲେ, ରକ୍ତହୀନତା ହେଲେ କାରଣ ନଥାଇ ବାନ୍ତି ହେଲେ, ଖଶଦ୍ୟ ଢ଼ୋକିବାରେ କଷ୍ଟ ହେଲେ, ଝାଡ଼ା ହେଲା ପରେ ପେଟର ଯନ୍ତ୍ରଣା ନ କମିଲେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ । ଆଇବିଏମ କାହିଁକି ହୁଏ ?

ମୁଖ୍ୟତଃ କୌଣସି କାରଣରୁ ଜୀବାଣୁ ଜୀବାଣୁ କିମ୍ବା ଭୂତାଣୁ ଜନିତ ଝାଡ଼ାବାନ୍ତି ରୋଗ ଭଲ ହୋଇଗଲେ ଏହି ରୋଗ ସୃଷ୍ଟି ହୋଇଥା, । ଏଥିରେ ବଳିଥିବା ଜୀବାଣୁମାନେ ଅଧିକ ମାତ୍ରାରେ ସଂଖ୍ୟା ବୃଦ୍ଧି କରନ୍ତି । ଏ ପ୍ରକାର ରୋଗୀମାନେ ବହୁ ଖାଦ୍ୟକୁ ମଧ ହଜମ କରିପାରନ୍ତି । ନାହିଁ ଯଥା. କ୍ଷୀର, ବନ୍ଧାକୋବି, ବିନ କାଗେଜି ଲେମ୍ବୁ, ମୃଦୁ ପାନୀୟ ମଦ ଓ ଧୂମପାନ ଇତ୍ୟାଦି । ବହୁ ଲୋକ ବ୍ୟକ୍ତିଗତ କିମ୍ବା ପାରିବାରିକ ଚିନ୍ତା ଓ ସମସ୍ୟାଗ୍ରସ୍ତ ହେଲେ ଏହି ରୋଗର ଲକ୍ଷଣ ବଢ଼ିଯାଏ । ମହିଳାମାନେ ଅଧିକ ମାତ୍ରରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ଋତୁଚକ୍ରର ବିରତି ପରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ଋତୁଚକ୍ରର ବିରତି ପରେ ଏହି ରୋଗ ଦୁଇଗୁଣ ଅଧିକ ହୋଇଥାଏ । ଏହି ରୋଗ ଦୀର୍ଘଦିନ ଧରି ଲାଗି ରହିଲେ ଜୀବନ ଅବସାଦ ପୂର୍ଣ୍ଣ ହୋଇଯାଏ । ଫଳରେ ରୋଗ ପେଟରୁ ଯାଇ ମୁଣ୍ଡରେ ପଶେ । ମୁଣ୍ଡ ଜଳାପୋଡ଼ା କରେ । ଦେହରୁ ମୁହଁରୁ କାନରୁ ନିଆଁ ବାହାରେ । ଛାତି ଧଡ଼ଧଡ଼ ହୁଏ, କେତେକ ରୋଗୀ ହୃଦରୋଗ ଭାବି ଅଧିକ ବିଷାଦଗ୍ରସ୍ତ ହୋଇ ହୃଦରୋଗ ପାଇଁ ଚିକିତ୍ସା କରନ୍ତି । ଅତ୍ୟଧିକ ଝାଳ ବୋହିବା, ଭୋକ ଶୋଷ କମିଯିବାରୁ ଦୁର୍ବଳ ହୋଇପଡ଼ନ୍ତି । ରାତ୍ରିରେ ଭଲ ନିଦ ହୁଏ ନାହିଁ । ସୁଖର କଥା ଆରବିଏମ ରୋଗ ଅଧିକ ଲକ୍ଷଣ ପ୍ରକାଶ କରୁଥିଲେ ମଧ ଏହି ରୋଗରେ ପ୍ରାୟ ମୃତ୍ୟୁ ହୁଏ ନାହିଁ । ଏଥିରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ । ଭୋରୁ ଶଯ୍ୟା ତ୍ୟାଗ, ଯୋଗ ପ୍ରାଣାୟାମ ଭଳି ଅଭ୍ୟାସ ଏହି ରୋଗକୁ ବହୁତ ଭାବରେ ଆୟତ୍ତ କରିଥାଏ । ଏହି ରୋଗ ଚିହ୍ନିବା ପାଇଁ ସିଗମଏଡ ସ୍କୋପି, କୋଲୋନୋ ସ୍କୋପି ଅନ୍ତନଳୀ ପାଇଁ ସ୍ୱତନ୍ତ୍ର ଏକ୍ସରେ ଓ ସିଟି ସ୍କାନ କରାଯାଇଥାଏ । ଏହା ଦ୍ୱାରା ଅନ୍ତନଳୀରେ ଥିବା ଅନ୍ୟ ରୋଗ ସବୁ ମଧ ଧରାପଡ଼ିଥାଏ । ଆଇବିଏମ ଚିକିତ୍ସା ବିଶେଷ ଫଳପ୍ରଦ ନୁହେଁ । ଏହା ସାରା ଜୀବନ ଲାଗି ରୁହେ । କିଛି ଲୋକ ସମ୍ପୂର୍ଣ୍ଣ ଭଲ ହୁଅନ୍ତି ।




# ଗୋଟିଏ ଗଛରୁ ୩୦୦ ପ୍ରକାରର ଆମ୍ବ

ଉତ୍ତର ପ୍ରଦେଶ ଅନ୍ତର୍ଗତ ମଲୀହାବାଦର ହାଜୀ କଲୀମୁଲ୍ଲାହ ଖାନ 'ଭାରତର ଆମ୍ବ ମଣିଷ' ଭାବେ ପ୍ରସିଦ୍ଧ। ସେ ଏକଧାରରେ ସଫଳ ଉଦ୍ୟାନ ଚାଷୀ ଓ ଉଦ୍ୟାନ କୃଷି ଗବେଷକ। ମାତ୍ର ପନ୍ଦର ବର୍ଷ ବୟସରେ ସେ ବିଦ୍ୟାଳୟ ଛାଡ଼ିଥିଲେ ଏବଂ ଆଗକୁ ପଢ଼ି ନ ଥିଲେ। ତେବେ, ଅନିସନ୍ଧିତ୍ସୁ ମନ ତାଙ୍କୁ ଜଣେ ସଫଳ ଉଦ୍ୟାନ ଚାଷୀ ଓ ଗବେଷକରେ ପରିଣତ କରିଥିଲା। ତାଙ୍କ ଗବେଷଣାର ଏକ ସୁଫଳ ସ୍ୱରୂପ ଗୋଟିଏ ଶହେ ବର୍ଷ ପୁରାତନ ଆମ୍ବ ଗଛରୁ ତିନି ଶହ ପ୍ରକାରର ଆମ୍ବ ମିଳୁଛି। ଅବିଶ୍ୱନୀୟ ମନେହେଉଥିଲେ ହେଁ ଏହା ସତ୍ୟ ଏବଂ ଉଦ୍ୟାନ କୃଷି ବିଶେଷଜ୍ଞମାନେ ତାଙ୍କ ଗବେଷଣାକୁ ସ୍ୱୀକୃତି ଦେଇଛନ୍ତି।

ବହୁ ବର୍ଷ ତଳେ ଗୋଟିଏ ଗୋଲାପ ଗଛରେ ବିଭିନ୍ନ ରଙ୍ଗର ଗୋଲାପ ଫୁଲ ଫୁଟୁଥିବା ଦେଖି ହାଜୀ ଉଦ୍ଭିଦ କଲମୀକରଣ ବିଦ୍ୟା ପ୍ରତି ଆଗ୍ରହୀ ହୋଇଥିଲେ। ୧୯୮୭ରେ ଏକ ଆମ୍ବ ଗଛରେ ଏହି ବିଦ୍ୟାର ପ୍ରୟୋଗ ନେଇ ପରୀକ୍ଷା-ନିରୀକ୍ଷା ଆରମ୍ଭ କରିଥିଲେ। ଆଠ ବର୍ଷ ଭିତରେ ସେ ଉଲ୍ଲେଖନୀୟ ସଫଳତା ପାଇଥିଲେ। ୩୦୦ ପ୍ରକାରର ଆମ୍ବ ଫଳୁଥିବା ଗଛଟିର ନାମ- ଅଲ ମୁକର୍ରର। ଖରାଦିନେ ଅଲ ମୁକର୍ରର ବିଭିନ୍ନ ଆକାର, ପ୍ରକାର ଓ ରଙ୍ଗର ଆମ୍ବରେ ଭରିଯାଏ। ସେହି ଦୃଶ୍ୟ ଦେଖିବାକୁ ଅନେକ ଆସନ୍ତି। ଅଲ ମୁକର୍ରରରେ ଫଳୁଥିବା ଆମ୍ବଗୁଡ଼ିକୁ ହାଜୀ ବିକ୍ରି ନ କରି ସ୍ଥାନୀୟ ଲୋକଙ୍କୁ ବାଣ୍ଟିଦେଉଥିବା ପ୍ରକାଶ।



# ସମରରେ ଦେଖାଯାଆନ୍ତୁ ଷ୍ଟାଇଲିସ୍

ଦିନକୁ ଦିନ ବଢ଼ିବାରେ ଲାଗିଛି ଗରମର ପ୍ରକୋପ । ତେବେ ଏହାର ପ୍ରକୋପ ଯେମିତି ଆପଣଙ୍କ ଷ୍ଟାଇଲକୁ ଫିକା କରିନଦିଏ । କିଭଳି ପୋଷାକ ପିନ୍ଧିଲେ କମ୍ଫର୍ଟ ସାଙ୍ଗକୁ ଷ୍ଟାଇଲ ବି କ୍ୟାରି କରିପାରିବେ ଜାଣନ୍ତୁ ।



★କୋଲ୍ଡର ଏବେ ଫ୍ୟାଶନରେ ଖୁବ ଚାଲିଛି । ଟପରୁ ଟି-ସାର୍ଟ କିମ୍ବା ପାର୍ଟି ପାଇଁ ମ୍ୟାକ୍ସି ଡ୍ରେସ । ସବୁ ପ୍ରକାରର ପୋଷାକରେ ଆପଣ ଟ୍ରାଏ କରିପାରିବେ । କୋଲ୍ଡ ସୋଲ୍ଡର । ଆଉ ସବୁଠୁ ଭଲ କଥା ହେଲା ଏହା ସହିତ ଯେ କୌଣସି ଧରଣର ଜୋତା ପିନ୍ଧିପାରିବେ । ଆସିମେଟ୍ରାକାଲ ଡ୍ରେସ ଏବଂ ସିଲୁଏଟ୍ ଡ୍ରେସର ଟ୍ରେଣ୍ଡ ଏବେ ବଢ଼ିଆ ।

★ଗରମରେ ଯଦି ନାନା ଧରଣର ଏବଂ ଭାଇବ୍ରାଣ୍ଟ କଲରର ଡ୍ରେସ୍ ପିନ୍ଧାଯାଏ ତା ହେଲେ ଏଇ ଗରମରେ ବି ତାହା ହୋଇପାରିବ ଆପଣଙ୍କର ପରଫେକ୍ଟ ଷ୍ଟାଇଲ ଷ୍ଟେଟମେଣ୍ଟ ।

★ପାଲାଜୋ ଭଳି ଏବେ ଫ୍ୟାଶନରେ ଇନ କ୍ୟୁଲୋଟ୍ । ଗରମ ଦିନ ପାଇଁ ଏହା ଯେତିକି ଆରାମଦାୟକ ସେତିକି ଷ୍ଟାଇଲିଶ୍ । ଫର୍ମାଲ ହେଉ ବା ସର୍ଟ ଉଭୟ ଷ୍ଟାଇଲରେ ବଜାରରେ ଉପଲବ୍ଧ ଏହି ବଟମ ୱିୟର ।

★କୋଲ୍ଡ ଶୋଲ୍ଡର ଯେମିତି ଗରମ ପାଇଁ ଭଲ ଠିକ ସେମିତି ଅଫ୍ ସୋଲ୍ଡର ମଧ ଯେ କୌଣସି ସାନ୍ଧ୍ୟକାଳୀନ ପାର୍ଟି ବା ଅନୁଷ୍ଠାନ ପାଇଁ ଆକର୍ଷଣୀୟ ତେଣୁ ନିଜର ସମର କଲେକସନରେ ସାମିଲ କରନ୍ତୁ ଅଫ୍ ସୋଲ୍ଡରର ଯେକୌରସି ଟପ୍ ୱିୟର ।

★ ଅଶିରୁ ନବେ ମସିହା ମଧ୍ୟରେ ଚାଲିଥିବା ବେଲ ପ୍ୟାଣ୍ଟ ଏବେ ପୁଣି ଥରେ ଫ୍ୟାଶନକୁ ଫେରି ଆସିଛି । ଗରମରେ ଟ୍ରାଏ କରିପାରନ୍ତି ବେଲ ପ୍ୟାଣ୍ଟ । କ୍ରପଡ଼ ଟପ ହେଉ ବା ଖଦିର କୁର୍ତ୍ତି ପେୟାର ଅପ କରନ୍ତୁ ଏହା ସହିତ ।

★ ଗରମରେ ସ୍କର୍ଟ ଜିନ୍ସ ବା ଯେକୌଣସି ପୋଷାକ ସହିତ ପେୟାର ଅପ କରନ୍ତୁ ସମର ଶ୍ରଗ । ଏଥିରେ ଷ୍ଟାଇଲିଶ୍ ତ ଲାଗିବେ । ଗରମରୁ ବି ରକ୍ଷା ପାଇବେ । କିଣିଲା ବେଳେ ହାଲୁକା ରଙ୍ଗର ସୂତା ସମର ଶ୍ରଗ୍ ବାଛନ୍ତୁ ।



# ଦହି ପୋଦିନା ମାଛ

ମାଛ ଖାଇବା ପାଇଁ ସମସ୍ତେ ପସନ୍ଦ କରନ୍ତି। ଘରେ ଘରେ ମାଛକୁ ନେଇ ଅନେକ ରେସିପି ମଧ ତିଆରି ହୁଏ। ମାଛ ଭଜା ତ ଆଉ କେତେବେଳେ ତରକାରୀ କରି ବିଭିନ୍ନ ଢ଼ଙ୍ଗରେ ଆପଣମାନେ ରେଷଇ ମଧ କରିଥିବେ। ତେବେ ଆମେ ଆପଣଙ୍କୁ ମାଛର ଏକ ନୂଆ ରେସିପି ବିଷୟରେ କହୁବାକୁ ଯାଉଛି, ଯାହାର ନାଁ ହେଲା ଫଦହି ପୋଦିନା ମାଛ'। ତେବେ ଏହାକୁ କିଭଳି ପ୍ରସ୍ତୁତ କରାଯାଏ ଆସନ୍ତୁ ଜାଣିବା ଦହି ପୋଦିନା ମାଛ-

ସାମଗ୍ରୀ: ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି,ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ପଞ୍ଚ ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରସୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରସୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

ପ୍ରସ୍ତୁତି ପ୍ରଣାଳୀ:- ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ



ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।

# କାନ୍ଦୁଥିବା ସାପ

ଅରୁଣାଚଳ ପ୍ରଦେଶ ଅନ୍ତର୍ଗତ ଲେପା-ରାଦା ଜିଲ୍ଲାରେ ଠାବ ହୋଇଥିବା ଏକ ନୂଆ ପ୍ରଜାତିର ସାପ ଚର୍ଚ୍ଚାରେ । ଜୀବବିଜ୍ଞାନ ଭାଷାରେ ସାପର ନାଁ 'ହେବିୟସ ଲେକ୍ରିମା' । 'ଲେକ୍ରିମା' ଲାଟିନ ଭାଷାରୀ ଶବ୍ଦ; ଏହାର ଅର୍ଥ ଲୁହା ଏଥିପାଇଁ ସାପଟି 'କ୍ରାଇଙ୍ଗ ସ୍ନେକ୍' ବା କାନ୍ଦୁଥିବା ସାପ ଭାବେ ନାମିତ ହୋଇଥିବା ଜଣାଯାଏ । ନିଉଜିଲାଣ୍ଡରୁ ପ୍ରକାଶିତ ଏକ ଅନ୍ତର୍ଜାତୀୟ ପ୍ରତିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଗୁହ୍ୱାଟୀର ଜୀବବିଜ୍ଞାନୀ ଜୟାଦିତ୍ୟ ପୁରକାୟସ୍ଥ ଏହି ସାପକୁ ଏକ କ୍ଷେତରୁ ଠାବ କରିଥିଲେ ସାପଟି ଅଣ୍ଡିରା, ଲମ୍ବ ୪୮.୭ ସେଣ୍ଟିମିଟର ଏବଂ ବିଷହୀନ । ଉଲ୍ଲେଖଯୋଗ୍ୟ, ସାରା ବିଶ୍ୱରେ ସାପ ପ୍ରଜାତି ସଂଖ୍ୟା ପ୍ରାୟ ୩,୭୦୯ ଏବଂ କେବଳ ଅରୁଣାଚଳ ପ୍ରଦେଶରେ ପଞ୍ଚାବନ ପ୍ରଜାତିର ସାପ ଦେଖାଯାଆନ୍ତି ।



# ଓଡ଼ିଶା-ଦକ୍ଷିଣ କୋରିଆ ମଧ୍ୟରେ ବାଣିଜ୍ୟ କାରବାର ପ୍ରୋତ୍ସାହନକୁ ନେଇ ଦ୍ୱି-ପାକ୍ଷିକ ଗୋଲଟେବୁଲ ବୈଠକ

ଭୁବନେଶ୍ୱର,୨୦/୪ (ନି.ପ୍ର): ଦକ୍ଷିଣ କୋରିଆ ଓ ଓଡ଼ିଶା ମଧ୍ୟରେ ଦ୍ୱି-ପାକ୍ଷିକ ବାଣିଜ୍ୟ ସୁଯୋଗ ସୃଷ୍ଟି ଉପରେ ଓଡ଼ିଆ ସରକାରଙ୍କ ଇପିକଲ ସହିତ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଏକ ଗୋଲଟେବୁଲ ବୈଠକର ଆୟୋଜନ କରିଛି । ଏହି ଭର୍ଚୁଆଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଲେ ଯେ ଓଡ଼ିଶା ଓ ଦକ୍ଷିଣ କୋରିଆ ମଧ୍ୟରେ କେତେକ ଚିହ୍ନଟ କରାଯାଇଥିବା ସେକ୍ଟର ଉପରେ ଅନେକ ସମ୍ଭାବନା ରହିଛି । ଓଡ଼ିଶା ତା'ର ଭିଜନ-୨୦୩୦କୁ ନେଇ ପ୍ରସ୍ତୁତ ରଣନୀତିକୁ କାର୍ଯ୍ୟକାରୀ କରୁଛି । ଏଥିରେ ଓଡ଼ିଶାରେ ନିର୍ମିତ ୫୦ ପ୍ରତିଶତ ପ୍ରାଥମିକ ମେଟାଲ ଉତ୍ପାଦର ମୂଲ୍ୟଯୁକ୍ତ ରାଜ୍ୟରେ କରାଯିବା ପାଇଁ ପ୍ରାବଧାନ ରଖାଯାଇଛି । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାରତରେ ଅବସ୍ଥାପିତ ଦକ୍ଷିଣ କୋରିଆର ରାଷ୍ଟ୍ରଦୂତ ଶ୍ରୀ ସିନ୍ ବୋଙ୍ଗକିଲ୍ କହିଲେ ଯେ, ଗତ ବର୍ଷେ ମଧ୍ୟରେ ଦକ୍ଷିଣ କୋରିଆର ୬୬ଟି ନୂତନ କମ୍ପାନୀ ଭାରତରେ କାରବାର ଆରମ୍ଭ କରିଛନ୍ତି । ଏହି କମ୍ପାନୀଗୁଡ଼ିକ ୨୦୨୦ରେ ୧୭ ମିଲିୟନ୍ ୟୁଏସ୍ ଡଲାର ପୁଞ୍ଜିବିନିଯୋଗ କରିଛନ୍ତି, ଯାହାକି କୋଭିଡ୍ ମହାମାରୀ ସମୟରେ ଏକ ବୃହତ୍ ରାଶି ବୋଲି ସେ ସୂଚିତ କରିଛନ୍ତି । କୋରିଆର ବିଶାଳ ଷ୍ଟିଲ ଉତ୍ପାଦନକାରୀ ସଂସ୍ଥା 'ପୋସ୍କୋ' ଭାରତ ଇତିହାସରେ ପ୍ରଥମ ଏକକ ବିଦେଶୀ ସିଧାସଳଖ ପୁଞ୍ଜିବିନିଯୋଗକାରୀ କମ୍ପାନୀ ଭାବରେ ପ୍ରାୟ ୧୨ ବିଲିୟନ୍ ୟୁଏସ୍ ଡଲାରର ରେକର୍ଡ ପରିମାଣର ବିନିଯୋଗ କରି ଓଡ଼ିଶାରେ ସମନ୍ୱିତ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଥିବା ସେ ଦର୍ଶାଇଥିଲେ । ଅକ୍ଷୟ ଶକ୍ତି, ଜଳ ବିଶୋଧନ ଏବଂ ସ୍ମାର୍ଟ ସିଟି ପ୍ରକଳ୍ପ କ୍ଷେତ୍ରରେ କାମ କରିବାକୁ କୋରିଆନ୍ କମ୍ପାନୀଗୁଡ଼ିକ ଅତି ଉତ୍ସାହିତ ଥିବା କୋଟ୍ରାର ନିର୍ଦ୍ଦେଶକ ଡ. ୟଙ୍ଗ ସେଓନ୍ ପାର୍କ ପ୍ରକାଶ କରିଥିଲେ । ଏଥି ପାଇଁ ଆଗାମୀ ସେପେଟମ୍ବର ମାସରେ ଲଗାତାର ବୈଠକ ଅନୁଷ୍ଠିତ ହେବ ଏବଂ ସ୍ମାର୍ଟ ସିଟି ଉପରେ ଅଧିକ ସୁଯୋଗକୁ ଅନ୍ୱେଷଣ କରାଯିବ ବୋଲି କହିଥିଲେ । ଏହି ଭର୍ଚୁଆଲ ବୈଠକରେ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଇପିକଲର ପରିଚାଳନା ନିର୍ଦ୍ଦେଶକ ଡ. ନିତୀନ ଭାନୁଦାସ ଜଓ୍ୱାଲେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଓଡ଼ିଶାର ସାମର୍ଥ୍ୟ ଓ ବିବିଧତା ବିଷୟରେ ଏକ ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦାନ କରିଥିଲେ । ସେ ରାଜ୍ୟରେ ଆଗାମୀ ଦିନରେ ୨ ଲକ୍ଷ କୋଟିର ପୁଞ୍ଜିବିନିଯୋଗର ସମ୍ଭାବନା ଥିବା ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସର ଓଡ଼ିଶା ଚାପ୍‌ଟରର ଅଧ୍ୟକ୍ଷ ଜେ.ବି. ପାଣି ସଂଯୋଜନା କରିଥିବାବେଳେ କନ୍‌ସୁଲ ଜେନେରାଲ ରିପବ୍ଲିକ୍ ଅଫ୍ କୋରିଆ ଶ୍ରୀ ସିଦ୍ଧାନ୍ତ କାଉଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ୨୩କୋଟି ହଡ଼ପ ହେବାକୁ ଯାଉଛି: ସରକାର ଅନୁଧ୍ୟାନ କରି ପଦକ୍ଷେପ ନିଅନ୍ତୁ

ଭୁବନେଶ୍ୱର,୨୦/୪ (ନି.ପ୍ର): ଶ୍ରୀ ଲିଙ୍ଗରାଜ ମନ୍ଦିରର ଉତ୍ତର ପାର୍ଶ୍ୱର ୨୦୦ ମିଟର ମଧ୍ୟରେ ଥିବା ନିଃଶୁଳ୍କ ରହଣୀ ନିମନ୍ତେ ଯାତ୍ରୀନିବାସ ଜମି ଯାହର ମୂଳ ମାଲିକ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ, ମାଫିଡ୍ ଟ୍ରଷ୍ଟବୋର୍ଡ ଏହି ଜମିରେ ମହାପ୍ରଭୁଙ୍କ ଶ୍ରଦ୍ଧାଳୁ ଧର୍ମଶାଳା ପାଇଁ ଖାଲିଥିବା ସ୍ଥାନକୁ କାଳକ୍ରମେ ଜମି ଦଲାଲ ଜବର ଦଖଲ କରିନେଇଛନ୍ତି । ଠାକୁରଙ୍କ ୨୩କୋଟି ହଡ଼ପ ପାଇଁ ଚାଲିଛି ଯୋଜନା । ଚଞ୍ଚକତା ପୂର୍ବକ ତହସିଲରେ ରେକର୍ଡ ବଦଳାଇ ଦେଇଛନ୍ତି । ସେଥିରେ ଅଟ୍ଟାଳିକାମାନ ନିର୍ମାଣ କରି ଭଡ଼ା ଲଗାଇଛନ୍ତି । ଏବେ ଏକାମ୍ର ଯୋଜନାରେ ଉକ୍ତ ଜମିର ମାଲିକ ବୋଲି ଦର୍ଶାଇ ବିପୁଳ ପରିମାଣର କ୍ଷତିପୂରଣ ହାତେଇବାକୁ ବସିଛନ୍ତି । ଜମି ଅଧିଗ୍ରହଣ କର୍ତ୍ତୃପକ୍ଷ ପୁରୁଣା ରେକର୍ଡକୁ ଯାଉନାହାନ୍ତି, ଯାହା ୧୯୨୯ ମସିହାରେ ତତ୍କାଳୀନ ମନ୍ଦିର ପରିଚାଳନା କମିଟିର ସୁପାରିଶରେ ମହାପ୍ରଭୁଙ୍କ ଏହି ଜମିରେ ଯାତ୍ରୀନିବାସ କରିବା ଲାଗି ନିଷ୍ପତ୍ତି ହୋଇଥିଲା । କାଳକ୍ରମେ ଉକ୍ତ ଧର୍ମଶାଳା ନାମକୁ ତହସିଲରେ ଚଞ୍ଚକତା ପୂର୍ବକ ବଦଳାଇ ଯାତ୍ରୀ ନିବାସ କରାଯାଇଛି ଓ ଖାଲିଥିବା ପ୍ରାୟ ଅଧଏକର ଜମିକୁ ଜବରଦଖଲ କରି ତାହାର ରେକର୍ଡ ମଧ୍ୟ ବଦଳାଇ ଦିଆଯାଇଛି । ସାବକ ରେକର୍ଡରେ ଶ୍ରୀ ଲିଙ୍ଗରାଜ ମୂଳ ସତ୍ତ୍ୱାଧିକାରୀ ଥିବାବେଳେ, ହାଲ ରେକର୍ଡରେ ଜବରଦଖଲକାରୀଙ୍କ ନାମ ଦର୍ଶାଯାଇଛି । ବର୍ତ୍ତମାନ, ଏକାମ୍ର ଯାଜନା କମି ଅଧଗ୍ରହଣରେ ଏହାକୁ ଆଧାର କରି କୋଟି କୋଟି ଟଙ୍କା କ୍ଷତିପୂରଣ ନେବାକୁ ମସୁଧା ଚାଲିଛି । ଏଥିରେ କିଛି ଅସାଧୁ ସହଯୋଗ କରୁଛନ୍ତି ।

## ବରିଷ୍ଠ ସାମ୍ବାଦିକ ଶୀତଳ ତରଙ୍ଗ ବେଉରିଆଙ୍କ ମାତୃବିୟୋଗ

ଭୁବନେଶ୍ୱର,୨୦/୪ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଶୀତଳ ତରଙ୍ଗ ବେଉରିଆଙ୍କ ମାତା ଶ୍ରୀମତୀ ପୁଷ୍ପାଞ୍ଜଳି ବେଉରିଆଙ୍କର ସୋମବାର ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସୋମବାର ପୂର୍ବାହ୍ନ ସାଢେ ୯ଟା ବେଳେ ଶ୍ରୀମତୀ ବେଉରିଆ ଗୋପବନ୍ଧୁ ଛକ ନିକଟସ୍ଥ ସରକାରୀ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଓ ସତ୍ୟନଗର ମଶାଣିରେ ତାଙ୍କର ଶବ ସତ୍କାର କରାଯାଇଥିଲା । ତାଙ୍କର ବଡ଼ପୁତ୍ର ଶୀତଳ ତରଙ୍ଗ ବେଉରିଆ ମୁଖାଗ୍ନି ଦେଇଥିଲେ । ଶ୍ରୀମତୀ ବେଉରିଆ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଓ ଭଗବତପ୍ରେମୀ ଚିନ୍ତାଧାରାର ମହିଳା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ଶ୍ରୀମତୀ ବେଉରିଆଙ୍କ ସମେତ ତାଙ୍କ ସାନପୁତ୍ର ସରୋଜ ବେଉରିଆ, ଦୁଇବୋହୁ ରାଜଶ୍ରୀ ଓ ପରମିତା ଏବଂ ଏକମାତ୍ର ନାତି ଅଙ୍କିତ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ବେଉରିଆଙ୍କ ସ୍ୱାମୀ ନଗେନ ବେଉରିଆ ଦୈନିକ ସମ୍ବାଦପତ୍ର 'ଜନଭାଷା'ର ପ୍ରତିଷ୍ଠାତା ଏବଂ ଦୈନିକ 'ଧରିତ୍ରୀ'ର ପ୍ରଥମ ବାର୍ତ୍ତା ସମ୍ପାଦକ ଥିଲେ ।

## କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ୧୯୨୯ କଲ୍ ସେଣ୍ଟର ପରିଦର୍ଶନ

ଭୁବନେଶ୍ୱର, ୧୯ ଏପ୍ରିଲ - ଭୁବନେଶ୍ୱର ସହର ପାଇଁ କୋଭିଡ୍ ପର୍ଯ୍ୟବେକ୍ଷକ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଶ୍ରମ କମିଶନର ତିରୁମଲା ନାୟକ ସୋମବାର ୧୯୨୯ କଲ୍ ସେଣ୍ଟର ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି । ସେମାନେ କଲ୍ ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ଘରେ ପୃଥକବାସରେ ରହିଥିବା ରୋଗୀ, ଜନସାଧାରଣଙ୍କ ଅଭିଯୋଗ ସମେତ କର୍ତ୍ତବ୍ୟରତ ଡାକ୍ତରମାନଙ୍କ ପରାମର୍ଶ ପାଇବା ଦିଗରେ ନିୟମିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଜନସାଧାରଣଙ୍କ ଅପେକ୍ଷା ସମୟ ହ୍ରାସ କରିବା ଉଦ୍ଦେଶ୍ୟରେ କଲ୍ ସେଣ୍ଟରର କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ । ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ମଧ୍ୟ ଉପସ୍ଥିତ ଥିଲେ ।

## ଜଟଣୀ ଶ୍ରୀଜଗନ୍ନାଥ ଜମି ପ୍ରସଙ୍ଗ

# ୧୯ ମଧ୍ୟରେ ପରିବର୍ତ୍ତନ ନକଲେ ସଚିବାଳୟ ସମ୍ମୁଖରେ ଧାରଣା ଦିଆଯିବ : ସୁର ରାଉତରାୟ

ଭୁବନେଶ୍ୱର,୨୦/୪ (ନି.ପ୍ର): ଜଟଣୀରେ ସ୍ଥିତିବାନ ଜମିକୁ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିବା ମାମଲାରେ ପୁଣି ଆନ୍ଦୋଳନ ଚେତାବନୀ ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ । କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଯଦି ମଇ ମାସ ୧୯ ତାରିଖ ସୁଦ୍ଧା ସରକାର ଜଟଣୀବାସୀଙ୍କୁ ତାଙ୍କ ପୈତୃକ ଜମି ଫେରାଇ ନଦିଅନ୍ତି, ତେବେ ସଚିବାଳୟ ସମ୍ମୁଖରେ ହଜାର ହଜାର ସଂଖ୍ୟାରେ ଧାରଣା ଦିଆଯିବ । ଯାହାର ପରିଣତି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ । ସେ କହିଛନ୍ତି ଯେ ୨୦୧୨ ମସିହା ଠାରୁ ଦୀର୍ଘ ୯ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିବାଡ଼ି ନିଜ ନାମକୁ ଫେରାଇ ଆଣିବା ପାଇଁ ଆମେ ଜଟଣୀ ନିବାସୀ ସଂଘର୍ଷ କରୁଛୁ । ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦ କରି ଶ୍ରୀ ରାଉତରାୟଙ୍କ ନେତୃତ୍ୱରେ ଜଟଣୀ ନିବାସୀ ନବୀନ ନିବାସ ସମ୍ମୁଖରେ ଗଣଆତ୍ମାହୁତି ଦେବା ପାଇଁ ନିଷ୍ପତି ନେଇଥିଲେ । ମାତ୍ର ସରକାର ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ 'ଜଟଣୀ ସ୍ଥିତିବାନ ଏକରାଜ ମାହାଲ ନାଗରିକ ମଂଚ' ପକ୍ଷରୁ ଗଣଆତ୍ମାହୁତି ନିଷ୍ପତି ପ୍ରତ୍ୟାହାର କରି ନିଆଯାଇଥିଲା । ଶ୍ରୀ ରାଉତରାୟଙ୍କ ନେତୃତ୍ୱରେ ଏହି ମଂଚ ଗତ ଫେବୃଆରୀ ୧ରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ରାଜସ୍ୱ ସଚିବ, ଅତିରିକ୍ତ ରାଜସ୍ୱ ସଚିବ, ଆଇନ ସଚିବଙ୍କ ସହିତ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କ ନିର୍ଦ୍ଦେଶକ୍ରମେ ଏହାର ଅନୁଧ୍ୟାନ କରି କାର୍ଯ୍ୟସଂପନ୍ନ ପାଇଁ ନିର୍ଦ୍ଦିଷ୍ଟ ଭାବେ କିଛି ଉଚ୍ଚପଦସ୍ଥ ଅଫିସରଙ୍କୁ ସଂପୂର୍ଣ୍ଣଭାବେ ଦାୟିତ୍ୱ ଦିଆଯାଇଛି ବୋଲି କୁହାଯାଇଛି । ଖୁବଶୀଘ୍ର ଅସଲ ଜମିମାଲିକଙ୍କ ନାମକୁ ଜମିର ମାଲିକାନା ସତ୍ୱ ପରିବର୍ତନ କରାଯିବ ବୋଲି ସଚିବମାନେ ଏହି ମଂଚକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାକୁ ଦୁଇମାସ ବିତି ଯାଇଥିଲେ ମଧ୍ୟ ସରକାର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଏ ପର୍ଯ୍ୟନ୍ତ ଚୂଡାନ୍ତ ନିଷ୍ପତି ନେଇପାରି ନଥିବାରୁ ଶ୍ରୀ ରାଉତରାୟ କ୍ଷୋଭ ପ୍ରକାଶ କରିବା ସହ ଆଉ ୧ ମାସ ସମୟ ଦେଇଛନ୍ତି । ମଇ ୧୯ ସୁଦ୍ଧା ରାଜ୍ୟ ସରକାର ଯଦି ଜଟଣୀବାସୀଙ୍କୁ ନ୍ୟାୟ ନଦିଅନ୍ତି, ତେବେ କ୍ଷତିଗ୍ରସ୍ତ ଜଟଣୀବାସୀ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରବାକୁ ବାଧ ହେବେ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଦାଶ, କୋଇଲି ସୁବୁଦ୍ଧି, ଚିନ୍ମୟ ସୁନ୍ଦର ଦାସ, ସଂଗ୍ରାମ ରାଉତରାୟ, ଅଶୋକ ମଙ୍ଗରାଜ, ବିବି ବଡଜେନା ଓ ବାବୁଲି କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।




## ଟିକା ନେବା ପରେ ବି ହୋଇପାରେ ସଂକ୍ରମଣ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୦/୪ (ନି.ପ୍ର): ଟିକା ନେଲେ ବି ହୋଇପାରେ କୋଭିଡ ସଂକ୍ରମଣ । ତେଣୁ ନିୟମ ମାନି ଲୋକ କାମ କରନ୍ତୁ । ଟିକା ନେଲେ ମୃତ୍ୟୁହାର କମିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ।
ସେ କହିଛନ୍ତି ଯେ କିଛି ଜିଲ୍ଲାରେ ଟିଏମ୍‌ସି ଖୋଲିଛି । ଆଉ ଛତିଶଗଡ଼ ସୀମାନ୍ତ ଜିଲ୍ଲାରେ ଆବଶ୍ୟକତା ଅନୁସାରେ ଟିଏମ୍‌ସି ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗକୁ ଦୈନିକ ୫୦ ହଜାର ଟେଷ୍ଟିଂ କରାଯିବ । ବର୍ତମାନ ସୁଦ୍ଧା ସରକାରୀ ଓ ଘରୋଇ ହସ୍ପିଟାଲରେ ୯୦୦୮ଟି ସାଧାରଣ ବେଡ ରହିଛି । ସେଠି ୧୭.୫ ପ୍ରତିଶତ ରୋଗୀ ଅଛନ୍ତି ।

## କୋଭିଡ଼ ସଂକ୍ରମଣ ସ୍ଥିତି ଏବଂ ଏହାକୁ ରୋକିବାକୁ ଜନପ୍ରତିନିଧିଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଭର୍ଚୁଆଲ ବୈଠକ

ଭୁବନେଶ୍ୱର,୨୦/୪ (ନି.ପ୍ର): ଦେଶରେ କୋଭିଡ୍ ସଂକ୍ରମଣ ସ୍ଥିତି ଏବଂ ଏହାକୁ ରୋକିବାକୁ ଜନପ୍ରତିନିଧିଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଭର୍ଚୁଆଲ ବୈଠକ ଲୋକସଭା ସଚିବାଳୟ ପକ୍ଷରୁ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ରାଜ୍ୟର ବାଚସ୍ପତି ଉପସ୍ଥିତ ରହି ନିଜ ନିଜ ରାଜ୍ୟରେ ଏ ସଂକ୍ରାନ୍ତରେ ଜନପ୍ରତିନିଧିମାନଙ୍କୁ ସଚେତନତା କରିବା ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏଥବରେ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ସମ୍ପ୍ରତି ଦେଖା ଦେଇଥିବା କୋଭିଡ଼ର ଦ୍ୱିତୀୟ ଲହରୀକୁ ରୋକିବାକୁ ଗ୍ରହଣ କରାଯାଉଥିବା ପ୍ରଶାସନିକ ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ଏହାକୁ ରୋକିବାକୁ ଜନପ୍ରତିନିଧିମାନେ ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୬୩୩ ବାହନ ଜବତ

ଭୁବନେଶ୍ୱର,୨୦/୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୩୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ୨୫,୭୬,୦୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ମାଗଣାରେ ଓଡ଼ିଶାର ହସ୍ପିଟାଲକୁ ଦୈନିକ ୩୩ ହଜାର ଲିଟର ଅକ୍ସିଜେନ୍ ଦେବ ଇଫକୋ

ଭୁବନେଶ୍ୱର,୨୦/୪ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାବେଳେ ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ୍ ଅଭାବକୁ ଦୂର କରିବା ପାଇଁ ଇଣ୍ଡିଆନ ଫାମର୍ସ ଫର୍ଟିଲାଇଜର୍ସ କୋଅପରେଟିଭ୍ ଲିଃ(ଇଫକୋ) ଦୈନିକ ୩୩ହଜାର ଲିଟରର ଅକ୍ସଜେନ୍ ମାଗଣାରେ ଯୋଗାଇ ଦେବ । ଏହି ଅକ୍ସିଜେନର ଦୈନିକ ମୂଲ୍ୟ ପ୍ରାୟ ୭କୋଟି ଟଙ୍କା ହେବ । ଏଥିପାଇଁ ଇଫକୋ ତା'ର ପାରାଦୀପସ୍ଥିତ କାରଖାନାରେ ଗୋଟିଏ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି । ଖୁବଶୀଘ୍ର ଏଥିରୁ ଅକ୍ସିଜେନ୍ ଉତ୍ପାଦନ ହୋଇ ଓଡ଼ିଶାର ସମସ୍ତ ହସ୍ପିଟାଲକୁ ମାଗଣାରେ ଅକ୍ସିଜେନ୍ ଯୋଗାଇ ଦିଆଯିବ । ଇଫକୋ ପରିଚାଳନା ନିର୍ଦ୍ଦେଶକ ଡଃ ୟୁଏସ୍ ଅଶ୍ୱସ୍ଥି ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଇଫକୋ ତା'ର ସାର କାରଖାନାଗୁଡ଼ିକରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ପଦକ୍ଷେପ ନେଇସାରିଛି । ରାଜ୍ୟରେ କୋଭିଡ୍ ସଂକ୍ରମିତ ଲୋକଙ୍କୁ ଅକ୍ସିଜେନ୍ ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛି । ଗୁଜୁରାଟର କାଲଲସ୍ଥିତ ନିଜ ସାର କାରଖାନାରେ ଏଭଳି ଏକ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ହୋଇସାରିଛି, ଯାହାକି ୨ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ ହେବ । ଏହି ପ୍ଲାଣ୍ଟରୁ ଦୈନିକ ପ୍ରାୟ ୭୦୦ଲିଟର ଅକ୍ସିଜେନ୍ ଉତ୍ପାଦନ ହେବ ଏବଂ ପ୍ରତ୍ୟେକ ସିଲିଣ୍ଡରର କ୍ଷମତା ୪୮.୭ଲିଟର, ଯାହାର ମେଡିକାଲ ଗ୍ରେଡ୍ ଅକ୍ସିଜେନ୍ ଶୁଦ୍ଧତା ୯୯.୫% । ଏହି ପ୍ଲାଣ୍ଟରେ ଦୈନିକ ୩୩ହଜାର ଲିଟର ଅକ୍ସିଜେନ୍ ଉତ୍ପାଦନ ହେବ ଓ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭କୋଟି ଟଙ୍କା ହେବ । ଇଫକୋ ଏଭଳି ଧରଣର ପ୍ଲାଣ୍ଟ କେବଳ ପାରାଦୀପସ୍ଥିତ ନିଜସ୍ୱ ସାର କାରଖାନା ପରିସରରେ ନୁହେଁ ବରଂ ଆଓଁଲା ଓ ଫୁଲପୁରସ୍ଥିତ ସାର କାରଖାନା ପରିସରରେ ମଧ ଏହି ସମାନ କ୍ଷମତାବିଶିଷ୍ଟ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କରିବ । କୋଭିଡ୍ ସଂକ୍ରମିତ ରୋଗୀଙ୍କୁ ମାଗଣାରେ ଅକ୍ସିଜେନ୍ ଉପଲବ୍ଧ କରାଇବା ପାଇଁ ଏସବୁ ଅକ୍ସିଜେନ୍ ମାଗଣାରେ ହସ୍ପିଟାଲଗୁଡ଼ିକୁ ଯୋଗାଇ ଦିଆଯିବ । କୋଭିଡ୍ ମହାମାରୀ ସମୟରେ ଏହା ଦେଶବାସୀଙ୍କ ନିମନ୍ତେ ଇଫକୋ ପକ୍ଷରୁ ଏକ ଛୋଟ ଯୋଗଦାନ ବୋଲି ଡଃ ଅଶ୍ୱସ୍ଥି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଏବେ କୋଭିଡ୍ ସଂକ୍ରମିତଙ୍କ ନିମନ୍ତେ ମୋଟ ୯୦୦୮ଟି ବେଡ୍ ଥିବାବେଳେ ଏଥିରୁ ୪୬୪୦ଟି ବେଡ୍ ଘରୋଇ ହସ୍ପିଟାଲରେ ଓ ବାକି ୪୩୬୮ଟି ବେଡ୍ ସରକାରୀ ହସ୍ପିଟାଲରେ ଉପଲବ୍ଧ ଅଛି । ଘରୋଇ ହସ୍ପିଟାଲରେ ଆଇସିୟୁ ସଂଖ୍ୟା ୧୪୯୪ ଓ ସରକାରୀ ହସ୍ପିଟାଲରେ ୫୨୪ ରହିଛି । ସେହିପରି ଘରୋଇ ହସ୍ପିଟାଲରେ ଭେଣ୍ଟିଲେଟର ସଂଖ୍ୟା ୬୦୩ ଥିବାବେଳେ ସରକାରୀ ହସ୍ପିଟାଲରେ ମାତ୍ର ୧୭୯ଟି ଭେଣ୍ଟିଲେଟର କୋଭିଡ୍ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଜେପିର କୋଭିଡ-୧୯ର ସ୍ଥିତି ସମ୍ପର୍କିତ ବୈଠକ

### ଟୀକାକରଣ ଓ ମାସ୍କ ବଂଟନ କାର୍ଯ୍ୟରେ ସାମିଲ ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୦/୪ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭିଡିଓ କନଫରେନ୍ସ ମାଧ୍ୟମରେ ଓଡିଶାରେ କୋଭିଡ-୧୯ର ସ୍ଥିତି ସଂପର୍କରେ ସମୀକ୍ଷା କରାଯାଇଛି । ବିଶେଷ କରି ରାଜ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ନୂଆପଡା, ବରଗଡ, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ କରୋନାର ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସବୁ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଚିକିତ୍ସା ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଫେଲ୍ ମାରିଛି । ଉନ୍ନତମାନର ଚିକିତ୍ସା ଅଭାବରୁ ଅନେକ ଲୋକ କରୋନାରେ ମୃତ୍ୟୁ ବରଣ କରୁଛନ୍ତି । ଏସମସ୍ତ ଜିଲ୍ଲାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ କରୋନା ମହାମାରୀ ବିରୁଦ୍ଧରେ ଦୃଢ ପଦକ୍ଷେପ ନେବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି । ସେହିପରି ବିଜେପି କାର୍ଯ୍ୟକର୍ତାମାନେ ଏଭଳି ଘଡିସନ୍ଧି ମୂହୁର୍ତରେ ଟୀକାକରଣ କାର୍ଯ୍ୟରେ ଜନସାଧାରଣଙ୍କୁ ସହଯୋଗ କରିବା, ମାସ୍କ ଓ ସାନିଟାଇଜର ବଂଟନ କରିବା, ପ୍ଲାଜମା ଡୋନେଟ କରିବା, ହସ୍ପିଟାଲରେ ଅସହାୟ ରୋଗୀଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଶ୍ରୀ ମହାନ୍ତି ଦଳର ସମସ୍ତ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି । କରୋନା ସମୟରେ ସତର୍କ ରହିବା ସହ ମାସ୍କ ବ୍ୟବହରା କରିବା, ସାନିଟାଇଜର, ସାବୁନ ଓ ହ୍ୟାଣ୍ଡୱାସରେ ହାତକୁ ବାରମ୍ବାର ସଫା କରିବା, ଦୂରତା ବଜାୟ ରଖି କରୋନା ମହାମାରୀ ବିରୁଦ୍ଧରେ ଲଢେଇ କରିବା ପାଇଁ ଶ୍ରୀ ମହାନ୍ତି ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଏହି ଭିଡିଓ କନଫରେନ୍ସରେ ବିଜେପି ସାଂସଦ ଓ ବିଧାୟକ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ. ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତୃବୃନ୍ଦ, ରାଜ୍ୟ ଓ ଜିଲ୍ଲା ପଦାଧିକାରୀ, ଜିଲ୍ଲା ସଭାପତିଙ୍କ ସମେତ ବିଜେପିର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ସାମିଲ ହୋଇଥିଲେ ।

# କାମ କରୁନି କମନ୍ ସ୍କଲାରସିପ୍ ପୋର୍ଟାଲ, ଆବେଦନ କରିପାରୁନାହାନ୍ତି ଛାତ୍ରଛାତ୍ରୀ

ଭୁବନେଶ୍ୱର ,୨୦/୪ (ନି.ପ୍ର): ସରକାରୀ ଛାତ୍ରବୃତ୍ତି ପାଇଁ ଛାତ୍ରଛାତ୍ରୀଙ୍କୁ ଏକାଧିକ ପୋର୍ଟାଲରେ ଆବେଦନ କରିବାକୁ ପଡ଼ିବ ନାହିଁ । ମାତ୍ର ଗୋଟିଏ ପୋର୍ଟାଲ www. scholarship.odisha. gov.in ରେ କ୍ଲିକ୍ କଲେ ପିଲାମାନେ ସେମାନଙ୍କ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ । ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପୋର୍ଟାଲର ଶୁଭାରମ୍ଭ କରାଯାଇଥିଲା । ଲକ୍ଷ୍ୟ ଥିଲା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ୨୦ରୁ ଅଧିକ ବୃତ୍ତି ପ୍ରଦାନ କରାଯାଉଛି । ଏହି ଏକକ ପୋର୍ଟାଲ ଦ୍ୱାରା ବୃତ୍ତି ପ୍ରଦାନ କରୁଥିବା ସରକାରଙ୍କ ବିଭାଗ ଓ ଆଶାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୂରତ୍ୱ କମିଯିବ । ସେମାନେ ସୁବିଧାରେ ଘରେ ଆବେଦନ କରିବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବୃତ୍ତି ପାଇପାରିବେ । ବିଶେଷକରି ଅନୁସୂଚିତ ଜନଜାତି, ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସାମାଜିକ ଓ ଶିକ୍ଷାଗତଭାବେ ପଛୁଆବର୍ଗର ଛାତ୍ରଛାତ୍ରୀ ଏହି ବୃତ୍ତିର ସୁବିଧା ପାଇବେ । ଦୁର୍ବଳ ଶ୍ରେଣୀର ପିଲାଙ୍କ ଶିକ୍ଷା ସୁବିଧା ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି । ତେଣୁ ଏହି ଏକକ ପୋର୍ଟାଲ ଦ୍ୱାରା ସେମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା । ତେବେ ଏହି ପୋର୍ଟାଲ ଛାତ୍ରଛାତ୍ରୀଙ୍କ ପାଇଁ କେତେ ସହାୟକ ହୋଇପାରୁଛି ତାହା ଏବେ ସାମ୍ନାକୁ ଆସିଛି । ସୁଫଳ ପାଇବେ କ'ଣ ପିଲା ଏବେ ଆବେଦନ କରିବାକୁ ହଟହଟା ହେଉଛନ୍ତି । କେତେବେଳେ ସଫ୍ଟୱେର ସମସ୍ୟା ଦେଖାଦେଉଛି ତ ଆଉ କେତେବେଳେ କଲେଜ ପଞ୍ଜୀକରଣ କରିପାରୁ ନାହିଁ । ଯାହାକୁ ନେଇ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷ ଅସନ୍ତୋଷ ବ୍ୟକ୍ତ କରିବା ପରେ ଉଚ୍ଚଶିକ୍ଷା ବିଭାଗ ନିଦ ଭାଙ୍ଗିଛି । ପୋର୍ଟାଲ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥାକୁ ଅର୍ଥ ନ ଦେବାକୁ କୁହାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ୨୦୨୦-୨୧ ଶିକ୍ଷାବର୍ଷରୁ କମନ୍ ସ୍କଲାରସିପ୍ ପୋର୍ଟାଲ ଆରମ୍ଭ ହୋଇଛି । ଗତ ଏପ୍ରିଲ ପହିଲାରୁ ଉଚ୍ଚଶିକ୍ଷା ବିଭାଗର ୩ଟି ଯୋଜନା ଯଥା ଇ-ମେଧାବୃତ୍ତି, ବ୍ୟାସକବିଫକୀରମୋହନ ସେନାପତି ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ଏଥିରେ ସାମିଲ ହୋଇଛି । ତେବେ ଏହାକୁ କାର୍ଯ୍ୟକାରୀ କରିବା ସମୟରେ ତ୍ରୁଟି ପରିଲକ୍ଷିତ ହେଉଛି । ସଫ୍ଟୱେରରେ ବୈଷୟିକ ସମସ୍ୟା ଦେଖାଦେଉ ଥିବାରୁ ଛାତ୍ରଛାତ୍ରୀ ପୋର୍ଟାଲରେ ସେମାନଙ୍କ ଆବେଦନପତ୍ର ଦାଖଲ କରିପାରୁ ନାହାନ୍ତି । କେବଳ ଛାତ୍ରଛାତ୍ରୀ ନୁହନ୍ତି, କଲେଜ କର୍ତ୍ତୃପକ୍ଷ ବି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।




## ସବୁ ସହରାଞ୍ଚଳରେ ଲାଗୁ ହେବ ସହରୀ ବେତନ ନିଯୁକ୍ତି ଅଭିଯାନ

ଭୁବନେଶ୍ୱର ,୨୦/୪ (ନି.ପ୍ର): କୋଭିଡ୍ ଯୋଗୁଁ କର୍ମନିଯୁକ୍ତି ହରାଇଥିବା ଲୋକଙ୍କୁ ବିଭିନ୍ନ କାମରେ ନିୟୋଜନ କରି ପାରିଶ୍ରମିକ ଦେବା ପାଇଁ ଆରମ୍ଭ ହୋଇଥିବା ସହରୀ ବେତନ ନିଯୁକ୍ତି ଅଭିଯାନ ଏବେ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ଲାଗୁ ହେବ । ଏଥିପାଇଁ ଏକ ଦୁଇଦିନିଆ କର୍ମଶାଳା ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଅଧିକରୁ ଅଧିକ ଲୋକଙ୍କୁ ଯେପରି କର୍ମନିଯୁକ୍ତି ଯୋଗାଇ ହେବ ସେଥିପାଇଁ ୧୧୪ଟି ସହରାଞ୍ଚଳରେ ୩୪୨ଜଣ ବୃତ୍ତିଗତ କର୍ମଚାରୀ ନିଯୁକ୍ତି ପାଇବେ । ଏହି କର୍ମଶାଳାରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍, ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ ଏହି ଅଭିଯାନ କିପରି ଅଧିକ ଫଳପ୍ରଦ ହେବ ଏବଂ ଧାର୍ଯ୍ୟ ସମୟରେ ସମସ୍ତ କାମ ଶେଷ ହେବ ସେ ବିଷୟରେ ଆଲୋକପାତ କରିଥିଲେ ।



# ବିଦ୍ୟୁତ ଦର ହ୍ରାସ ଦାବି ଜଣାଇଲା ଭଞ୍ଜସେନା

## ୧୫ଦିନ ମଧ୍ୟରେ ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



ବାରିପଦା,୨୦/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କ ସହିତ କିଛି ଦିନ ପୂର୍ବରୁ ଟାଟା କଂପାନୀର ଅଂଶ ବିଶେଷ ଟାଟା ପାୱାର (ବିଦ୍ୟୁତ ବିଭାଗ)ର 'ଟାଟା ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼' ମିଶି ବିଦ୍ୟୁତ ବିଭାଗର ସୁପରିଚାଳନା ନିମନ୍ତେ ଚୁକ୍ତି କରି କାର୍ଯ୍ୟାରମ୍ଭ କରିଛନ୍ତି। ଏନେଇ ବାରିପଦାର ଦାରୋଗାଡାହି ସ୍ଥିତ ନେସ୍କୋ କାର୍ଯ୍ୟାଳୟର ନାମ ପରିବର୍ତ୍ତନ କରି ଟିପି ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ ନାମ ରଖାଯାଇଛି। ସେପଟେ ବିଦ୍ୟୁତ ଦରବୃଦ୍ଧିକୁ ନେଇ ଜିଲ୍ଲାର ଯୁବଛାତ୍ର ସଂଗଠନ ଭଞ୍ଜସେନା ପାଞ୍ଚ ଦଫା ଦାବି ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାରିପଦାର ବିଦ୍ୟୁତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ମାଧ୍ୟମରେ ବାଲେଶ୍ୱର ସିଇଓଙ୍କୁ ପ୍ରଦାନ କରିଛି। ମୟୂରଭଞ୍ଜ ଜିଲ୍ଲାରୁ ଦୀଘବର୍ଷ ଧରି ଲୁହାପଥର ନେଇ ପ୍ରତିଷ୍ଠିତ ହୋଇଥିବା ଟାଟା କଂପାନୀ ଠାରୁ ପ୍ରତିଦାନ ସ୍ୱରୁପ ନିମ୍ନଲିଖିତ ଦାବି ଗୁଡ଼ିକୁ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଦାବି ଉପସ୍ଥାପନ କରାଯାଇଥିବା ଜଣାଯାଇଛି। ଦାବି ମୁତାବକ ଘରୋଇ କରଣ ବିଦ୍ୟୁତ ଉପଭୋକ୍ତାଙ୍କ ନିମନ୍ତେ ବ୍ୟବହୃତ ପ୍ରଥମ ୨୦୦ ୟୁନିଟ ବିଦ୍ୟୁତ ଶୁଳ୍କ ସଂପୂର୍ଣ ଭାବେ ଛାଡ଼ କରାଯିବା ସହିତ ଦୁଇ ଶହ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ଼ ପରେ ଶୂନରୁ ପଚାଶ ୟୁନିଟର ଦର ୩ଟଙ୍କା ପରିବର୍ତ୍ତେ କେବଳ ୭୫ ପଇସା କରାଯିବାକୁ ଦାବି ରଖିଛନ୍ତି। ସେହିଭଳି ୫୧ୟୁନିଟରୁ ୨୦୦ ୟୁନିଟର ଦର ୪ ଟଙ୍କା ୮୦ ପଇସା ପରିବର୍ତ୍ତେ ୨ଟଙ୍କା ୫୦ ପଇସା, ୨୦୧ ୟୁନିଟରୁ ୪୦୦ ୟୁନିଟର ଦର ୫ଟଙ୍କା ୮୦ ପଇସା ପରିବର୍ତ୍ତେ ୩ଟଙ୍କା ୫୦ ପଇସା, ୪୦୧ ୟୁନିଟରୁ ଉର୍ଦ୍ଧ୍ୱ ୬ଟଙ୍କା ୨୦ପଇସା ପରିବର୍ତ୍ତେ ୪ଟଙ୍କା ନେବାକୁ ଦାବି ରଖିଛି ଭଞ୍ଜସେନା। କମରସିଆଲ ବିଦ୍ୟୁତ ଉପଭୋକ୍ତାଙ୍କ ନିମନ୍ତେ ବ୍ୟବହୃତ ପ୍ରଥମ ୧୫୦ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ଼ କରାଯିବା ସହିତ ୧୫୦ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ଼ ପରେ ୦ରୁ ୧୦୦ୟୁନିଟର ଦର ୫ଟଙ୍କା ୯୦ପଇସା ପରିବର୍ତ୍ତେ ୩ଟଙ୍କା ୫୦ ପଇସା, ୧୦୧ ରୁ ୩୦୦ ୟୁନିଟର ଦର ୭ଟଙ୍କା ପରିବର୍ତ୍ତେ ୪ଟଙ୍କା ୫୦ ପଇସା, ୩୦୧ରୁ ଉର୍ଦ୍ଧ୍ୱ ୟୁନିଟର ଦର ୭ଟଙ୍କା ୬୦ ପଇସା ପରିବର୍ତ୍ତେ ୪ଟଙ୍କା ୭୦ ପଇସା ରଖାଯିବାକୁ ଦାବି କରାଯାଇଛି। ଏହା ସହିତ ନିଯୁକ୍ତି କ୍ଷେତ୍ରରେ ନିୟମାବଳୀକୁ କୋହଳ କରି ମୟୂରଭଞ୍ଜ ଜିଲ୍ଲାରେ ଯୋଗ୍ୟତା ଭିତ୍ତିରେ କେବଳ ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ହିଁ ନିଯୁକ୍ତି ପ୍ରଦାନ କରାଯିବା, ଆଦିବାସୀ, ହରିଜନ ଏବଂ ଓବିସି ଜନଜାତି ପ୍ରାର୍ଥୀଙ୍କ ପାଇଁ ୨୫ ପ୍ରତିଶତ ମାର୍କରେ ରିହାତି ଦିଆଯିବା, ବିପିଏଲ ବିଦ୍ୟୁତ ଉପଭୋକ୍ତାଙ୍କୁ ଉନ୍ନତ ବିଦ୍ୟୁତ ସେବା ଯୋଗାଇ ଦେବା ସହ ସମଗ୍ର ଜିଲ୍ଲାରେ ବିପର୍ଯ୍ୟସ୍ତ ଭାବେ ପଡ଼ିରହିଥିବା ବିଦ୍ୟୁତ ସେବାକୁ ତୁରନ୍ତ ସୁଧାର କରାଯିବା ଭଳି ଅନେକ ଦାବି ଉପସ୍ଥାପନ କରାଯାଇଛି। ଉପରୋକ୍ତ ଦାବି ଗୁଡ଼ିକର ଆଗାମୀ ୧୫ ଦିନ ମଧ୍ୟରେ ସମାଧାନ କରାନଗଲେ ଆଗାମୀ ଦିନରେ ଭଞ୍ଜସେନା ରାଜରାସ୍ତାରେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛି। ତେବେ ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଶ୍ରୀ ମାଇତିଙ୍କ ସହିତ ଯୁବ ଓ ଛାତ୍ର ସଂଯୋଜକ ରାକେଶ କୁମାର ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଉପସଭାପତି ରାକେଶ ମହାନ୍ତି, ଯୁବ ସଭାପତି ମାନସ କୁମାର ବେହେରା ଏବଂ ଛାତ୍ର ସଂଯୋଜକ ସଞ୍ଜୟ ମହାର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିବା ଜଣାଯାଇଛି।

## ଶ୍ରୀରାମ ନବମୀ ଉପଲକ୍ଷେ ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ

ଭଦ୍ରକ,୨୦/୦୪ (ନି.ପ୍ର): ଶ୍ରୀରାମ ମହଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଶ୍ରୀରାମ ନବମୀ ମହଯଜ୍ଞ ଉପଲକ୍ଷେ ଆଜି ଯଜ୍ଞ ମଣ୍ଡପ ପରିସରରେ ସମିତିର ସଦସ୍ୟମାନଙ୍କ ଦ୍ୱାରା ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯାଇଛି। ଶ୍ରୀରାମ ନବମୀ ମହାଯଜ୍ଞର ଆଜି ଦ୍ୱିତୀୟ ଦିବସ। ପରମ୍ପରା ଅନୁଯାୟୀ ହନୁମାନ ଚାଳିଶା ପାଠ କରାଯାଏ। ବରିଷ୍ଠ ସଦସ୍ୟ ନିଳକଣ୍ଠ ସାହୁଙ୍କ ନେତୃତ୍ୱରେ ହୋଇଥିବା ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ଅମ୍ବିକା ଦାସ, ସୂର୍ଯ୍ୟବଂଶୀ ସୂରଜ, ମଦନ ବାରିକ, ଆଶିଷ ବାରିକ, ଶିବଶଙ୍କର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ହିତେଶ ମହାନ୍ତି, ରଶ୍ମିରଂଜନ ମହାକୁଡ ପ୍ରମୁଖ ସାମିଲ ଥିଲେ। ଯଜ୍ଞ କାର୍ଯ୍ୟରେ ସଭାପତି ରାୟ ରାମାନନ୍ଦ ମହାପାତ୍ର, ସମ୍ପାଦକ ଶରତ ପଢିଆରୀ, ଗୋବିନ୍ଦ ରାଉତ, ସନାତନ ସାହୁ, ନିରଞ୍ଜନ ସାହୁ, ବିଜୟ ସିନ୍ହା, ପ୍ରଦିପ୍ତ ବିଶ୍ୱାଳ, ତପନ ମହାନ୍ତି, ଭଗବାନ ପଣ୍ଡା, ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି। ଘରେ ଘରେ ସନ୍ଧ୍ୟା ୬ଟାରେ ହନୁମାନ ଚାଳିଶା ପାଠ କରିବା ସହିତ ବିଭିନ୍ନ ମେଢ କମିଟି ଦ୍ୱାରା ନିର୍ମିତ ମୂର୍ତ୍ତିଗୁଡ଼ିକୁ ନିଜ ସାହି/ଗ୍ରାମରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବାକୁ ସମିତି ପକ୍ଷରୁ ନିବେଦନ କରାଯାଇଛି।

## ଟ୍ରାନ୍ସଫରମାର ପୋଡି ଯୋଗୁଁ ଉପଭୋକ୍ତା ହନ୍ତସନ୍ତ

ବାଲିଆପାଳ,୨୦/୦୪ (ନି.ପ୍ର): ବାଲିଆପାଳ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ସ୍ଥାନୀୟ ଜାମକୁଣ୍ଡା ଛକଠାରେ ବସିଥିବା ଟ୍ରାନ୍ସଫରମାରଟି ବାରମ୍ବାର ପୋଡିଯାଇଛି। ଓଭାର ଲୋଡିଙ୍ଗ ଓ ବିଦ୍ୟୁତ ଚୋରି ଯୋଗୁଁ ଏପରି ହେଉଛି। ଫଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଏବେ ପ୍ରଚଣ୍ଡ ଗରମ ସାଙ୍ଗକୁ ଗୁଳି ଗୁଳି ହେଉଥିବାରୁ ଉପଭୋକ୍ତାଙ୍କ ଦୁଃଖ ଦୁର୍ଦ୍ଦଶା ବଢିଯାଇଛି। ନେସ୍କୋ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ବକେୟା ବିଦ୍ୟୁତ ବିଲକୁ ଆଳକରି ଟ୍ରାନ୍ସଫରମର ବସାଇବାରେ ବିଳମ୍ବ କରୁଛନ୍ତି। ଜାମକୁଣ୍ଡାଛକ ଏକ ଜନଗହଳ ବଜାର ହୋଇଥିବାରୁ ବିନା ବିଦ୍ୟୁତରେ ସମୁଦାୟ ଅଂଚଳଟି ଅନ୍ଧାର ରହୁଛି। ତେବେ ଏବାବଦରେ ଜେଇଙ୍କୁ ପଚାରିବାରୁ ଆଜି ଟ୍ରାନ୍ସଫରମର ବସିଛି ଏବଂ ଉପଭୋକ୍ତାଙ୍କର ଆଉ କୌଣସି ଅସୁବିଧା ରହିବ ନାହିଁ ବୋଲି କହିଛନ୍ତି।

## ଅର୍ଥବିଲ୍-୨୦୨୧ର ସଂଶୋଧନକୁ କ୍ୟାବିନେଟର ଅନୁମୋଦନ

ନୂଆଦିଲ୍ଲୀ,୨୦/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅର୍ଥବିଲ୍-୨୦୨୧ ସଂଶୋଧନକୁ ପିଛିଲାଭାବେ ଅନୁମୋଦନ କରାଯାଇଛି। ୨୦୨୧ ଅର୍ଥ ଆଇନ ଭାବେ ଏହି ଅର୍ଥ ବିଲ୍ ୨୦୨୧ମାର୍ଚ୍ଚ ୨୨ରେ ପ୍ରଣୀତ ହୋଇଥିଲା। ଅର୍ଥବିଲ୍‌ରେ ଯେଉଁସବୁ ନୂଆ ବ୍ୟବସ୍ଥା ରହିଥିଲା ତାହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ପକ୍ଷ ଏବଂ କର୍ତ୍ତୃପକ୍ଷଙ୍କ ସୁବିଧା ନିମନ୍ତେ ଏଥିରେ କେତେକ ଆଇନଗତ ସଂଶୋଧନ ଅପରିହାର୍ଯ୍ୟ ଥିଲା। ଏଥିପାଇଁ ଅର୍ଥବିଲ୍-୨୦୨୧ରେ ସଂଶୋଧନ କରାଯାଇଥିଲା। ଉଦ୍ଦେଶ୍ୟ ଏହି ସଂଶୋଧନର ଉଦ୍ଦେଶ୍ୟ ହେଲା ଯେ, ଅର୍ଥବିଲ୍‌ରେ ସଂଶୋଧନ ଫଳରେ ସମ୍ପୃକ୍ତ ସମସ୍ତ ପକ୍ଷ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ, ସେଥିରୁ ସେମାନଙ୍କୁ ସୁରକ୍ଷିତ କରିବା ଏବଂ ସବୁ ଟିକସଦାତାଙ୍କୁ ସମାବେଶୀ ତଥା ସମାନ ସୁବିଧା ସୁଯୋଗ ଯୋଗାଇ ଦେବା। ଅର୍ଥବିଲ୍‌ରେ ସଂଶୋଧନର ଅର୍ଥ ନୂଆ ଟିକସ ଲାଗୁ କରିବା ବା ଟିକସ ହାରରେ ପରିବର୍ତ୍ତନ ଆଣିବା। ଠିକ୍ ସମୟରେ ରାଜସ୍ୱର ବ୍ୟବସ୍ଥା କରି ତାହାକୁ ଆଦାୟ କରିବା ସରକାରୀ ଟିକସ ବ୍ୟବସ୍ଥାର ଉଦ୍ଦେଶ୍ୟ। ତେବେ ନୂଆ ଟିକସ ଲାଗୁ କିମ୍ବା ଟିକସ ହାର ଆଦି ପରିବର୍ତ୍ତନ କରିବା ସମୟରେ ସରକାର ଟିକସଦାତାମାନଙ୍କ ସ୍ୱାର୍ଥପ୍ରତି ଧ୍ୟାନ ଦେଇଥାନ୍ତି ଓ ସେମାନଙ୍କର ଆପତି ଅଭିଯୋଗ ଶୁଣିଥାନ୍ତି।

## ଉତ୍ତରାଖଂଡରେ ଗତ ୨୪ ଘଂଟାରେ ୩,୦୧୨ କରୋନାର ନୂଆ ମାମଲା

ଦେହରାଦୁନ ,୨୦/୦୪ (ନି.ପ୍ର): ଉତରାଖଂଡରେ ଗତ ୨୪ ଘଂଟାରେ ୩,୦୧୨ ନୂଆ କରୋନାର ମାମଲା ସାମନାକୁ ଆସିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧,୨୯,୨୦୫ ହୋଇଛି। ବର୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୧,୯୧୯ ଜଣ ମୃତ୍ୟୁବରଣ କରିଛନ୍ତି।

## ମୃତ ପରିବାରକୁ ସମବେଦନା ଜଣାଇଲେ ସାଂସଦ ଓ ପୂର୍ବତନ ବିଧାୟକ



ଧାମନଗର,୨୦/୦୪ (ନି.ପ୍ର): ଧାମନଗର ଥାନା ଅନ୍ତର୍ଗତ ସୋହଡ଼ା ଗ୍ରାମପଞ୍ଚାୟତର ଗୌରାଙ୍ଗପୁର ଗ୍ରାମର ମନ୍ମଥ ଦାଶଙ୍କ ଦୁଇଜଣ ପୁଅ ଓ ଝିଅ ବୈତରଣୀ ନଦୀର ଜୟନ୍ତୀରା ଠାରେ ପାଣିରେ ବୁଡ଼ି ଅତି ଶୋଚନୀୟ ଭାବେ ମୃତ୍ୟୁ ବରଣ କରିଛନ୍ତି। ଖବରରୁ ଜାହା ଜଣାଯାଏ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନଦୀଭିତରେ ଅସ୍ଥାୟୀ ଗୌରାଙ୍ଗପୁର- ଜୟନ୍ତୀରା ରାସ୍ତାରେ ନିଜ ପିଉସୀ ମା'ଙ୍କ ଘରକୁ ଯାଉଥିବାବେଳେ ମନ୍ମଥ ଦାଶଙ୍କ ଝିଅ ବର୍ଷା(୮), ପୁଅ ବାଟୁଆ (୫) କୌଣସି କାରଣରୁ ରାସ୍ତା ନିର୍ମାଣ ନିମନ୍ତେ କରାଯାଇଥିବା ବାଲି ଖାଲରେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ମାନେ ବହୁ ଖୋଜାଖୋଜିକରି ଭାଇଭଉଣୀଙ୍କୁ ସେଠାରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହି ଦୁଖଦ ଖବର ଶୁଣି ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଓ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୃତ୍ୟୁ ବରଣ କରିଥିବା ତାଙ୍କ ବାସଭବନରେ ପହଂଚି ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ କିଛି ଆର୍ଥିକ ସାହାର୍ଯ୍ୟ କରିଥିବା ଜଣାଯାଇଥିବାବେଳେ ସରକାରୀ ସାହାର୍ଯ୍ୟ ଯୋଗାଇ ଦେବାପାଇଁ ଉପସ୍ଥିତ ଥିବା ତହସିଲଦାରଙ୍କୁ ଶ୍ରୀମତୀ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ଏପରି ପେକ୍ଷୀରେ ଧାମନଗର ତହସିଲଦାର ରାଧାକାନ୍ତ ବାରିକ, ଆଇଆଇସି ରତିକାନ୍ତ ଗିରି ଉପସ୍ଥିତ ଥିବାବେଳେ ବିଜେଡ଼ି ନେତା ବିନୋଦ ବିହାରୀ ନାୟକ, ପ୍ରତାପ ସାମଲ, ନିତ୍ୟାନନ୍ଦ ମିଶ୍ର, ବିଷ୍ଣୁମୋହନ ମିଶ୍ର, ପ୍ରଶାନ୍ତ ଦ୍ୱିବେଦୀ, ସେକ୍ ଜାଫର ଅଲ୍ଲୀ, ଦୀଲ୍ଲିପ ସାହୁ, ଲମ୍ବୋଦର ଜେନା, ନିରାକାର ତରାଇ ସମେତ ସ୍ଥାନୀୟ ବହୁ ଦଳିୟ ନେତା ଓ କର୍ମୀ ଉପସ୍ଥିତ ରହି ମୃତ ପରିବାରକୁ ସମବେଦନା ଜଣାଇଥିଲେ।

## କଟକରେ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ନେଇ ନିଷ୍ପତ୍ତି

କଟକ,୨୦/୦୪ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମେ ଭୁବନେଶ୍ୱର ଓ ଏବେ କଟକର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ନେଇ ନିଷ୍ପତ୍ତି ହୋଇଛି। ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି କଟକ ମହାନଗର ନିଗମ। ଅନ୍ୟପଟେ ଅଳ୍ପ ସଂଖ୍ୟାକୁ ସେବାୟତଙ୍କୁ ନେଇ ଠାକୁରଙ୍କ ନୀତିକାନ୍ତି କରାଯିବ ବୋଲି କଟକ ମହାନଗର ନିଗମ ପକ୍ଷରୁ କୁହାଯାଇଛି। ସୂଚନା ଥାଉକି ଦେଶ ସମେତ ଏବେ ରାଜ୍ୟରେ କରୋନା ସଂକ୍ରମଣ ସୁନାମି ଭଳି ଆଗକୁ ମାଡି ଚାଲିଛି। ଏବେ ରାଜ୍ୟରେ ଦୈନିକ ସଂକ୍ରମଣ ୫ ହଜାର ମୁହାଁ ହୋଇଛି। ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪,୭୬୧ ଜଣ ଲୋକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଗୋଟିଏ ପଟେ କରୋନା ଚେନକୁ ଭାଙ୍ଗିବାକୁ ରାଜ୍ୟସରକାର ନାଇଟ୍ କର୍ଫ୍ୟୁ ସହ ସପ୍ତାହନ୍ତ ଲକଡାଉନ୍ ଘୋଷଣା କରିଛନ୍ତି।

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୬୨,୦୯୭ କରୋନାର ନୂଆ ମାମଲା

ମୁମ୍ବାଇ,୨୦/୦୪ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୬୨,୦୯୭ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୫୧୯ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩୯,୬୦,୩୫୯ହୋଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୬୧,୩୪୩ ଜଣ ମୃତ୍ୟୁବରଣ କରିଛନ୍ତି।

## ପୁରାଣ କମ୍ୟୁନିଟି ଫେସବୁକ ଗ୍ରୁପର ପ୍ରଥମ ବନ୍ଧୁ ମିଳନ



ବାରିପଦା,୨୦/୦୪ (ନି.ପ୍ର): ପୁରାଣ କମ୍ୟୁନିଟି ଫେସବୁକ ଗ୍ରୁପର ପ୍ରଥମ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରୋନା କଟକଣା ନିୟମ ମଧ୍ୟରେ ରବିବାର ଦିନ ବାରିପଦା ସ୍ଥିତ ଲାୟନ୍ସ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରୁପ ଏଡ଼ମିନ ବିନୁ ଧୀର ପରିଚାଳନା କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଦୁସ୍ମିତା ଦେଓ ଓ ବିଶ୍ୱଜିତ ଧଳ ସମସ୍ତ ମେମ୍ବରଙ୍କୁ ପୁଷ୍ପଗୁଚ୍ଛ ଦେଇ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। ସମସ୍ତ ସଦସ୍ୟଙ୍କ ପରିଚୟ ପରେ ବରିଷ୍ଠ ଆଡମିନ ବିକାଶ ଦାସବାବୁ ଗ୍ରୁପର ଇତିହାସ, ଆଗାମୀ ଆଭିମୁଖ୍ୟ ଓ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଶିମିଳିପାଳ ଜାତୀୟ ଉଦ୍ୟାନରେ ନିଆଁ ଲାଗିବା ଘଟଣା ସମୟରେ ଆକାଶରୁ ଝରିଥିବା ଜଳ ବିନ୍ଦୁ ପାଇ ଖୁସିରେ ବିଭୋର ହୋଇ ନାଚି ଥିବା ବନପାଳ ସ୍ନେହଲତା ଧଳଙ୍କ ସହିତ ସୁମନ୍ତ ରାଜଙ୍କୁ ସମ୍ବର୍ଦ୍ଧନା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ପୁରାଣ କମ୍ୟୁନିଟି ଫେସବୁକ ଗ୍ରୁପର ସଦସ୍ୟ ତିରୁପତି ଧୀର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରୁପ ଏଡ଼ମିନଙ୍କ ସହିତ ସତ୍ୟଜିତ ଦେଓ, ପୁଷ୍ପା କୁମାରୀ ଓ ପ୍ରଦୀପ ଧୀର ସହଯୋଗ କରିଥିଲେ। ତେବେ ଏଭଳି କର୍ଯ୍ୟକ୍ରମ ଆୟୋଜନ କରି ସମସ୍ତ ଗ୍ରୁପ ସଦସ୍ୟ ଆନନ୍ଦିତ ଥିବା ବେଳେ ଆଗାମୀ ବର୍ଷ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନେଇ ଗ୍ରୁପ ଏଡ଼ମିନ ବିନୁ ଧୀର ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ....

ଆମକୁ ସମସ୍ତ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ବର୍ତମାନ ସବୁଠାରୁ ଗମ୍ଭୀର ପରିସ୍ଥିତିର ସାମ୍ନା କରୁଛୁ। ତେଣୁ ଆମେ ଯଦି ସମସ୍ତେ ଦାୟିତ୍ୱବାନ ହୋଇ ପରିସ୍ଥିତିର ମୁକାବିଲା କରିବା, ତେବେ ଆମ ନିଶ୍ଚିତ ଭାବରେ ଏ ପରିସ୍ଥିତିରୁ ସଫଳ ଭାବେ ବାହାରି ପାରିବା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳ ମାନଙ୍କୁ କୋଭିଡ ପରିସ୍ଥିତିର ମୁକାବିଲା ପାଇଁ ଏକ ୬ ସୂତ୍ରୀ ପରାମର୍ଶ ଦେଇଛନ୍ତି। ସାରା ରାଜ୍ୟରେ କୋଭିଡ ହସ୍‌ପିଟାଲ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ଅଧିକ କୋଭିଡ କେୟାର ସେଂଟର ସ୍ଥାପନ , ଯେତେଦୂର ସମ୍ଭବ ସର୍ବାଧିକ ସଂଖ୍ୟାରେ ଶଯ୍ୟା ଗୁଡିକରେ ଅକ୍‌ସିଜେନ ବ୍ୟବସ୍ଥା ରଖାଯାଉ , ଅକ୍‌ସିଜେନ ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯାଉ , ଅକ୍‌ସିଜେନ ଯୋଗାଣ ବ୍ୟବସ୍ଥାକୁ ଭଲ ଭାବରେ ତଦାରଖ କରାଯାଉ ଏବଂ ହସ୍‌ପିଟାଲ ଗୁଡିକରେ ଏଥିପାଇଁ ସମସ୍ତ ଆବଶ୍ୟକ ଉପକରଣକୁ ପ୍ରାଥମିକତା ଭିତିରେ ଉପଲବ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମେଡିସିନ୍ ଷ୍ଟକ୍ ଯଥେଷ୍ଟ ରହିଛି, ତଥାପି ଆଗକୁ ଅଧିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧର ଏକ ବଫର ଷ୍ଟକ୍ ରଖାଯାଉ। ଆଇଇସି ଅଭିଯାନରେ ଅଧିକ ଉନ୍ନତି ଅଣାଯିବା ଉପରେ ଗୁରୁତ୍ୱ। ଜନସାଧାରଣ ଦ୍ୱିତୀୟ ଲହରର ଭୟାବହତା ସଂପର୍କରେ ସଚେତନ ହେବା ଜରୁରୀ ଏବଂ କୋଭିଡ ନିୟମାବଳୀକୁ ମାନିବା କେତେ ଜରୁରୀ, ସେ ସଂପର୍କରେ ଅନୁଭବ କରିବା ଦରକାର। ଜନସାଧାରଣଙ୍କ ସହିତ ମିଶନ ଶକ୍ତି ଏବଂ ପଂଚାୟତିରାଜ ପ୍ରତିନିଧି ମାନଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉ। ସମସ୍ତ କୋଭିଡ ନିୟମାବଳୀ ଦୃଢ ଭାବରେ ଲାଗୁ କରିବା କାର୍ଯ୍ୟକ୍ରମ ଜାରି ରହିବା ଜରୁରୀ। ଅନ୍ୟ ରାଜ୍ୟରେ ଯେଉଁଠାରେ କୋଭିଡ ପରିସ୍ଥିତି ସାଂଘାତିକ ରହିଛି, ସେଠାରୁ ପ୍ରବାସୀମାନେ ଆସିବାର ସମ୍ଭାବନା ଅଛି। ତେଣୁ ଏଥିପାଇଁ ଜିଲ୍ଲାପାଳମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ପୂର୍ବରୁ ଯେଉଁ ପ୍ରୋଟୋକଲ୍ ଅନୁଯାୟୀ ପ୍ରବାସୀଙ୍କ ଆଗମନ ପରିଚାଳନା କରାଯାଉଥିଲା, ତାକୁ ବର୍ତମାନର ଡାଟାବେସ୍ ଅନୁଯାୟୀ ପୁନର୍ବାର କାର୍ଯ୍ୟକାରୀ କରିବା ସହ ପ୍ରବାସୀମାନଙ୍କ ପାଇଁ ଟେଷ୍ଟିଂ ଓ ସଂଗରୋଧର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଯେଉଁ ବରିଷ୍ଠ ଅଧିକାରୀମାନେ ପର୍ଯ୍ୟବେକ୍ଷକଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଓ ଅନ୍ୟ ଅଧିକାରୀମାନେ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ସେମାନଙ୍କର ଶ୍ରେଷ୍ଠ ଉଦ୍ୟମ ଜାରି ରଖନ୍ତୁ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ କୋଭିଡ ମୁକାବିଲାକୁ ଜୋରଦାର କରାଯିବ। ମାସ୍କ ବ୍ୟବହାର ସହିତ ସମସ୍ତ କୋଭିଡ ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର ଦେଶର କୋଭିଡ ପଜିଟିଭ ସଂଖ୍ୟାର ୧.୮୩ ପ୍ରତିଶତ ଏବେ ଓଡିଶାର ବୋଲି କହିଥିଲେ। ରାଜ୍ୟରେ ଏବେ ସୁସ୍ଥତା ହାର ୯୨.୧୦ ପ୍ରତିଶତ ରହିଛି। ବିଭିନ୍ନ ଜିଲ୍ଲା ମାନଙ୍କରେ କୋଭିଡ ପରିସ୍ଥିତିର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସେ ମୁଖ୍ୟତଃ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।

### ଗୋଟିଏ ଦିନରେ ୪୭୬୧ ....

ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୮୬ ଜଣ, ଝାରସୁଗୁଡ଼ାରୁ ୨୩୪ ଜଣ, କଳାହାଣ୍ଡିରୁ ୧୬୭ ଜଣ, କନ୍ଧମାଳ ଜିଲ୍ଲାରୁ ୨୫ ଜଣ. କେନ୍ଦ୍ରାପଡ଼ାରୁ ୫୦ ଜଣ, କେନ୍ଦୁଝରରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୮୨୦ ଜଣ, କୋରାପୁଟରୁ ୩୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୮୬ ଜଣ, ନବରଙ୍ଗପୁରରୁ ୧୫୪ ଜଣ, ନୟାଗଡ଼ରୁ ୬୩ ଜଣ, ନୂଆପଡ଼ାରୁ ୫୩୪ ଜଣ, ପୁରୀରୁ ୧୯୩ ଜଣ, ରାୟଗଡ଼ାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୮୩ ଜଣ, ସୋନପୁରରୁ ୪୭ ଜଣ, ସୁନ୍ଦରଗଡ଼ରୁ ୬୭୩ ଜଣ ଓ ଷ୍ଟେଟ୍ ପୁଲରୁ ୧୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ୧୦ ଜିଲ୍ଲାକୁ କାଳବୈଶାଖୀ....

ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୧୦ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିବା ସହ କାଳବୈଶାଖୀ ଓ ବଜ୍ରପାତ ସମୟରେ ଘର ଭିତରୁ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ସେହିପରି ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଓ କଟକ ଜିଲ୍ଲାର ଅନେକ ସ୍ଥାନରେ ହାଲୁକା କିମ୍ବା ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛ ବୋଲି ଜାରି ସତର୍କ ସୂଚନାରେ କହିଛି ପାଣିପାଗ କେନ୍ଦ୍ର। କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ଏଥିସହ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏହିପରି କାଳବୈଶାଖୀ ସହ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

### ବିନା ଭକ୍ତରେ ହେଲା....

ସାମିଲ ହେବାକୁ ଅନୁମତି ମିଳିଛି। ସମ୍ପୃକ୍ତ ଅଂଚଳରେ ୧୪୪ ଧାରା ଜାରି କରାଯାଇଛି। ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣଲେଉଟା। ଯେଉଁଭଳି ଭାବେ ରଥଟି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ ଠିକ୍ ସେହିଭଳି ପୁନର୍ବାର ପଛକୁ ଫେରିଥାଏ। ବିନା ମୋଡ଼ରେ ରଥ ଫେରିଥାଏ। ବିଧି ଅନୁସାରେ ରଥର ପଛ ପଟେ ଦ୍ୱାର ଖୋଲାଯାଏ ଓ ଅଶ୍ୱଙ୍କୁ ଆଗରୁ ଖୋଲି ଆଣି ନୂଆ ଦ୍ୱାରରେ ଯୋଚାଯାଏ।

## ମୃତିକା ସଂରକ୍ଷଣ ଓ ଜଳ ବିଭାଜିକାର ଅଧିକାରୀମାନଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୦/୦୪ (ନି.ପ୍ର): ମାଟିର ସମୃଦ୍ଧିରେ ଉତ୍ପାଦନ ବୃଦ୍ଧି। ମାଟି ସୁସ୍ଥ ଓ ସମୃଦ୍ଧ ରହିଲେ ହିଁ କୃଷି ଉତ୍ପାଦନ ବଢ଼ିପାରିବ। ତେଣୁ ମୃତିକାକୁ ସଂରକ୍ଷିତ ରଖିବା ଦିଗରେ ମୃତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ। ଉଭୟ ଜଳ ଏବଂ ମୃତିକା କୃଷି କାର୍ଯ୍ୟର ପ୍ରମୁଖ ଉପାଦାନ ହୋଇଥିବାରୁ ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟର ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି ପୂର୍ବାହ୍ନରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ମୃତିକା ସଂରକ୍ଷଣ ଓ ଜଳ ବିଭାଜିକାର ସଂପ୍ରସାରଣ ଅଧିକାରୀ, ଓଭରସିଅର ଓ ଅନ୍ୟ ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଦ୍ରୁତ ଶକ୍ତି ।ୟନ, ସହରୀକର ଣ ଆଦି କାର ଣରୁ ଚାଷ ଜମି କମୁଥିବା ସତେ୍ , ମୃତିକାର ଉତମ ପରିଚାଳନା, ଉନ୍ନତ ବିହନ ଓ କୃଷି ପଦ୍ଧତିର ବ୍ୟବହାର ଦ୍ୱାରା କୃଷି ଉତ୍ପାଦନ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର କବଳିତ ହେବା ସତ୍ତ୍ୱେ ରାଜ୍ୟରେ ପ୍ରତିବର୍ଷ ରେକର୍ଡ ପରିମାଣର ଧାନ ଉତ୍ପାଦନ ହେଉଛି। କୃଷି କାର୍ଯ୍ୟରେ ଉତ୍କର୍ଷ ହାସଲ ଯୋଗୁ ରାଜ୍ୟ ଅନେକ ଥର କୃଷି କର୍ମଣ ପୁରସ୍କାର ପାଇବା ସହିତ ମୃତିକା ସଂରକ୍ଷଣ ବିଭାଗ ଦୁଇଟି ମର୍ଯ୍ୟାଦାଜନକ ସ୍କଚ ଆୱାର୍ଡ ପାଇଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ୫ ବର୍ଷରେ ୫ ଲକ୍ଷ ଫାର୍ମ ପଣ୍ଡ ଖନନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୋ ପୋଖରୀ ଖନନ କରି ଜଳସେଚନର ସୁଯୋଗ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ। ଅସଂପୂର୍ଣ୍ଣ ଫାର୍ମ ପଣ୍ଡଗୁଡ଼ିକର ଖନନ କାର୍ଯ୍ୟକୁ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯେଉଁସବୁ ଜିଲ୍ଲାଗୁଡ଼ିକରେ ଫାର୍ମପଣ୍ଡ ଖନନ କାର୍ଯ୍ୟ ଆଶାନୁରୂପ ହୋଇନାହିଁ ସେଠାରେ ସଂପୃକ୍ତ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ। ନିର୍ଦ୍ଦେଶାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହାର ଫଟୋଚିତ୍ର ଓ ଭିଡ଼ିଓଗ୍ରାଫି କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

## ବାଣିଜ୍ୟ ସୁଧାର ଉପାୟ କ୍ଷେତ୍ରରେ ସହଯୋଗ ଢାଂଚା ସ୍ଥାପନ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ଏମଓୟୁ ସ୍ୱାକ୍ଷର

ନୂଆଦିଲ୍ଲୀ,୨୦/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ, ବାଣିଜ୍ୟ ଉପଚାର ମହାନିର୍ଦ୍ଦେଶାଳୟ, ଭାରତ ଓ ବାଲାଂଦେଶ ବାଣିଜ୍ୟ ଶୁଳ୍କ ଆୟୋଗ, ବାଂଲାଦେଶ ଗଣରାଜ୍ୟ ମଧ୍ୟରେ ମାର୍ଚ୍ଚ ୨୭, ୨୦୨୧ରେ ଢାକା ଠାରେ ବାଣିଜ୍ୟ ସୁଧାର ଉପାୟ କ୍ଷେତ୍ରରେ ସହଯୋଗ ଢାଂଚା ସ୍ଥାପନ ପାଇଁ ହୋଇଥିବା ରାଜିନାମା (ଏମଓୟୁ)କୁ ଅନୁମୋଦନ ଦେଇଛନ୍ତି। ଉଦ୍ଦେଶ୍ୟ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସହଯୋଗକୁ ପ୍ରୋତ୍ସାହନ ଦେବା, ସୂଚନା ଆଦାନପ୍ରଦାନ ସମ୍ପର୍କିତ ବ୍ୟାପକ ଗତିବିଧିକୁ ସାମିଲ କରିବା, ଆଂଟି ଡମ୍ପିଂ, ସମାନ ଉତ୍ପାଦ ପ୍ରସ୍ତୁତି ଓ ଦ୍ୱିପାକ୍ଷିକ ବାଣିଜ୍ୟରେ ସୁରକ୍ଷା ପଦକ୍ଷେପ ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନର ବିଭିନ୍ନ ସର୍ତ ମୁତାବକ ଦକ୍ଷତା ନିର୍ମାଣ ରାଜିନାମାର ପ୍ରାଥମିକ ଉଦ୍ଦେଶ୍ୟ। ଏମଓୟୁ ମାଧ୍ୟମରେ ଦୁଇ ଦେଶର ପ୍ରାଧିକୃତ କର୍ତୃପକ୍ଷଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ଦ୍ୱାରା ଅସଙ୍ଗତ ବାଣିଜ୍ୟିକ ପ୍ରକ୍ରିୟା ବନ୍ଦ ହେବ ଓ ଉଭୟ ଦେଶ ମଧ୍ୟରେ ନିୟମ ଆଧାରିତ ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରୋତ୍ସାହନ ମିଳିବ।

ଧ୍ୱନି ପ୍ରତିଧ୍ୱନି



# କୋଭିଡ୍ ଟିକାକୁ ନେଇ ଅଯଥା ଆତଙ୍କ ସୃଷ୍ଟି ନକରନ୍ତୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର,୨୦/୦୪ (ନି.ପ୍ର): ଭାରତରେ ବିଶ୍ୱ ଇତିହାସର ସର୍ବବୃହତ ଟିକା ପ୍ରଦାନ କାର୍ଯ୍ୟକ୍ରମ ଚାଲିଛି । ଏଭଳି ସଂକଟ ସମୟରେ ପ୍ରଧାନମନ୍ତ୍ରୀଙ୍କ ସମସ୍ତ ଯୁଗାନ୍ତକାରୀ ପଦକ୍ଷେପକୁ ସମର୍ଥନ କରିବା ପରିବର୍ତ୍ତେ ଟିକା ଅଭାବର ଯେଉଁ ଅଯଥା ଆତଙ୍କ ରାଜ୍ୟ ସରକାର ସୃଷ୍ଟି କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା କହିଛନ୍ତି । ବର୍ତ୍ତମାନ ମାସିକ ୭ କୋଟି ଟିକା ଉତ୍ପାଦନ କ୍ଷମତାକୁ ୯ କୋଟିକୁ ବୃଦ୍ଧି କରିବା ପାଇଁ ମୋଦି ସରକାର ଉଦ୍ୟମରତ । ଭାରତ ବାୟୋଟେକ, ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସମେତ ଆଉ ୩ଟି ରାଷ୍ଟ୍ରାୟତ ଟିକା ଉତ୍ପାଦନକାରୀ ସଂସ୍ଥାଙ୍କୁ ଉତ୍ପାଦନ ପ୍ରକ୍ରିୟାରେ ସାମିଲ କରାଯାଇଛି । ଟିକା ଖରିଦ ପାଇଁ ଅଗ୍ରୀମ ହିସାବରେ ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆକୁ ୩୦୦୦ କୋଟି ଓ ଭାରତ ବାୟୋଟେକକୁ ୧୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । କୋଭାକ୍ସିନ ଟିକା ପ୍ରସ୍ତୁତ କରୁଥିବା ଭାରତ ବାୟୋଟେକ ବର୍ତ୍ତମାନ ମାସିକ ୧ କୋଟି ମାତ୍ର ଟିକା ଉତ୍ପାଦନ କରୁଛି । ମେ-ଜୁନ ମାସରେ ୨ କୋଟି, ଜୁଲାଇ-ଅଗଷ୍ଟ ମାସରେ ୭ କୋଟି ଓ ସେପ୍ଟେମ୍ବର ସୁଦ୍ଧା ୧୦ କୋଟି ମାତ୍ରାକୁ ବୃଦ୍ଧି କରିବା ପାଇଁ ସମସ୍ତ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଗତ ମାର୍ଚ୍ଚ ୧୭ ତାରିଖରେ ଗଠିତ ଆନ୍ତଃବିଭାଗୀୟ ପ୍ୟାନେଲର ଅନୁମୋଦନକ୍ରମେ ଏହି ପଦକ୍ଷେପ ନିଆଯାଇଛି । କୋଭିଡ ଟିକା ଯୋଗାଣ ଶୃଙ୍ଖଳକୁ ଆହୁରୁ ଅଧିକ ମଜବୁତ କରିବା ପାଇଁ ତାମିଲନାଡୁର ଚେଙ୍ଗାଲପାଟୁସ୍ଥିତ ଇଂଟିଗ୍ରେଟେଡ ଭାକ୍ସିନ କମ୍ପ୍ଲେକ୍ସ କୁ କାର୍ଯ୍ୟକ୍ଷମ କରିବା ପାଇଁ ମଧ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ପଣ୍ଡା ସୁଚନା ଦେଇ କହିଛନ୍ତି । ୨୦୧୧ କଂଗ୍ରେସ ଶାସନ କାଳରେ ଘୋଷିତ ନ୍ୟାସନାଲ ଭ୍ୟାକ୍ସିନ ପଲିସିର ଘରୋଇ ସହଭାଗିତା ଆଳରେ ସମୁଦାୟ ୭ଟି ରାଷ୍ଟ୍ରାୟତ ଟିକା ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ୩ଟିର ଲାଇସାନ୍ସ ରଦ୍ଦ କରିଦିଆଯାଇଥିଲା । ମାତ୍ର ୨୦୧୨ ମସିହାରେ ଏକ ଜନସ୍ୱାର୍ଥ ମାମଲାର ରାୟ ବଳରେ ମାନ୍ୟବର ସୁପ୍ରିମକୋର୍ଟ ଏହି ରଦ୍ଦ ନିଷ୍ପତିକୁ ପ୍ରତ୍ୟାହାର କରାଇଥିଲେ । ୨୦୧୭ ମସିହାରେ ବିଜେପି ଶାସନ କାଳରେ ଘୋଷିତ ନ୍ୟାସନାଲ ହେଲ୍‌ଥ ପଲିସି ଆଜି ଗୁଣାତ୍ମକ ଟିକା ଯୋଗାଣ ଓ ଟିକା ପ୍ରସ୍ତୁତକାରୀ ସଂସ୍ଥାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା କରାଇବାରେ ଉପଯୋଗୀ ପ୍ରମାଣିତ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ବାଲେଶ୍ୱରରେ ଦିନକରେ ୮୪ ସଂକ୍ରମିତ : ନାଇଟ କର୍ଫ୍ୟୁ ପରେ ସପ୍ତାହାନ୍ତ ସଟଡାଉନ ପାଇଁ ପ୍ରାଶାସନିକ ପ୍ରସ୍ତୁତି

ବାଲେଶ୍ୱର,୨୦/୦୪ (ନି.ପ୍ର): ଓଡ଼ିଶାରେ ଦ୍ୱିତୀୟ ଲହର କରୋନା ସଂକ୍ରମିତଙ୍କ ସଂଖ୍ୟା ଦୈନିକ ୫ହଜାର ଛୁଇଁବାକୁ ଯାଉଥିବା ବେଳେ ସ୍ଥିତି କ୍ରମଶଃ ସଙ୍ଗୀନ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଇଛି । । ତେବେ ପଶ୍ଚିମ ଓଡିଶା ସମେତ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର ସର୍ବାଧିକ ଥିବା ବେଳେ ବାଲେଶ୍ୱରରେ ମଧ୍ୟ ସ୍ଥିତି ଚିନ୍ତାଜନକ ହେବାକୁ ଲାଗିଲାଣି । ବାଲେଶ୍ୱରରେ ଗତ କିଛିଦିନ ଧରି ସଂକ୍ରମଣ ହାର ବଢ଼ି ବଢ଼ି ଚାଲିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ୮୪ ଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଚିହ୍ନଟ ହୋଇଥିବା ପଜିଟିଭମାନଙ୍କ ମଧ୍ୟରେ ବାଲେଶ୍ୱର ସହରର ମୀର୍ଜାପୋଖରୀ ଅଂଚଳରୁ ୬ଜଣ, ବିସି ସେନ ରୋଡ, ଗୁଡିପଦା, ମଠସାହି, ଅଙ୍ଗାରଗଡିଆ, ନେଳିଆବାଗ, ନୂଆବଜାର, ସୁନହଟ, ସହଦେବଖୁଂଟା, ଡିଆଇସି କଲୋନୀ ଅଂଚଳ ସମେତ ଆଇନ ମହାବିଦ୍ୟାଳୟ ଓ ଜିଲା ମୁଖ୍ୟଚିକିତ୍ସାଳୟରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ଅଛନ୍ତି । ସେହିପରି ସଦର ବ୍ଲକର କଣ୍ଟାବଣିଆ ଓ ଜୟେଶ୍ୱରପୁର ସମେତ ଅନ୍ୟାନ୍ୟ ଅଞ୍ଚଳରୁ ମୋଟ ୯ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ରେମୁଣା ବ୍ଲକର ସାହୁପଡ଼ାରୁ ୧୫ ଜଣ, ବାଲିଆରୁ ୪ ଜଣ, ଶ୍ରୀକାନ୍ତପୁର, ଜାନୁଗଞ୍ଜ ଓ ଟୁଲଙ୍କସାହିରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ସେହିପରି ନୀଳଗିରି ବ୍ଲକରୁ ଜଣେ, ସିମୁଳିଆ ବ୍ଲକରୁ ୨ ଜଣ, ଖଇରା ବ୍ଲକର ୭ ଜଣ, ଜଳେଶ୍ୱର ବ୍ଲକରୁ ଜଣେ, ଭୋଗରାଇ ବ୍ଲକରୁ ୩ ଜଣ, ବସ୍ତା ବ୍ଲକରୁ ୩ ଜଣ, ବାଲିଆପାଳ ବ୍ଲକରୁ ୧୪ ଜଣ ଓ ବାହାନଗା ବ୍ଲକରୁ ଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି । ତେବେ ସମସ୍ତ ନୂଆ ପଜିଟିଭ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏପ୍ରିଲ ମାସର ୧ ତାରିଖରୁ ଅଦ୍ୟାବଧି ବାଲେଶ୍ୱର ଜିଲାର ସଂକ୍ରମିତଙ୍କ ସଂଖ୍ୟା ୯୫୮ରେ ପହଞ୍ଚିଛି । ଏହି ସଂକ୍ରମଣ ଆଗାମୀ ଦିନରେ ଆହୁରି ବଢିବାର ଆଶଙ୍କା ଦେଖାଦେଇଛି । ଏଥିପାଇଁ ଜନସାଧାରଣ ସତର୍କତା ଅବଲମ୍ବନ ସହ ସର୍ବଦା ମାସ୍କ ବ୍ୟବହାର ଓ ସମାଜିକ ଦୂରତା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ତେବେ ବଢୁଥିବା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ନାଇଟ କର୍ଫ୍ୟୁ ଓ ଏବେ ସପ୍ତାହାନ୍ତ ଦୁଇ ଦିନିଆ ସଟଡାଉନ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲାର ବାଲେଶ୍ୱର ପୌରାଞ୍ଚଳ ସମେତ ନୀଳଗିରି, ସୋର ଓ ଜଳେଶ୍ୱର ପ୍ରଭୃତି ସହର ଓ ତା'ର ଉପକଣ୍ଠ ଅଞ୍ଚଳରେ ନାଇଟ କର୍ଫ୍ୟୁ ବଳବତ୍ତର ରହିଥିବା ବେଳେ ଆସନ୍ତା ୨୪ ତାରିଖରୁ ସପ୍ତାହାନ୍ତ ସଟଡାଉନ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ କଡ଼ାକଡ଼ି ପାଳନ ପାଇଁ ଉଭୟ ପ୍ରଶାସନ ଓ ଜିଲା ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ।

## ହିମାଚଳ ପ୍ରଦେଶରେ ଗତ ୨୪ ଘଂଟାରେ ୧,୩୪୦ କରୋନାର ନୂଆ ମାମଲା

ଶିମଲା,୨୦/୦୪ (ନି.ପ୍ର): ହିମାଚଳ ପ୍ରଦେଶରେ ଗତ ୨୪ ଘଂଟାରେ ୧,୩୪୦ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭୯,୪୧୦ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୧,୨୦୬ ଜଣ ମୃତ୍ୟୁବରଣ କରିଛନ୍ତି ।

## କୋଭିଡ କଟକଣାକୁ ଲୋକେ ମାନୁନାହାନ୍ତି

ବାଲିଆପାଳ,୨୦/୦୪ (ନି.ପ୍ର): ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ସରକାରଙ୍କ କୋଭିଡ କଟକଣାକୁ ଲୋକେ ମାନୁନାହାନ୍ତି । ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କୁହାଯାଉଛି । ବାଲିଆପାଳ ବ୍ଲକର ବିଭିନ୍ନ ସପ୍ତାହିକ ହାଟ ଓ ବଜାର । ଅଂଚଳରେ ଦୈନନ୍ଦିନ ପ୍ରବଳ ଜନଗହଳୀ ହେଉଛି । ଅଧିକାଂଶ କ୍ରେତା ଓ ବିକ୍ରେତା ଜାଣିଶୁଣି ମାସ୍କ ବାନ୍ଧୁ ନାହାନ୍ତି । ସାମାଜିକ ଦୂରତା ମଧ ଲୋକେ ପାଳନ କରୁନାହାନ୍ତି । ଗତ କେତେ ଦିନ ତଳେ ବାଲିଆପାଳରୁ ୫/୬ ଜଣ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏବେ ସେମାନେ ଘରୋଇ ସଂଙ୍ଗରୋଧ କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି । ଜଣଙ୍କର ମଧ ମୃତ୍ୟୁ ହୋଇଛି । ତେବେ ଏ ସବୁ ସତ୍ୱେ ମଧ ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କର କୌଣସି ଟେଷ୍ଟ କରାଯାଉନାହିଁ । ଯାହାଫଳରେ ମହାମାରୀ କାୟା ବିସ୍ତାର କରୁଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଏପ୍ରିଲ ୨୨ରୁ ଯଶୋବନ୍ତପୁର - ହାଓଡ଼ା ବିଶେଷ ଟ୍ରେନ

ଭୁବନେଶ୍ୱର,୨୦/୦୪ (ନି.ପ୍ର): ଯଶୋବନ୍ତପୁର ଓ ହାଓଡ଼ା ମଧରେ ୨୨ ଏପ୍ରିଲରୁ ୨୯ ଜୁନ୍ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି । ୦୬୫୯୭ ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ଯଶୋବନ୍ତପୁର ଠାରୁ ଏପ୍ରିଲ୍ ୨୨ ରୁ ୨୪ ଜୁନ୍, ୨୦୨୧ ମଧରେ ପ୍ରତ୍ୟେକ ଗୁରୁବାର ପୂର୍ବାହ୍ନ ୯ଟା୫୫ମି.ରେ ଛାଡି ହାଓଡ଼ା ଠାରେ ତା'ପରଦିନ ସନ୍ଧ୍ୟା ୬ଟା୩୦ମି.ରେ ପହଂଚିବ । ଫେରିବା ପଥରେ ୦୬୫୯୮ ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୭ ଏପ୍ରିଲରୁ ୨୯ ଜୁନ୍ ମଧରେ ପ୍ରତ୍ୟେକ ମଙ୍ଗଳବାର ଅପରାହ୍ନ ୧୨ଟା୪୦ମି.ରେ ଛାଡି ଯଶୋବନ୍ତପୁର ଠାରେ ତା'ପରଦିନ ରାତ୍ର ୮ଟା୪୦ମି.ରେ ପହଂଚିବ । ଏହି ଟ୍ରେନରେ ୧୦ ଟି ଏସି - ୩ ଟାୟାର, ୦୬ ଟି ଏସି-୨ ଟାୟାର, ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଥିବାବେଳେ ଏହା ଉଭୟ ପାର୍ଶ୍ୱରୁ ଯଶୋବନ୍ତପୁର ଓ ହାଓଡ଼ା ମଧରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ । ଏହି ଟ୍ରେନ ପୂର୍ବତଟ ରେଳପଥ ପରିସୀମା ମଧରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପାଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ, ବିଶାଖାପାଟନମ୍ ଏବଂ ଦୁଭାଡା ଷ୍ଟେସନ ଠାରେ ରହଣି କରିବ ।

## ରାଜ୍ୟରେ କରୋନାରେ ଆଉ ୫ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୧୯୫୩ ହେଲା

ଭୁବନେଶ୍ୱର,୨୦/୦୪ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ୫ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହା ସହ କରୋନାରେ ରାଜ୍ୟରେ ମୃତ୍ୟୁ ବରଣ କରିଥିବା ସଂକ୍ରମିତଙ୍କ ସଂଖ୍ୟା ବଢି ୧୯୫୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏମାନଙ୍କ ମଧ୍ୟରୁ ତିନି ଜଣ ନୂଆପଡା ଜିଲ୍ଲାର ହୋଇଥିବା ବେଳେ କେନ୍ଦୁଝର ଓ ରାୟଗଡା ଜିଲ୍ଲାର ଜଣେ ଜଣେ ଅଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ରାୟଗଡା ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମେଦବହୁଳତା ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୫୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ୮୦ ଓ ୩୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି । ଉଭୟ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ନୂଆପଡା ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି ।

# ୬୦ ଜାତୀୟ ରାଜପଥରେ ଯାନ ଚଳାଚଳ କଟକଣା

## ଗଳାବାଟ ଦେଇ ଆନ୍ତଃରାଜ୍ୟ ବସ୍ ଓ ଚାରିଚକିଆ ଯାନ ଯାତାୟାତ : ଦଲାଲ ମାଲେମାଲ



ଜଳେଶ୍ୱର, ୨୦/୪ (ନିପ୍ର) : କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ଆଜିଠାରୁ ଆନ୍ତରାଜ୍ୟ ଯାନ ଚଳାଚଳ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରୋକ ଲଗାଯାଇଛି । ଅନ୍ୟପକ୍ଷରେ ଉପାନ୍ତରେ ଥିବା ବହୁ ଗଳା ରାସ୍ତାରେ ଏହି ଯାନ ଗୁଡିକ ରାଜ୍ୟ ଭିତରକୁ ଓ ବାହାରକୁ ଯାତାୟାତ କରୁଥିବା ବେଳେ ଏଥିରେ ଦଲାଲମାନେ ମାଲେମାଲ ହେଉଛନ୍ତି । ରାଜ୍ୟର ଉତ୍ତର ଉପାନ୍ତରେ ଆନ୍ତରାଜ୍ୟ ଚଳାଚଳ କରୁଥିବା ବସ୍ ଓ ଚାରିଚକିଆ ଯାନ ଗୁଡିକୁ ୧୮ ତାରିଖରୁ ବାଲେଶ୍ୱର ଜିଲା ପ୍ରଶାସନ କଡାକଡି ଯାଞ୍ଚ କରି ଆସୁଛନ୍ତି । ଫଳରେ ୬୦ ଜାତୀୟ ରାଜପଥର ଟୋଲ ପ୍ଲାଜାଠାରେ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି । ବାଲେଶ୍ୱର ଆରଟିଓ କର୍ମଚାରୀ ଓ ଜଳେଶ୍ୱର ପୋଲିସ୍ ସହାୟତାରେ ଏପରି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଦଲାଲମାନେ ସକ୍ରିୟ ହୋଇ ଉଠିଛନ୍ତି । ପ୍ରକାଶଯୋଗ୍ୟ ଗତ ବର୍ଷ ଏପରି ପ୍ରକ୍ରିୟା ଚାଲିଥିବା ବେଳେ ଦଲାଲମାନେ ଜଳେଶ୍ୱର-ସୁନାକଣିଆ ଓଟି ରୋଡ୍, ଜଳେଶ୍ୱର-ସୋଲପଟ୍ଟା, ଲକ୍ଷ୍ମଣନାଥରୋଡ-ଆମ୍ବଳିଅଠା, ସୋଲପଟା-ସୁଗୋ, ସୁଗୋ-ଧୋଇପଡା ମୁଖ୍ୟ ରାସ୍ତା ଗୁଡିକ ଖୋଲା ମେଲା ପଡିଛି । ଫଳରେ ସ୍ଥାନୀୟ ଦଲାଲମାନେ ବହୁ ଅଧିକ ଦାଦାବଟି ନେଇ ଗାଡି ଗୁଡିକୁ ରାଜ୍ୟଭିତରକୁ ଓ ବାହାରକୁ ଯାତାୟାତ କରି ପାରୁଛିତ । ଏହା ଫଳରେ ଟୋଲପ୍ଲାଜାଠାରେ ରାଜସ୍ୱ ହାନି ହେବା ସହିତ ପ୍ରବାସୀମାନେ ପଂଜିକରଣ ନ ହୋଇ ଅବାଧରେ ଯାତାୟାତ କରିପାରୁଛନ୍ତି । ଗତ ବର୍ଷ ଏପରି ହୋଇଥିବାରୁ ରାଜ୍ୟରେ କରୋନ ପଜେଟିଭ୍ ସଂଖ୍ୟା ବୃଦ୍ଧି ପାଇଥିଲା । ଏପରି ଘଟଣା ସଂପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ପୁଲିସ୍ ଡିଜିପ୍ ଶ୍ରୀ ଅଭୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଉପାନ୍ତରେ କଡାକଡି ପାଳନ କରାଯିବାକୁ ଦାବି ହେଉଛି ।

## ଶ୍ରୀରାମ ମହାଯଜ୍ଞ ପାଇଁ ଗୋ- ପୂଜନଏବଂ କଳସ ଶୋଭାଯାତ୍ରା



ଧାମନଗର,୨୦/୦୪ (ନି.ପ୍ର): ଧାମନଗର ଠାରେ ପ୍ରଥମଥର ଆରମ୍ଭ ହୋଇଥିବା ଶ୍ରୀରାମ ମହାଯଜ୍ଞ ପାଇଁ ଆଜି କଳସ ଶୋଭାଯାତ୍ରା ସହିତ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସକାଳେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦକ୍ଷିଣବାଡ଼ ଗ୍ରାମ ପଡ଼ିଆରେ ଗୋ ମାତାଙ୍କର ପାରମ୍ପରିକ ରୀତିରେ ପୂଜା କରାଯାଇ ବନ୍ଦାପନା କରାଯାଇଥିଲା । ପରେ ବିଭିନ୍ନ ମଠ ମନ୍ଦିର, ଧର୍ମାନୁଷ୍ଠାନରୁ ଆଗତ ସାଧୁସନ୍ଥଙ୍କୁ ବରଣୀ କରାଯାଇ ସ୍ୱାଗତ କରାଯିବା ସହିତ ସମ୍ମାନିତ କରାଯାଇଥିଲା । ଶ୍ରୀରାମ ମହାଯଜ୍ଞ ସମିତିର ମୁଖ୍ୟ ଉପଦେଷ୍ଟା ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜତ ହୋଇଥିଲା । ଅପରାହ୍ନରେ ବ୍ରତଧାରି ମହିଳା ଓ ପୁରୁଷ ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା । ଏହି ଆଧାତ୍ମିକ ପରିବେଶ ମଧ୍ୟରେ ଘଣ୍ଟ ଘଣ୍ଟା ପଟୁଆରରେ ଶୋଭାଯାତ୍ରା ନିକଟସ୍ଥ ଅଂଚଳ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ଘଣ୍ଟ ସଂସ୍ଥାପନ ହୋଇଥିଲା । ଏହାପରେ ବିଶ୍ୱ କଲ୍ୟାଣ ମହାଯଜ୍ଞର ଅଗ୍ନି ସଂଯୋଗ ପଣ୍ଡିତ ମାନଙ୍କ ଦ୍ୱାରା କରାଯାଇଛି । ଦିବସବ୍ୟାପି କାର୍ଯ୍ୟକ୍ରମକୁ ଜିଲ୍ଲାପରିଷଦ ସଭ୍ୟ ମନୋଜରଂଜନ ମଲ୍ଲିକ, ସୁରଥଚନ୍ଦ୍ର ସେଠୀ, ଶ୍ରୀମତୀ ଉମାମଣୀ ସାହୁ, ସରପଂଚ, ସମିତ୍ୟ ସଭ୍ୟ, ସଭ୍ୟା, କଳସ ଶୋଭାଯାତ୍ରାରେ ନଗର ସଭାପତି କୈଳାଶ ମହାପାତ୍ର, ସରୋଜ କୁମାର ମହାପାତ୍ର, କୈଳାଶ ଗୁପ୍ତା, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ମିଶ୍ର, ଅରବିନ୍ଦ ପତି, ରଣଜିତ୍ ମହାନ୍ତି, ବିରେନ୍ଦ୍ର ଜେନା, ଅନନ୍ତ ଜେନା, ବିଜୟ କୁମାର ରାମ, ମହେଶ୍ୱର ସ୍ୱାଇଁ, ମାନସୀ ଜେନା, ପୁଷ୍ପାଞ୍ଜଳି ବେହେରା, ଗୋଦାବରି ଦେବତା, କବିତା ରାୟ, ସରୋଜ ପରିଡ଼ା, ସଞ୍ଜୟ ସ୍ୱାଇଁ, ଭୂବେନ୍ଦ୍ର ନାୟକ, ବୈକୁଣ୍ଠନାଥ ସାହୁ, ସୁରଜ ସାହୁ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କୋଭିଡ୍ କଟକଣା ମଧ୍ୟରେ ବାସନ୍ତୀପୂଜା ଅନୁଷ୍ଠିତ



ଜଳେଶ୍ୱର, ୨୦/୪ (ନିପ୍ର) : ଆଜି ପବିତ୍ର ବାସନ୍ତୀପୂଜା ଅବସରରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ କରେନା କଟକଣା ମଧ୍ୟରେ ବାସନ୍ତୀପୂଜା ଅନୁଷ୍ଠିତ ହୋଇଛି । ଜଳେଶ୍ୱରର ନାମ୍ପୋ, ସାହାପୁର, ଶାଳିକୋଠା, ଜମାଲପୁର, ବାଘମାରୀ, ଶିଖରପୁର, କନକାଇ, ଚାଫଲା ଓ ରାଇବଣିଆଠାରେ ବାସନତୀପୂଜା ହୋଇଥିବାର ଜଣାଯାଇଛି । ଆଜି ଅଷ୍ଟମୀପୂଜା ଥିବାରୁ ପ୍ରତିବର୍ଷ ପରି ବ୍ରତୀମାନଙ୍କର ପୂଜାଡାଲା ପୂଜା ମଣ୍ଡପକୁ ଆଣିବା ଉପରେ କଟକଣା ଲଗାଯାଇଥିବାରୁ ସେପରି ପୂଜାର୍ଚ୍ଚନା ହୋଇପାରିନାହିଁ । ଜଳେଶ୍ୱର ସହରରେ ଦେବୀପୀଠ ନୂଆବଜାର ଓ ଷ୍ଟେସନ ବଜାରରେ ବାସନ୍ତୀପୂଜା ଅନୁଷ୍ଠିତ ହୋଇଛି । କିନ୍ତୁ ଦୀର୍ଘ ୫୨ବର୍ଷ ଧରି ବାସନ୍ତୀପଡିଆଠାରେ ପୂର୍ଜାର୍ଚ୍ଚନା ହୋଇ ଆସୁଛି । ପଶ୍ଚିମବଂଗ ଢାଞ୍ଚାରେ ମୂର୍ତ୍ତୀ ନିର୍ମାଣ, ପୂଜାବିଧି ମଧ୍ୟରେ ଆଜିର ପୂଜାର୍ଚ୍ଚନା ଶେଷ ହୋଇଛି । ଏହି ପୂଜା କମିଟିର ସଭାପତିଭାବେ ପୂର୍ବତନ ନଗରପାଳ ବସନ୍ତ ସେନାପତି, ସଂପାଦକ ଦୁର୍ଜ୍ଜୟ ପାଣିଗ୍ରାହୀ ଉପସ୍ଥିତ ରହି ପ୍ରତ୍ୟେକ୍ଷଭାବେ ତତ୍ୱାବଧାନ କରିଥିଲେ । ଏହି ପଶ୍ଚିମବଂଗ ଢାଞ୍ଚାରେ ସରୋଜ କୁମାର ପାଣିଗ୍ରାହୀ, ଶ୍ୟାମାଶଂକର ଧର, ଚନ୍ଦ୍ର ମୋହନ ପଣ୍ଡା, ରମଣି ରଂଜନ ପାଠୀ, ସତ୍ୟବ୍ରତ ପାଠୀ ପ୍ରମୁଖ ପୂଜାର୍ଚ୍ଚନା କରିଥିବା ବେଳେ ଡ. ଅଜିତ୍ କୁମାର ମହାନ୍ତି ପୂଜା ଓ ଯଜ୍ଞ କାର୍ଯ୍ୟରେ ସାମିଲ ଥିଲେ । ଶଂକର ପାତ୍ର, ମନୋଜ ଗିରି, ଅଶ୍ୱିନୀ କର, କେଦାର ନାଥ ଗିରି, ସମରେଶ ଦିନ୍ଦା, ଗୟାରାମ ପରିଡା, ଅଶୋକ କୁମାର ବାରିକ, ବାଦଲ ସେନାପତି, ଅକ୍ଷୟ ପାଣିଗ୍ରାହୀ, ନିରୋଜ ପାଣିଗ୍ରାହୀ ପ୍ରମଖ ସହଯୋଗ କରିଥିଲେ ।

## ବାଙ୍ଗାଲୋର ମେଟ୍ରୋ ରେଳ ପ୍ରକଳ୍ପର ୨ଏ ଏବଂ ୨ବି ପର୍ଯ୍ୟାୟକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ,୨୦/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ମୋଟ୍ ୫୮.୧୯ କିଲୋମିଟର ଦୈର୍ଘ୍ୟ ବାଙ୍ଗାଲୋର ମେଟ୍ରୋ ରେଳ ପ୍ରକଳ୍ପର ପର୍ଯ୍ୟାୟ ୨ଏ (କେନ୍ଦ୍ରୀୟ ସିଲ୍କ ବୋର୍ଡ ଜଙ୍କସନରୁ କେ.ଆର.ପୁରମ) ଏବଂ ପର୍ଯ୍ୟାୟ ୨.ବି (କେ.ଆର.ପୁରମ ରୁ ବିମାନବନ୍ଦର ଭାୟା ହେବଲ ଜଙ୍କସନ୍)କୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପର ସମୁଦାୟ କାର୍ଯ୍ୟ ମୂଲ୍ୟ ୧୪,୭୮୮.୧୦୧ କୋଟି ଟଙ୍କା ଅଟେ । ଏହି ପ୍ରକଳ୍ପର କାର୍ଯ୍ୟକାରିତା ବାଙ୍ଗାଲୋରକୁ ବହୁ ଆବଶ୍ୟକୀୟ ଅତିରିକ୍ତ ସାଧାରଣ ପରିବହନ ଭିତ୍ତିଭୂମି ଯୋଗାଇବ । ଉଦ୍ଦେଶ୍ୟ ଗୁଡିକ: ଏହି ପ୍ରକଳ୍ପ ବେଙ୍ଗାଲୁରୁର ସହରାଂଚଳ ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବ, ଯେଉଁଠାରେ ଦ୍ରୁତ ବିକାଶ, ବେସରକାରୀ ଯାନ ସଂଖ୍ୟା ବୃଦ୍ଧି ଏବଂ ସହରରେ ବ୍ୟାପକ ନିର୍ମାଣ ଯୋଗୁଁ ଯାତ୍ରା ଭିତିଭୂମି ତଥା ଶିଳ୍ପ କାର୍ଯ୍ୟକଳାପ ଉପରେ ଚାପ ସୃଷ୍ଟି ହେଉଛି ସେଠାରେ ଲୋକଙ୍କୁ ନିରାପଦ, ନିଶ୍ଚିତ, ନିର୍ଭରଯୋଗ୍ୟ ଏବଂ ଆରାମଦାୟକ ସାଧାରଣ ପରିବହନ ସେବା ଉପଲବ୍ଧ କରିବ । ଏହି ମେଟ୍ରୋ ପ୍ରକଳ୍ପଟି ସହରାଂଚଳ ପରିବହନର ପାରମ୍ପରିକ ବ୍ୟବସ୍ଥା ଉପରେ ଏକ ଅଭିନବ ପଦକ୍ଷେପ । ଏହି ପ୍ରକଳ୍ପରେ ଅନ୍ୟାନ୍ୟ ସହରାଂଚଳ ପରିବହନ ବ୍ୟବସ୍ଥା ସହିତ ଏକ ଦକ୍ଷ ଏବଂ ପ୍ରଭାବଶାଳୀ ଢଙ୍ଗରେ ଅନ୍ତର୍ଭୂକ୍ତ ହୋଇଛି ଯାହା କେବଳ ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ଅନୁଷ୍ଠାନିକ ପରିଚାଳନାର ଅଭିନବ ପଦ୍ଧତି ଗ୍ରହଣ କରିବାରେ ସକ୍ଷମ ।

# ସୁଗୋ ପଂଚାୟତ ବିକାଶ କାର୍ଯ୍ୟରେ ଦୁର୍ନୀତି : ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଜଳେଶ୍ୱର, ୨୦/୪ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଉନ୍ନୟନ କାର୍ଯ୍ୟରେ ଦୁର୍ନିତୀ ହୋଇ ଆସୁଥିବା ଅଭିଯୋଗ ର ନ୍ୟାୟ ମିଳୁନଥିବାରୁ ଏ ସମ୍ପର୍କରେ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ କରାଯାଇ ଆସୁଛି । ଫଳରେ ସେ ଗୁଡିକ ତଦନ୍ତ ପରିସରଭୁକ୍ତ ହେଉଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକର ସୁଗୋ ପଂଚାୟତରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନିତୀ ହୋଇଥିବାର ଅଭିଯୋଗ ହୋଇଥିଲେ ମଧ୍ୟ ଏଥିନେଇ ବିଡିଓ କର୍ଣ୍ଣପାତ କରୁନଥିଲେ । ଶେଷରେ ପଂଚାୟତର କେତେକ ବ୍ୟକ୍ତି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ନ୍ୟାୟ ନ ମିଳିବାରୁ ସେମାନେ ଉଚ୍ଚ ନ୍ୟାୟାଳୟ ଓ ଲୁକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏ ସବୁ ଦୁର୍ନିତିର ତଦନ୍ତ କରି ୩ ମାସ ମଧ୍ୟରେ ଜଣାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଘଟଣାର ୪ ମାସ ବିତିଯାଇଥିଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । କୋର୍ଟ ଜିଲାପାଳଙ୍କୁ ଅବମାନନା ସଂପର୍କରେ ସୂଚନା ଦେଇଥିଲେ । ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଆଜି ମଂଗଳବାର ଏଡିଏମ୍ ନିଲୁ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପଂଚାୟତ ଅଧିକାରୀ ରବିଚନ୍ଦ୍ର କୁଅଁର ଓ ବିଡିଓ ଦୀପ୍ତିରଂଜନ ସେଠୀ ପ୍ରମୁଖ ଅଭିଯୋଗ କରିଥିବା ବ୍ୟକ୍ତି ମାନଙ୍କ ସହିତ ଭେଟିଥିଲେ । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଅଭିଯୋଗର ଦସ୍ତାବିଜ ନେବା ସହିତ ଆସନ୍ତା ୨୨ ତାରିଖ ଗୁରୁବାର ଦିନ ତାଙ୍କ ପ୍ରକୋଷ୍ଠରେ ଭେଟିବାକୁ ପରାମର୍ଶ ଦେଇଛନ୍ତି । କେତେକ ସ୍ଥାନରେ ନଳକୂପ ଖନନ, ହରିଶ୍ଚନ୍ଦ୍ର ଯୋଜନା, ମହାକାଳଖାଲ ର ହାକାଣ୍ଡ ଘାଟ, କାଶିଡିହା ୟୁପିସ୍କୁଲ ପାଚେରୀ ନିର୍ମାଣ ଓ ଖେଳପଡିଆ ଉନ୍ନତିକରଣ, ବାଣିଦା ପମ୍ପ ହାଉସ୍, ବିଦ୍ୟୁତ୍‌କରଣ, ବାଣିଦା କମ୍ୟୁନିଟି କେନ୍ଦ୍ର ଓ ପଂଚାୟତ ବିବିଧ ଖର୍ଚ୍ଚରେ ଦୁର୍ନିତି ହୋଇଥିବାର ସଂଜୟ ସେନାପତିଙ୍କ ସହ ବହୁ ବ୍ୟକ୍ତି ଅଭିଯୋଗ କରିଥିବା ଜଣାଯାଇଛି ।

# ଆଉ ନୂଆ ୬୩ ଆକ୍ରାନ୍ତ ଚିହ୍ନଟ : ଜଣେ ମୃତ

ଭଦ୍ରକ,୨୦/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ନୂଆ ୬୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ଭଦ୍ରକ ବ୍ଲକର ଜଣେ ଆକ୍ରାନ୍ତ ଭୁବନେଶ୍ୱରର ହାଇଟେକ୍ ମେଡ଼ିକାଲରୁ, ଜଣେ ଏସ୍‌ସିବିରୁ, ଭଦ୍ରକ ପୌରପାଳିକାର ଜଣେ ହାଇଟେକ୍‌ରୁ, ଚାନ୍ଦବାଲି ବ୍ଲକର ଜଣେ ଏସ୍‌ସିବିରୁ, ତିହିଡ଼ି ବ୍ଲକର ଜଣେ ଭୁବନେଶ୍ୱରର ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ବାସୁଦେବପୁର ବ୍ଲକର ଜଣେ ଆକ୍ରାନ୍ତ ବିଦେଇପୁରରୁ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ବ୍ଲକ ଅଣ୍ଡେଇପଲ୍ଲୀରୁ ଜଣେ, ସାମରାଇପୁରରୁ ଜଣେ, ଗେଲଟୁଆରୁ ଜଣେ, ଅର୍ଣ୍ଣପାଳରୁ ୨ଜଣ, କାଉପୁରରୁ ୨ଜଣ, ଶାସନ ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ମଉସୁଧା ଗ୍ରାମରୁ ଜଣେ, ମହୁଲିଆ ଗ୍ରାମରୁ ୨ଜଣ, ଭଦ୍ରକ ପୌରପାଳିକାର ୧୬ ନଂ ୱାର୍ଡ ଚନ୍ଦନବଜାରରୁ ଜଣେ, ୬ ନଂ ୱାର୍ଡ ବାଇପାସ୍‌ରୁ ୨ଜଣ, ମଠସାହିରୁ ଜଣେ, ଗୋପବନ୍ଧୁ ନଗରରୁ ଜଣେ, ୯ ନଂ ୱାର୍ଡ ଚାରିଘରିଆରୁ ୩ଜଣ, ୧୨ ନଂ ୱାର୍ଡରୁ ଜଣେ, ୭ ନଂ ୱାର୍ଡ ଗୋପବନ୍ଧୁପୁରରୁ ଜଣେ, ୧୫ ନଂ ୱାର୍ଡ କୁଆଁସ ଗ୍ରାଗରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁରରୁ ଜଣେ, ଦକ୍ଷିଣବାଡ ଗ୍ରାମରୁ ୬ଜଣ, ଛତାବର ଗ୍ରାମରୁ ଜଣେ, କୁରିଗାଁ ଗ୍ରାମରୁ ଜଣେ, ବୀରଭଦ୍ର ଗ୍ରାମରୁ ଜଣେ, କୁଲଣା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକ ଚୁଡାକୁଟି ଗ୍ରାମରୁ ଜଣେ, ରାମେଶ୍ୱରପୁର ଗ୍ରାମରୁ ଜଣେ, ତିହିଡ଼ି ବ୍ଲକ ଜାମଜୋଡି ଗ୍ରାମରୁ ଜଣେ, ବନ୍ତ ବ୍ଲକ ଆମ୍ପୋର ଗ୍ରାମରୁ ୨ଜଣ, ତାଜିପୁର ଗ୍ରାମରୁ ୩ଜଣ, ବସନ୍ତିଆ ଗ୍ରାମରୁ ଜଣେ, ଗୋବିନ୍ଦପୁର ଗ୍ରାମରୁ ଜଣେ, ମହାନ୍ତିପଡ଼ା ଗ୍ରାମରୁ ଜଣେ, ନିଳୋକ ଗ୍ରାମରୁ ୨ଜଣ, ବୋଡକ ମସ୍‌ଜିଦ୍ ଗ୍ରାମରୁ ଜଣେ, ସାହାଡା ଗଡ଼ିଆ ଗ୍ରାମରୁ ଜଣେ, ଦେବତାଗଡ଼ିଆ ଗ୍ରାମରୁ ୨ଜଣ, ଆପତିରା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲାର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରୁ ୨ଜଣ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳରୁ ୩ଜଣ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତ ୬୩ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ ହଜାର ୩୫ ହୋଇଛି । ସେମାନଙ୍କ ମଧ୍ୟରୁ ୭ହଜାର ୬୨୨ ଜଣ ସୁସ୍ଥ ହୋଇଛନ୍ତି । ମୋଟ ମୃତ୍ୟୁ ସଂଖ୍ୟା ୨୫ରୁ ବୃଦ୍ଧି ପାଇ ୨୬ ହୋଇଛି । ଯେତେବେଳେ କି ଜିଲ୍ଲାରୁ ମୋଟ ୩ ଲକ୍ଷ ୩୨ ହଜାର ୬୫୦ଜଣଙ୍କ ନମୁନା ପରୀକ୍ଷା କରାଯାଇଛି । ଏବେ ଜିଲ୍ଲାରେ ମୋଟ ୩୮୭ ସକ୍ରିୟ ଆକ୍ରାନ୍ତ ରହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo